

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୨୪ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 24 MAY 2022
Vol.No. 33 ■ No. 135 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ଚୀନ-ଆମେରିକା ମଧ୍ୟରେ ମୁହାଁମୁହିଁ ସ୍ଥିତି !



ନୂଆଦିଲ୍ଲୀ, ୨୩/୦୫ : ତାଇୱାନକୁ ନେଇ କିଛି ଦିନ ହେବ ଆମେରିକା ଓ ଚୀନ ମଧ୍ୟରେ ଚାଲିଥିବା ବିବାଦ ଏବେ ଖୁଲମଖୁଲ୍ଲା ଧମକ ଓ ଚେତାବନୀରେ ପହଁଚିସାରିଛି । ଚୀନ ପ୍ରତିରକ୍ଷାମନ୍ତ୍ରୀ ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ତାଇୱାନ ପ୍ରସଙ୍ଗରେ ଆମେରିକା ଯଦି ପଛକୁ ନହଟେ ତେବେ ପରିଣାମ ଭୟଙ୍କର ହେବ । ଚୀନର ପ୍ରତିରକ୍ଷାମନ୍ତ୍ରୀ ୱିଥ ଫେଙ୍ଗେ ନିକଟରେ ଆମେରିକା ପ୍ରତିରକ୍ଷାମନ୍ତ୍ରୀ ଲଏଡ ଅଷ୍ଟିନ ସହ ଫୋନରେ କଥା ହୋଇଥିଲେ ଓ ଏହି ସମୟରେ ତାଇୱାନକୁ ନେଇ ଚୀନର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ଚୀନ କହିଛି– ଆମେରିକା ନିଜର ପ୍ରତିଶ୍ରୁତି ପୂରା କରୁ ଓ ଚୀନ ସହ ନୂଆ ଶୀତଳ ଯୁଦ୍ଧର ଆରମ୍ଭ ନକରୁ । ଆମେରିକା ତାଇୱାନର ସ୍ୱାଧୀନତାକୁ ନେଇ ନିଜର ସମର୍ଥନ ଜଣାଇବା ବନ୍ଦ କରୁ ଓ ଚୀନକୁ ଟକ୍କର ଦେବାକୁ ଚିନ୍ତା ନକରୁ । ତାଇୱାନ ଚୀନର ଅଭିନ୍ନ ଅଙ୍ଗ । ଏହାକୁ କେହି ବଦଳାଇପାରିବେନି । ଆମେରିକା ଭୁଲରେ ମଧ୍ୟ ଚୀନର କ୍ଷମତାକୁ ନପରଖୁ । ତାଇୱାନ ପ୍ରସଙ୍ଗକୁ ସଠିକ ଭାବେ ସମ୍ଭାଳିନପାରିଲେ ଦୁଇ ଦେଶର ସମ୍ପର୍କ ଉପରେ ଏହାର ବଡ ପ୍ରଭାବ ପଡିବ । ଚୀନ ଚେତାବନୀ ଉପରେ ଜବାବ ରଖିଛି ଆମେରିକା । କ୍ୱାଡ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ମଧ୍ୟ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଆମେରିକା କହିଛି– ଯଦି ତାଇୱାନ ଉପରେ ଚୀନ ଆକ୍ରମଣ କରେ ତେବେ ଆମେରିକା ନିଶ୍ଚିତଭାବେ ହସ୍ତକ୍ଷେପ କରିବ । ତାଇୱାନ ଉପରେ ବଳପ୍ରୟୋଗ କଲେ ଆମେରିକା ସୈନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ତାଇୱାନକୁ ନେଇ ଚୀନର ଉଦ୍ଦେଶ୍ୟ କଣ ସେକଥା ସାରା ବିଶ୍ୱକୁ ଜଣା । ତେବେ ଚୀନ ପାଇଁ ବଡ ପ୍ରତିବନ୍ଧକ ସାଜିଛି ଆମେରିକା । ସେଥିପାଇଁ ତାଇୱାନ ଉପରେ ଏବେ ସୁଦ୍ଧା ବି ସିଧାସଳଖ ଆକ୍ରମଣ କରିପାରୁନି ଚୀନ କିନ୍ତୁ ବର୍ତ୍ତମାନ ଚୀନ ଯେଉଁ ଧମକ ଦେଉଛି ସେଥିରୁ ଗୋଟେ କଥା ସ୍ପଷ୍ଟ କି ଆଗାମୀ ଦିନରେ ତାଇୱାନକୁ ନେଇ ଭୀଷଣ ଯୁଦ୍ଧ ହୋଇପାରେ । ପ୍ରାୟ ଗୋଟେ ବର୍ଷ ହେବ ଆମେରିକା ପ୍ରତିରକ୍ଷା ସ୍ତରରେ ଚୀନ ସହ ତାଇୱାନ ପ୍ରସଙ୍ଗରେ ଆଲୋଚନା ପାଇଁ ଚେଷ୍ଟା କରୁଥିବାବେଳେ ଏବେ ଚୀନ ଏହି ଧମକ ଦେଇଛି ।

## ସଙ୍କଟ ଭିତରେ ଶ୍ରୀଲଙ୍କା : ଦେଶରେ ଔଷଧର ଅଭାବ



ନୂଆଦିଲ୍ଲୀ, ୨୩/୦୫ : ଶ୍ରୀଲଙ୍କାର ଆର୍ଥିକ ସଙ୍କଟ ଯେ କେତେ ଭୟଙ୍କର ହୋଇପଡିଛି ସେକଥା ଦେଶରେ ଦେଖାଦେଇଥିବା ଖାଦ୍ୟଭାବ, ପେଟ୍ରୋଲ, ଗ୍ୟାସ ସରଯିବା ଓ ଅନ୍ୟାନ୍ୟ ଅତ୍ୟାବଶକୀୟ ଜିନିଷ ନମିଳିବା ଘଟଣାରୁ ସ୍ପଷ୍ଟ ଅନୁମେୟ । ଦେଶବାସୀଙ୍କ କଷ୍ଟର କାହାଣୀ ବଖାଣୁଛି କି କିଭଳି ଦିନକୁ ଦିନ ଶ୍ରୀଲଙ୍କାର ସ୍ଥିତି ଭୟାନକ ରୂପ ନେଉଛି । ଏହା ଭିତରେ ସ୍ଥାନୀୟ ଡାକ୍ତର ସରକାରଙ୍କୁ ଆଗାମୀ ଦିନରେ ଆସିବାକୁ ଥିବା ଆଉ ଏକ ବଡ ସମସ୍ୟାକୁ ନେଇ ସର୍ତକ କରାଇଛନ୍ତି । ସ୍ଥାନୀୟ ଚିକିତ୍ସକଙ୍କ ମତରେ ଦେଶରେ ଦେଖାଦେଲାଣି ଔଷଧ ଅଭାବ । ଯଦି ସମୟ ଥାଉ ଥାଉ ଏହାର କିଛି ବ୍ୟବସ୍ଥା କରାନଯାଏ ତେବେ ଔଷଧ ଅଭାବରେ ଲୋକଙ୍କ ମୃତ୍ୟୁ ବିଭିଷିକା ଖୁବ ଶିଘ୍ର ଆରମ୍ଭ ହୋଇପାରେ । ଡାକ୍ତରଖାନାରେ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଔଷଧ ଓ ଅନ୍ୟାନ୍ୟ ସୁବିଧା ମଧ୍ୟ ନାହିଁ । ତେଣୁ ଏଭଳି ସ୍ଥିତିରେ ଯଦି ଦେଶରେ ବଡ ମହାମାରୀ ସମସ୍ୟା ଆସେ ତେବେ ଲୋକଙ୍କ ଜୀବନ ବଂଚାଇବା କଷ୍ଟକର ବ୍ୟପାର ହୋଇପଡିବ ବୋଲି ଦେଶର ଡାକ୍ତରମାନେ ପୂର୍ବରୁ ସର୍ତକ କରାଇଛନ୍ତି । ଶ୍ରୀଲଙ୍କାର ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ରାଜଧାନୀ କଲୋମ୍ବୋର ସବୁଠୁ ବଡ କ୍ୟାନସର ହସପିଟାଲରେ ଘୋର ଔଷଧର ଅଭାବ ଦେଖାଦେଇଛି । ରୋଗୀ ପରିକ୍ଷାଠୁ ନେଇ ଅସ୍ତ୍ରୋପଚାର ବନ୍ଦ କରାଯାଉଛି । ଏଭଳି ସ୍ଥିତିରେ ରୋଗୀ କଲବଲ ହେବା ସହ ମୃତ୍ୟୁ ଆଶଙ୍କା ବି ଦେଖାଦେଲାଣି । ଔଷଧ ଅଭାବରୁ ରୋଗୀଙ୍କ ଜୀବନ ସଙ୍କଟରେ ରହିଛି । ସେପଟେ ବହୁବ୍ୟାଧି ଓ ଗୁରୁତର ରୋଗରେ ପୀଡିତ ରୋଗୀଙ୍କ ଚିକିତ୍ସା କିଭଳି କରାଯିବ ତାକୁ ନେଇ ଚିନ୍ତାରେ ସରକାର ଓ ସମ୍ପର୍କୀୟ । ୧୯୪୮ ମସିହା ସ୍ୱାଧୀନତା ପରେ ବର୍ତ୍ତମାନ ସବୁଠୁ ବଡ ଆର୍ଥିକ ସଙ୍କଟ ଦେଇ ଗତି କରୁଛି ଶ୍ରୀଲଙ୍କା । ଦେଶର ନୂଆ ପ୍ରଧାନମନ୍ତ୍ରୀ ରାନିଲ ବିକ୍ରମସିଂଘେ ଦେଶର ଅର୍ଥବ୍ୟବସ୍ଥାକୁ ଟ୍ରାକକୁ ଫେରାଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ମଧ୍ୟ କରୁଛନ୍ତି । ତେବେ ସ୍ଥିତିରେ କିଛି ସୁଧାର ଆସିବା ବଦଳରେ ଦିନକୁ ଦିନ ଏହା ବିଗିଡିବାରେ ଲାଗିଛି ।

## ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି ଗଜପତି ମହାରାଜା

ଭୁବନେଶ୍ୱର, ୨୩/୦୫ (ନି.ପ୍ର): ବିବାଦୀୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ କ୍ଷୋଭ ପ୍ରକାଶ କରିବା ପରେ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି ଗଜପତି ମହାରାଜା ତଥା ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଦିବ୍ୟସିଂହ ଦେବ । ଗତକାଲି ଜଗଦଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ, ଶ୍ରୀମନ୍ଦିର ଚତୁଃପାଶ୍ୱର୍ରେ ଚାଲିଥିବା ଐତିହ୍ୟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ପରେ ପ୍ରତିକ୍ରିୟା ରଖିଥିଲେ । ସେ କହିଥିଲେ, ବିକାଶ କାମ ଯାହା ଚାଲିଛି, ତାର ଖରାପ ପ୍ରଭାବ ନପଡୁ । ଶ୍ରୀମନ୍ଦିରର ଭବିଷ୍ୟତ ଓ ବର୍ତ୍ତମାନ ପ୍ରତି ଯେପରି କୌଣସି ଆଘାତ ନପହଂଚେ ତା ଉପରେ ନଜର ଦେବାର ଆବଶ୍ୟକତା ରହିଛି । ଯାହା କାମ ଚାଲିଛି ତାହା ମନ୍ଦିର ଉପରେ ପ୍ରଭାବ ପଡ଼ିପାରେ । ତାଙ୍କ ଅନୁପସ୍ଥିତିରେ କାମ କରାଯାଉଛି । ପ୍ରଶାସନ ତାଙ୍କ ସହ ଆଲୋଚନା କରିବାର ଥିଲା ବୋଲି କହିଥିଲେ ଜଗତଗୁରୁ ଶଙ୍କରାଚାର୍ଯ୍ୟ । ଶଙ୍କରାଚାର୍ଯ୍ୟଙ୍କ ଏଭଳି ପ୍ରତିକ୍ରିୟା ପରେ ତାଙ୍କୁ ଭେଟିଛନ୍ତି ଗଜପତି ମହାରାଜା ।

## ଦିଲ୍ଲୀରେ ପ୍ରବଳ ବର୍ଷା : ୧୧ ଡିଗ୍ରୀ ତଳକୁ ଖସିଲା ତାପମାତ୍ରା



ନୂଆଦିଲ୍ଲୀ, ୨୩/୦୫ : ରାଜଧାନୀ ଦିଲ୍ଲୀରେ ଅଚାନକ ୧୧ ଡିଗ୍ରୀ ତଳକୁ ଖସିଲା ତାପମାତ୍ରା । ଫଳରେ ଅନେକ ସ୍ଥାନରେ ପ୍ରବଳ ବର୍ଷା ଦେଖିବାକୁ ମିଳିଛି । ପ୍ରଚଣ୍ଡ ଖରାରେ ସିଝୁଥିବା ଦିଲ୍ଲୀରେ ଅଚାନକ ପ୍ରବଳ ବର୍ଷା ହେବା ରାଜଧାନୀ ବାସିଙ୍କୁ ଆର୍ଶ୍ଚର୍ଯ୍ୟଚକିତ କରିଛି । ସେହିପରି ହରିଆଣାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି । ରାସ୍ତାରେ ଯାଉଥିବା ଏକ ଯାତ୍ରୀବାହି ବସରେ ବନ୍ୟାପାଣି ଭର୍ତି ହୋଇଯାଇଛି । ସେପଟେ ସୁରକ୍ଷାକୁ ଦୃଷ୍ଟିରେ ରଖି ୱାର୍କ ଫର୍ମ ହୋମର ନିର୍ଦ୍ଦେଶ ଜାରି କଲା ଗୁରୁଗ୍ରାମ ଜିଲ୍ଲା ପ୍ରଶାସନ । ଅଚାନକ ପାଣିପାଗରେ ବଡ ଧରଣର ପରିବର୍ତନ ହେବାରୁ ଅନେକ ସ୍ଥାନରେ ପ୍ରବଳ ବର୍ଷା ଦେଖିବାକୁ ମିଳିଛି । ପ୍ରବଳ ବର୍ଷା କାରଣରୁ ଅନେକ ସ୍ଥାନ ଜଳମଗ୍ନ ହୋଇ ରହିଛି । ସେହିପରି ଘଂଟା ପ୍ରତି ୪୦ କିମି ବେଗରେ ପବନ ବହିବା କାରଣରୁ ରାସ୍ତା କଡରେ ଥିବା ଗଛ ଗୁଡିକ ଉପୁଡି ଯାଇଛି । ଫଳରେ ଯାତାୟତରେ ଅସୁବିଧା ଦେଖାଦେଇଛି । ଭିଷଣ ଟ୍ରାଫିକ ଜାମ୍ ସମସ୍ୟା ମଧ୍ୟ ଦେଖିବାକୁ ମିଳିଛି । ତାପମାତ୍ରା ହଠାତ ୧୧ ଡିଗ୍ରୀ ତଳକୁ ଖସିଆସିବା ଫଳରେ ଏହି ସବୁ ହୋଇଛି । ସକାଳ ୫ ଟା ୪୦ ମିନିଟ ରେ ୨୯ ଡିଗ୍ରୀ ରେକର୍ଡ ହୋଇଥିବା ତାପମାତ୍ରା ୭ ଟା ବେଳକୁ ୧୮ ଡିଗ୍ରୀରେ ପହଂଚିଥିବା ପାଣିପାଗ ବିଭାଗ କହିଛି । ପ୍ରଚଣ୍ଡ ଖରରା ସିଝୁଥିବା ଦିଲ୍ଲୀରେ ▶▶ପୃଷ୍ଠା ୭

## ଜାପାନରେ ପ୍ରଧାନମନ୍ତ୍ରୀ ମୋଦୀ




ନୂଆଦିଲ୍ଲୀ, ୨୩/୦୫ : ସୋମବାରଠୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୁଇ ଦିନିଆ ଜାପାନ ଗସ୍ତ ଆରମ୍ଭ ହୋଇଛି । ଗସ୍ତର ପ୍ରଥମ ଦିନରେ ଟୋକିଓରେ ପହଁଚିବାପରେ ମୋଦିଙ୍କୁ ଭବ୍ୟସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗ ଦେଇଛନ୍ତି । ମଙ୍ଗଳବାର କ୍ୱାଡ ସମ୍ମିଳନୀରେ ଯୋଗ ଦେବା ସହ ଆମେରିକା,ଜାପାନ ଓ ଅଷ୍ଟ୍ରେଲିଆ ରାଷ୍ଟ୍ରମୁଖ୍ୟଙ୍କୁ ଭେଟିବେ ପ୍ରଧାନମନ୍ତ୍ରୀ । ମୋଟ ୪୦ ଘଂଟାର ଜାପାନ ରହଣୀ ସମୟରେ ୨୩ଟି ବୈଠକରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ । ମୋଦି ମୋଦି ନାରା ସହ ଭାରତ ମାତା କି ଜୟ, ବନ୍ଦେ ମାତରମ ନାରାରେ କମ୍ପିଲା ଜାପାନ ରାଜଧାନୀ ଟୋକିଓର ହୋଟେଲ ନିଉ ଓତାନି । ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ଜଣାଥିଲେ ଜାପାନରେ ରହୁଥିବା ପ୍ରବାସୀ ଭାରତୀୟ । କାର୍ଯ୍ୟକ୍ରମର ସ୍ଥଳର ଦୁଇ ପାଶ୍ୱର୍ରେ ପ୍ରବାସୀ ଭାରତୀୟମାନେ ଭିଡ ଜମାଇ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିବାବେଳେ ମୋଦି ମଧ୍ୟ ହାତ ହଲାଇ ଅଭିବାଦନ ଗ୍ରହଣ କରିଥିଲେ । ସୋମବାର ଟୋକିଓରେ ପହଁଚିବାପରେ ମୋଦିଙ୍କ ରହଣୀସ୍ଥଳରେ ଏଭଳି କିଛି ଦୃଶ୍ୟ ▶▶ପୃଷ୍ଠା ୭

## ବର୍ଷା-ଅନୁଭବ ବିବାଦରେ ପଶିଲା ରାଜନୀତି

ଭୁବନେଶ୍ୱର, ୨୩/୦୫ (ନି.ପ୍ର): ସାଂସଦ ଅନୁଭବ ମହାନ୍ତିଙ୍କ ବିରୋଧରେ ବର୍ଷା ପ୍ରିୟଦର୍ଶୀନି କରିଥିବା ଏଫଆଇଆର, ପୁଲିସକୁ ବି ଦ୍ୱନ୍ଦ୍ୱରେ ପକାଇ ଦେଇଛି । କିଏ ସତ କହୁଛି ? କିଏ ମିଛ କହୁଛି ? କିଏ କାହାକୁ ଅତ୍ୟାଚାର କରୁଛି ? ପ୍ରକୃତରେ ଚାଲିଛି କଣ ? ପୁଲିସ କିଛି ବୁଝି ପାରୁ ନାହିଁ । କଟକ ଡିସିପି ପିନାକ ମିଶ୍ର କହିଛନ୍ତି, ବର୍ଷା କରିଥିବା ଅଭିଯୋଗ ଗୁଡିକୁ ଗୁରୁତର ସହ ନେଇ ତଦନ୍ତ କରାଯାଉଛି । ବର୍ଷା ଏଫଆଇଆର କରିବାର ଗୋଟିଏ ଦିନ ପୂର୍ବରୁ ସୋସିଆଲ ମିଡିଆରେ ଲମ୍ବା ଭିଡିଓ ପୋଷ୍ଟ କରି ନିଜ ଦାଂପତ୍ୟ ଜୀବନର ଦୁଃଖ କାହାଣୀ ବର୍ଣ୍ଣନା କରିଥିଲେ । ମଝିରେ ମଝିରେ ଆଖିରୁ ଲୁହ ପୋଛି ଅନୁଭଭ କହୁଥିଲେ, ବାହା ହୋଇଥିଲେ ବି ସ୍ୱାମୀର ଅଧିକାର ପାଇ ନାହାନ୍ତି । କିନ୍ତୁ ଅନୁଭବ ଲୋକଙ୍କ ସମବେଦନା ପାଇବା ପୂର୍ବରୁ ଏପଟେ ଥାନାକୁ ପହଂଚିଗଲେ ବର୍ଷା । କେନ୍ଦ୍ରାପଡା ସାଂସଦ ଅନୁଭବଙ୍କ ନାଁରେ ବର୍ଷା ପ୍ରିୟଦର୍ଶିନୀ ଏତଲା ଦେବା ପରେ ଅନୁଭବଙ୍କୁ ଟାର୍ଗେଟ୍ କରିଛନ୍ତି ବିଜେପି ବିଧାୟିକା କୁସୁମ ଟେଟେ । କହିଛନ୍ତି, ଅନୁଭବ ରିଲ ଲାଇଫ୍ରେ ସୁନ୍ଦର ଅଭିନୟ କରନ୍ତି, ହେଲେ ରିୟଲ ଲାଇଫ୍ରେ ସଂପୂର୍ଣ୍ଣ ଭିନ୍ନ । ପ୍ରଥମେ ସେ ମହିଳାଙ୍କୁ ସମ୍ମାନ ଦେଇ ଶିଖନ୍ତୁ ।

## ବିଶିଷ୍ଟ ବାମପନ୍ଥୀ ନେତା ଶିବାଜୀ ପଟ୍ଟନାୟକଙ୍କ ପରଲୋକ



ଭୁବନେଶ୍ୱର, ୨୩/୦୫ (ନି.ପ୍ର): ବିଶିଷ୍ଟ ବାମପନ୍ଥୀ ନେତା ତଥା ପୂର୍ବତନ ସାଂସଦ ଶିବାଜୀ ପଟ୍ଟନାୟକଙ୍କ ପରଲୋକ ଘଟିଛି । ସୋମବାର ଦିନ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା । ଗତକାଲି ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ରାଜଧାନୀରେ ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଶିବାଜୀ ପଟ୍ଟନାୟକ ରାଜଧାନୀ ଭୁବନେଶ୍ୱର ଲୋକସଭା ଆସନରୁ ସାଂସଦ ଭାବେ ୩ଥର ନିର୍ବାଚିତ ହୋଇଥିଲେ । ୧୯୭୭, ୧୯୮୯ ଓ୧୯୯୧ରୁ ୧୯୯୬ ପର୍ଯ୍ୟନ୍ତ ସେ ଲୋକସଭା ସଦସ୍ୟ ରହିଥିଲେ ।

## ଶରତ ପଟ୍ଟନାୟକ ନୂଆ ପିସିସି ସଭାପତି



ଭୁବନେଶ୍ୱର, ୨୩/୦୫ (ନି.ପ୍ର): ବରିଷ୍ଠ କଂଗ୍ରେସ ନେତା ଶରତ ପଟ୍ଟନାୟକ ହେଲେ ଓଡ଼ିଶା ପିସିସିର ନୂଆ ସଭାପତି । ଏଆଇସିସି ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହା ବ୍ୟତୀତ ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକଙ୍କ ଇସ୍ତଫା ଗୃହୀତ ହୋଇଥିବା ମଧ୍ୟ ଏଆଇସିସି ସୂଚନା ଦେଇଛି । ଏହାସହ ଜଣେ ବିଧାୟକ ପିସିସି ସଭାପତି ହେବା ନେଇ ଚାଲିଥିବା ଚର୍ଚ୍ଚାର ଅନ୍ତ ଘଟିଛି । ଦ୍ୱିତୀୟଥର ପାଇଁ ପିସିସି ସଭାପତି ହୋଇଛନ୍ତି ଶରତ ପଟ୍ଟନାୟକ । ପୂର୍ବରୁ ୨୦୦୧ରୁ ୨୦୦୪ ପର୍ଯ୍ୟନ୍ତ ଓଡିଶାର ପିସିସି ସଭାପତି ଦାୟିତ୍ୱରେ ଥିଲେ ଶରତ ପଟ୍ଟନାୟକ । ଅପରପକ୍ଷରେ ନୂଆ ଦାୟିତ୍ୱ ମିଳିବା ପରେ ନବ ନିଯୁକ୍ତ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବାରୁ ସେ ଶ୍ରୀମତୀ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କ ନିକଟରେ ଋଣୀ । ଯେଉଁ ଦାୟିତ୍ୱ ମିଳିଛି ସେ ତାହାକୁ ସୁଚାରୁ ରୂପେ ତୁଲାଇବାକୁ ପ୍ରଚେଷ୍ଟା କରିବେ । ଆଗାମୀ ଦିନରେ ଓଡିଶାରେ କଂଗ୍ରେସର ସଂଗଠନକୁ ମଜବୁତ କରାଯିବ । ବ୍ରଜରାଜନଗର ▶▶ପୃଷ୍ଠା ୭

## ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ବାଲେଶ୍ୱର,୨୩/୦୫ (ନି.ପ୍ର): ଇନଷ୍ଟିଚ୍ୟୁଟ ଅଫ ନେଚର କିଓର ଏଣ୍ଡ ଯୌଗିକ ସାଇନ୍ସ 'ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ'ର ବାର୍ଷିକ ଉତ୍ସବ ଆତିଥ୍ୟ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭ୍ୟ ମାନସ କୁମାର ମହାପାତ୍ରଙ୍କ ସମେତ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା, ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଜ୍ଞାନରଞ୍ଜନ ବେହେରା, 'ଧ୍ୱନି ପ୍ରତିଧ୍ୱନି' ଖବରକାଗଜର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାଲେଶ୍ୱର ଶାଖାର ଭଉଣୀ ମୀନତି ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଯୋଗଶିକ୍ଷା ପ୍ରଦାନ ସାଙ୍ଗକୁ ପ୍ରାକୃତିକ ଚିକିତ୍ସା କ୍ଷେତ୍ରରେ ହେଲଦି ଲାଇଫର ପ୍ରୟାସ ବେଶ ପ୍ରଶଂସନୀୟ ବୋଲି କହିଥିଲେ । ବିଶେଷ କରି ଏହି ଯୋଗ ମହାବିଦ୍ୟାଳୟରୁ ଶିକ୍ଷାପ୍ରାପ୍ତ କରି ବହୁ ଛାତ୍ରଛାତ୍ରୀ ବଭିନ୍ନ ସ୍କୁଲ କଲେଜ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇବା ଏ ଅଞ୍ଚଳ ପାଇଁ ଗୌରବର ବିଷୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ହେଲଦି ଲାଇଫର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଏଥିରେ ବିବରଣୀ ଉପସ୍ଥାପନ କରିଥିବା ବେଳେ ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ଯୋଗ ଓ ପ୍ରକୃତିକ ଚିକିତ୍ସାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅଧ୍ୟାପକ ଅଭିଷେକ ଦାସଙ୍କ ନିର୍ଦ୍ଦେଶନାରେ ଯୋଗ ଦ୍ୱାରା ରୋଗ ନିରାକରଣ ସମ୍ପର୍କିତ ଏକ ନାଟକ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶିତ ହୋଇଥିଲା । ଅଜିତ ଦାସ, ଡାକ୍ତର ସୁଶାନ୍ତ ସାହୁ, ଲକ୍ଷ୍ମୀପ୍ରିୟା ଜେନା, ଗୀତା ପଟ୍ଟନାୟକ, ହିମାଂଶୁ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ନନ୍ଦନକାନନରେ ପର୍ଯ୍ୟଟକଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ

ଭୁବନେଶ୍ୱର, ୨୩/୦୫ (ନି.ପ୍ର): ନନ୍ଦନକାନନରେ ପର୍ଯ୍ୟଟକଙ୍କୁ ଆକ୍ରମଣ ଘଟଣାରେ ପୋଲିସ୍ ୩ ଜଣଙ୍କୁ ଗିରଫ କରିଛି । ଗିରଫ ୩ ଜଣ ହେଲେ ସନ୍ତୋଷ କୁମାର ସାହୁ, କାହ୍ନା ମହାପାତ୍ର ଓ ଅମନ ପାଟ୍ଟଶାଣୀ । ସେମାନେ ସମସ୍ତେ ନିକଟସ୍ଥ ଦାରୁଡେଙ୍ଗ ଗାଁର ବୋଲି ଜଣାପଡ଼ିଛି । ଗତକାଲି ଛତିଶଗଡ଼ରୁ ଆସିଥିବା ପର୍ଯ୍ୟଟକ ସଫାରୀ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ । ସୂଚନା ଅନୁଯାୟୀ ଗତକାଲି ଛତିଶଗଡ଼ରୁ ଆସିଥିବା ପ୍ରାୟ ୨୬ ପର୍ଯ୍ୟଟକ ସଫାରୀ ବୁଲିବାକୁ ଟିକେଟ କାଟିଥିଲେ ମଧ୍ୟ ପ୍ରାୟ ୩ ଘଂଟା ପର୍ଯ୍ୟନ୍ତ ସେମାନଙ୍କୁ ବୁଲିବାକୁ ଗାଡ଼ି ମିଳିନଥିଲା । ଏହାକୁ ନେଇ ପର୍ଯ୍ୟଟକମାନେ ସଫାରୀ କାଉଂଟରରେ ପାଟିତୁଣ୍ଡ କରିଥିଲେ । ଏହାକୁ ନେଇ ଉତ୍ୟକ୍ତ ସଫାରୀ କର୍ମଚାରୀ ସେମାନଙ୍କୁ ଠେଲାପେଲା କରିଥିଲେ । ଉତେଜନା ବଢ଼ିବାରୁ ସଫାରୀ କର୍ମଚାରୀ ସ୍ଥାନୀୟ ଅଂଚଳର ପ୍ରାୟ ୫୦ ଲୋକଙ୍କୁ ଡାକି ଦେଇଥିଲେ । ସେମାନେ ମିଳିତ ଭାବେ ସଫାରୀ କାଉଣ୍ଟର ନିକଟରେ ଥିବା ଷ୍ଟିଲ ରଡ ଉପାଡ଼ି ପର୍ଯ୍ୟଟକଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ । ଏହି ଆକ୍ରମଣ ଯୋଗୁ ୫ ଜଣ ଗୁରୁତର ହୋଇଛନ୍ତି । ଏହି ଘଟଣା ନେଇ ପର୍ଯ୍ୟଟକମାନେ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛି ପୋଲିସ୍ । ନନ୍ଦନକାନନ ପରି ସ୍ଥାନକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଆସୁଥିବା ବେଳେ ସେଠାରେ ଏପରି ଅମାନବୀୟ ଓ ଅଭାବନୀୟ କାଣ୍ଡକୁ ବିଭିନ୍ନ ମହଲରୁ ତୀବ୍ର ସମାଲୋଚନା କରାଯାଇଛି । ଏହାପରେ ଚିଡିଆଖାନା କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରି ସ୍ଥାନୀୟ ସୁରକ୍ଷାକର୍ମୀ ଓ ସିସିଟିଭି ଆଧାରରେ ରିପୋର୍ଟ ଦେବାକୁ ରେଂଜ ଅଫିସର ସିକ୍ୟୁରିଟିକୁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପନିର୍ଦ୍ଦେଶକ ସଂଜୀବ କୁମାର କହିଥିଲେ । ଏଥିସହ ପର୍ଯ୍ୟଟକମାନେ ଆଇନକୁ ହାତକୁ ନ ନେବାକୁ ସେ ଅନୁରୋଧ କରିଛନ୍ତି ।

# ଦେଶରେ ପ୍ରଥମ ଖାଉଟି ବିବାଦ ସମାଧାନ ଆୟୋଗର ରାଜ୍ୟର ତିନିଦିନିଆ ପ୍ରଶିକ୍ଷଣ

ବଲାଙ୍ଗିର ,୨୩/୦୫ (ନି.ପ୍ର): ସର୍ବ ଭାରତରେ ପ୍ରଥମ କରି ଓଡିଶା ରାଜ୍ୟ ତଥା ମୁଖ୍ୟମନ୍ତ୍ରୀ ଙ୍କ ସ୍ୱତନ୍ତ୍ର ଆଗ୍ରହ କ୍ରମେ ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ର ତିନି ଦିନିଆଁ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱର ର ଇମେଜ ରାଜ୍ୟ ଭବନ ଠାରେ ଆୟୋଜନ କରାଯାଇଥିଲା ଯେଉଁଠି ଓଡିଶା ର ତିରିଶ ଗୋଟି ଜିଲ୍ଲା ମଧ୍ୟରୁ ବଲାଙ୍ଗିର ଜିଲ୍ଲା ର ଶ୍ରୀମତୀ ଜ୍ୟୋସ୍ନା ମିଶ୍ର,ଖାଉଟି ବିବାଦ ସମାଧାନ ଆୟୋଗ ର ଜିଲ୍ଲା ପ୍ୟାନାଲ ସଭ୍ୟା ଭାବେ ପ୍ରତିନିଧିତ୍ୱ କରି ଏ ଜିଲ୍ଲା ର ଉପଭୋକ୍ତା ମାନଙ୍କ ସର୍ବ ନିମ୍ନ ଅଭିଯୋଗ ଓ ଶୁଣାଣି ଉପରେ ଗୁରତ୍ୱ ଦେବା ସଙ୍ଗେ ସଙ୍ଗେ ଜିଲ୍ଲା ରେ ଖାଉଟି ମାନଙ୍କ ନ୍ୟାର୍ଯ୍ୟ ଅଧିକାର, ତାଙ୍କ ପାଇଁ ଉଚିତ ନ୍ୟାୟ ପାଇଁ ବିଭିନ୍ନବର୍ଗ ର ଖାଉଟି ମାନଙ୍କ ଭିତରେ ଖାଉଟି ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା ଏବଂ ସଚେତନତା ବଢାଇବା ପାଇଁ ଭିଭିନ୍ନ ସମୟରେ ଅନୁନ୍ୟ କାର୍ଯ୍ୟକ୍ରମ ହାତ କୁ ନେବାକୁ ରାଜ୍ୟ ଫୋରମ ରେ ଅନୁରୋଧ ଜଣାଇଥିଲେ କ୍ଷ ସେହିପରି ବଲାଙ୍ଗିର ଜିଲ୍ଲା ଭଳି ଅନେକ ଜିଲ୍ଲା ରେ ଗରିବ ଖାଉଟି ମାନେ ତାଙ୍କର ବିଭିନ୍ନ ସମସ୍ୟା କୁ କୌଣସି ଏଭଳି ଆୟୋଗ ରେ ଉପସ୍ଥାପିତ କରି ପାରୁ ନାହାନ୍ତି ଫଳରେ ସେମାନେ ବିଭିନ୍ନ ସମୟରେ ଅସାଧୁ ବ୍ୟାପାରୀ ମାନଙ୍କ ଠକାମୀ ର ଶିକାର ହେଉଛନ୍ତି ତେଣୁ ଏମାନଙ୍କ ନ୍ୟାୟିକ ବିଚାର ର ଆବଶ୍ୟକତା ଉପରେ ଜୋର ଦେଉଥିଲେ ଅନ୍ୟ ଖାଉଟି ବିବାଦ ସଭ୍ୟ,ଆଇନଜ୍ଞ୍ୟ ଶ୍ରୀ ରବୀନ୍ଦ୍ର ତ୍ରୀପାଠି ।

ଉପରୋକ୍ତ ରାଜ୍ୟ ଉପଭୋକ୍ତା ସମସ୍ୟା ସମାଧାନ ଆୟୋଗ କୁ ଓଡିଶା ରାଜ୍ୟ ର ଯୋଗାଣ ବିଭାଗ ରାଷ୍ଟ୍ର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରଶିକ୍ଷଣ କୁ ଉଦଘାଟନ କରିଥିବା ବେଳେ ଓଡିଶା ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ର ସଭାପତି ଡି. ପି ଚୌଧୁରୀ ପ୍ରଶିକ୍ଷଣ ର ପରିଚାଳନା କରିଥିଲେ ଓ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ଜ୍ୟୋତି କୁମାର ଲାକ୍ରା ସମ୍ପାଦକ ଖାଦ୍ୟ ଯୋଗାଣ ଓ ଉପଭୋକ୍ତା ମଙ୍ଗଳ ବିଭାଗ ଉପସଭାପତି ସିକା, ପ୍ରଫେସର ବିଜନ କୁମାର ମିଶ୍ର, ଉପଭୋକ୍ତା ଉପଦେଷ୍ଟା (ଖାଦ୍ୟ ଯୋଗାଣ ଉପଭୋକ୍ତା ମଙ୍ଗଳ ବିଭାଗ) ଶ୍ରୀ ବୀର ବିକ୍ରମ ଯାଦବ (ମୁଖ୍ୟ ସମ୍ପାଦକ ଖାଦ୍ୟ ଯୋଗାଣ ଓ ଖାଉଟି ମଙ୍ଗଳ ବିଭାଗ, ସଭାପତି ସିକା ରାଜ୍ୟ ସରକାର), ନ୍ୟାୟଧିଶ ଡ଼. ଡି. ପି ଚୌଧୁରୀ ସଭାପତି (ରାଜ୍ୟ ସଭାପତି,ରାଜ୍ୟ ଉପଭୋକ୍ତା ସମାଧାନ ଆୟୋଗ, କଟକ) ଯୋଗଦାନ କରି ସର୍ବ ତିନିଦିନ ର ତାଲିମ କାର୍ଯ୍ୟକ୍ରମ ରେ ଜିଲ୍ଲା ମାନଙ୍କରେ ନୁଆଁ ଭାବେ ନିୟୋଜିତ ହୋଇଥିବା ସଭ୍ୟ, ସଭ୍ୟା, ସଭାପତି ମାନଙ୍କ ସୁ-ପରିଚାଳନା,ଖାଉଟି ମାନଙ୍କ ପାଇଁ ଉପଯୁକ୍ତ ନ୍ୟାୟିକ ବ୍ୟବସ୍ଥା ଉପରେ ସବିଶେଷ ଧାରଣା ଦେଇଥିଲେ । ପରିଶେଷରେ ଚିତରଞ୍ଜନ ପ୍ରଧାନ (ଯୁଗ୍ମ ସମ୍ପାଦକ ଖାଦ୍ୟ ଓ ଯୋଗାଣ ବିଭାଗ ରାଜ୍ୟ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଶମ ପରୀକ୍ଷାର୍ଥୀ ଅନୁପସ୍ଥିତ ଘଟଣା ପରେ ପଦକ୍ଷେପ: ସ୍କୁଲ୍ ନ ଆସିଲେ ମିଳିବନି ସାଇକେଲ୍

ଭୁବନେଶ୍ୱର ,୨୩/୦୫ (ନି.ପ୍ର): ମାଟ୍ରିକ୍ ପରୀକ୍ଷାରେ ୪୩ ହଜାର ଛାତ୍ରଛାତ୍ରୀ ଅନୁପସ୍ଥିତ ଘଟଣା ସାମ୍ନାକୁ ଆସିବା ପରେ ତନାଘନା ଚାଲିଛି । କେଉଁଠି ତ୍ରୁଟି ରହିଲା ଏତେ ସଂଖ୍ୟକ ପିଲା କାହିଁକି ଅଧାରୁ ପାଠ ଛାଡ଼ିଲେ ? କେଉଁ କାରଣ ଲାଗି ପରୀକ୍ଷା ଦେବାକୁ ଆସିଲେ ନାହିଁ ? ଏନେଇ ସ୍କୁଲସ୍ତରରୁ ଖୋଳତାଡ଼ ଚାଲିଥିବା ବେଳେ ନବମ ଶ୍ରେଣୀରେ ନାମ ଲେଖା ହୋଇଥିବା ୩୦% ଛାତ୍ରଛାତ୍ରୀ ଆଦୌ କ୍ଲାସ କରିବାକୁ ଆସି ନ ଥିବା କଥା ସାମ୍ନାକୁ ଆସିଛି । କରୋନା କାଳରେ କିଏ ଅନ୍ୟ ଜିଲ୍ଲାକୁ ଚାଲିଯାଇଥିଲେ ତ ଆଉ କିଏ ବାହାର ରାଜ୍ୟକୁ ପଳାଇ ଯାଇଛନ୍ତି । କେହି କେହି ଛାତ୍ରୀ ବିବାହ ବି କରିଛନ୍ତି । ମାତ୍ର ସେମାନେ ସାଇକେଲ୍ ବାବଦ ଅର୍ଥ ହାତେଇଛନ୍ତି । ଅଷ୍ଟମରୁ ନବମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା କ୍ଷଣି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସାଇକେଲ୍ ବାବଦ ଅର୍ଥ ଯାଇଛି । ମାତ୍ର ସେମାନେ ସ୍କୁଲ କ୍ୟାମ୍ପସ ମାଡ଼ିନାହାନ୍ତି । ସାଇକେଲ୍ କିଣିଛନ୍ତି କି ନାହିଁ ତାହାର ବି ଖୋଜ ଖବର ନାହିଁ । ଏବାବଦ ମିଳିଥିବା ଅର୍ଥ ସେମାନେ କ'ଣ କଲେ ତାହା ବି କାହାକୁ ଜଣାନାହିଁ । ସାଇକେଲ୍ ବାବଦରେ ୨୬୦୦ ଟଙ୍କା ପାଇବା ପରେ ପିଲା ସ୍କୁଲ ଆସି ନ ଥିବା ନେଇ ଡିଇଓଙ୍କଠାରୁ ରିପୋର୍ଟ ମିଳିବା ପରେ ଗଣଶିକ୍ଷା ବିଭାଗର ଚେତା ପଶିଛି । ଏବର୍ଷ ନିଷ୍ପତ୍ତି ହୋଇଛି ଯେ ପିଲା ସ୍କୁଲକୁ ଆସିଲେ ହିଁ ସାଇକେଲ୍ ପାଇବେ । ନାମ ଲେଖାଇ ସ୍କୁଲ ଆସୁ ନ ଥିଲେ ସାଇକେଲ୍ ବାବଦ ଅର୍ଥ ପ୍ରଦାନ କରାଯିବ ନାହିଁ । ସାଇକେଲ୍ ଅର୍ଥ ବଣ୍ଟନ ପୂର୍ବରୁ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀମାନେ ପିଲାଙ୍କ ତଥ୍ୟ ଭଲ ଭାବେ ଯାଞ୍ଚ କରିବେ । ସ୍କୁଲଗୁଡ଼ିକ ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ଯେଉଁ ତଥ୍ୟ ଦେଉଛନ୍ତି ତାହା କେତେ ଠିକ୍ ସବୁ ପିଲା ସ୍କୁଲ ଆସୁଛନ୍ତି ନା କାଗଜ କଲମରେ ନାଁ ଲେଖାଯାଇ ସାଇକେଲ୍ ଅର୍ଥ ନେଉଛନ୍ତି ସେନେଇ ତୃଣମୂଳସ୍ତରର ଅନୁଧ୍ୟାନ କରିବେ । ନବମ ଶ୍ରେଣୀ ପାଠପଢ଼ା ଆରମ୍ଭ ହେବା ପରେ ହିଁ ପିଲାଙ୍କୁ ସାଇକେଲ ବାବଦ ଅର୍ଥ ଦିଆଯିବ । ତା' ପୂର୍ବରୁ ନବମ ଶ୍ରେଣୀରେ ନାମ ଲେଖାଇଥିବା ପିଲାଙ୍କ ତଥ୍ୟ ମାଗିଛି ଗଣଶିକ୍ଷା ବିଭାଗ । ନାମଲେଖା ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ମାନେ ଏଦିଗରେ ପଦକ୍ଷେପ ଗ୍ରହଣ କରିବା ସହ କେଉଁ ସ୍କୁଲରେ କେତେ ପିଲା ନାମ ଲେଖାଇଛନ୍ତି ସେ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ଆର୍ଥିକ ବର୍ଷରେ ସାଇକେଲ୍ ବାବଦରେ ପାଖାପାଖି ୧ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ରାଜ୍ୟ ସରକାର ରୂପରେଖ ପ୍ରସ୍ତୁତ କରିଛନ୍ତି । ଏବେ ସୁଦ୍ଧା ପାଖାପାଖି ୫ ଲକ୍ଷ ଛାତ୍ରଛାତ୍ରୀ ସରକାରୀ ବିଦ୍ୟାଳୟରେ ନବମ ଶ୍ରେଣୀରେ ନାମଲେଖାଇ ସାରିଛନ୍ତି । କାଳେ ଆଉ କିଛି ପିଲା ବାକି ରହିଯାଇଥିବେ ତେଣୁ ନାମଲେଖା ଅବଧିକୁ ସାମାନ୍ୟ ଘୁଞ୍ଚାଯାଇଛି । ୨୫ ତାରିଖ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ କରି ଛାତ୍ରଛାତ୍ରୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି । ସାଇକେଲ୍ ବାବଦ ଅର୍ଥ ବଣ୍ଟନ ପୂର୍ବରୁ ୟୁଡାଇଜ୍ କୋଡ୍‌ରେ ପିଲାଙ୍କ ନାମ ଅଛି କି ନାହିଁ, ଆଧାର କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟକୁ ଭଲ ଭାବେ ଯାଞ୍ଚ କରାଯିବ । ଜୁନ୍ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରିବାକୁ ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଛି ।

# ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ

ମାଲକାନଗିରି, ୨ ୨ ମଇ (ହି. ସ.)-ମାଲକାନଗିରି ଜିଲ୍ଲା ପ୍ରଶାସନ ଏବଂ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ମାଲକାନଗିରିର ମିଳିତ ଅନୁକୂଲ୍ୟରେ ଏକ କ୍ଷୁଦ୍ର ନିଯୁକ୍ତି ମେଳା ଜିଲ୍ଲାପାଳ ବିଶାଳ ସିଂ ଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି ! ନିଯୁକ୍ତି ମେଳାରେ ଜିଲ୍ଲା ନିଯୁକ୍ତି ଅଧିକାରୀ ମନଶ୍ୱି ସେଠି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟ ର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତା ରୂପେ ଆନ୍ତର୍ଜାତୀୟ ଗୁଣବତା ସେଲ ମାଲକାନଗିରି ମହାବିଦ୍ୟାଳୟ ର ସଂଯୋଜକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ମାଲକାନଗିରି ଛାତ୍ର ଛାତ୍ରୀ କିପରି ବେସରକାରୀ ସଂସ୍ଥାର ନିଯୁକ୍ତି ପାଇଁ ପାରିବେ ସେହି ବିଷୟରେ ଆଲୋକପାତ କରିଥିଲେ । ଏହି ନିଯୁକ୍ତି ମେଳାରେ ହର୍ସିଲ, ଅରବିନ୍ଦ ଫାଇନାନ୍ସ, ଭାରତ ଫାଇନାନସିଆଲ ଇନ୍‌କ୍ଲୁଲେସନ ଲିମିଟେଡ଼ , ସାହାନା କ୍ଲଥିଙ୍ଗ , କେଇସସ କର୍ପୋରେସନ, ଡି ମାର୍ଟ ଇତ୍ୟାଦି ଅନୁଷ୍ଠାନ ଯୋଗଦାନ କରିଥିଲେ । ଏହି କର୍ମ ନିଯୁକ୍ତି ମେଳାରେ ମାଲକାନଗିରି ଜିଲ୍ଲା ରୁ ୨ ୦୦ ରୁ ଅଧିକ ଶିକ୍ଷିତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ନିଯୁକ୍ତି ପାଇଁ ପଞ୍ଜିକରଣ କରିଥିଲେ । ଏହି କାର୍ଯ୍ୟରେ ଗୁପ୍ତ ମାଢ଼ି କନିଷ୍ଠ ନିଯୁକ୍ତ ଅଧିକାରୀ, ସୁଧାଶ୍ରୀ ସାହୁ ମହାତ୍ମା ଗାନ୍ଧୀ ନ୍ୟାସନାଲ ଫେଲଓ, ପ୍ରଳୟ ମେହେର ଜିଲ୍ଲା ଦକ୍ଷତା ସଂଯୋଜକ ଉପସ୍ଥିତ ରହି ସହଯୋଗ କରିଥିଲେ ।

ମାଲକାନଗିରି ମହାବିଦ୍ୟାଳୟ ର ପ୍ରେମରେଖା ଭତ୍ରା, ଗୌତମ ନାୟକ, ଦୀପ୍ତି ରେଖା ମିଶ୍ର, ମେଘା ଅଗ୍ରୱାଲ, ଆରତୀ ଲୁଗୁନ ସମେତ ଅଣଶିକ୍ଷକ ଅଧିକାରୀ ସାହାଯ୍ୟ କରିଥିଲେ । ସଭା ଶେଷରେ ନମିତା ଦଣ୍ଡସେନା ଜାତୀୟ ସେବା ସଂସ୍ଥା ଜିଲ୍ଲା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୦ ଟଙ୍କା ବଢ଼ାଇ ୧୦ ଟଙ୍କା କମାଇଛନ୍ତି: ଚାଲାକି କରୁଛନ୍ତି କେନ୍ଦ୍ର ସରକାର: ନରସିଂହ

ବଲାଙ୍ଗିର ,୨୩/୦୫ (ନି.ପ୍ର): କେନ୍ଦ୍ର ସରକାର ଚାଲାକିର ସହ କାମ କରୁଛନ୍ତି । ୨୦ ଟଙ୍କା ବଢେଇ, ୧୦ ଟଙ୍କା କମେଇ ଦେଉଛନ୍ତି । ଏ ଚାଲବାଜି ସରକାର ବନ୍ଦ କରନ୍ତୁ । ପଟ୍ରୋଲ-ଡିଜେଲ ଦାମ କମିବା ପରେ ଏହାକୁ ନେଇ ଏହିଭଳି ପ୍ରତିକ୍ରିୟା ରଖିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର । କେନ୍ଦ୍ର ସରକାରଙ୍କ ଉପରେ ସେ ଜୋରଦାର ବର୍ଷିବା ସହ ତୈଳ ଦର ୫୦ରୁ ୬୦ ଟଙ୍କା ଭିତରେ ରଖିବାକୁ କହିଛନ୍ତି । ଅର୍ନ୍ତଜାତୀୟ ବଜାରରେ ତୈଳ ଦର ଯଥେଷ୍ଟ କମ ଥିବା ବେଳେ ପୂର୍ବରୁ ଯେଉଁଭଳି ଆଧାରରେ ତୈଳଦର ନିର୍ଣ୍ଣୟ କରାଯାଉଥିଲା ଠିକ୍ ସେହିଭଳି କରିବାକୁ ଦାବି କରିଛନ୍ତି ନରସିଂହ । ଏହା ହେଲେ ହିଁ ସାଧାରଣ ଲୋକେ ଅନେକ ସଂଖ୍ୟାରେ ଆଶ୍ୱସ୍ତି ପାଇବେ । କେବଳ କେନ୍ଦ୍ର ସରକାର ନୁହେଁ ରାଜ୍ୟ ସରକାରଙ୍କୁ ମଧ୍ୟ ସେ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, ରାଜ୍ୟ ସରକାର ଯେଉଁ ଟିକସ ନେଉଛନ୍ତି ସେଠିରେ କେବଳ ଜିଏସଟି ଲାଗୁ କରି ଅନ୍ୟ କୌଣସି ଟିକସ ଲାଗୁ କରା ନଯାଉ । ଏହା ହେଲେ ହିଁ ଦର କମିବ । କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ଉଦ୍ୟମ କରିବା ଦ୍ୱାରା ହିଁ ତୈଳ ଦରକୁ ହ୍ରାସ କରିହେବ । ଜନ ସାଧାରଣ ଲାଭବାନ ହେଉନାହାନ୍ତି । କେନ୍ଦ୍ର ସରକାର ଯେଉଁ ଉଜ୍ୱଳା ଯୋଜନାର କଥା କହୁଛନ୍ତି ଆଜି ଲୋକେ ସେ ଯୋଜନାରେ ଆଉ ସିଲିଣ୍ଡର ନେଉନାହାନ୍ତି । ଦରଦାମ ବୃଦ୍ଧି ଯୋଗୁ ସେମାନେ ସିଲିଣ୍ଡର ନେବାକୁ କୁଣ୍ଠିତ ଅଛନ୍ତି । ତେଣୁ ୨ ଶହ ଟଙ୍କା କମେଇଲେ ତାହା କୌଣସି ପ୍ରଭାବ ପକାଇବ ନାହିଁ । ସରକାର ଯେଉଁଭଳି କହୁଥିଲେ ମାଗଣା ସିଲିଣ୍ଡର ପ୍ରଦାନ କରିବେ ତାହା କରନ୍ତୁ ନହେଲେ ୪ ଶହରୁ ୫ ଶହ ଟଙ୍କାରେ ସିଲିଣ୍ଡର ଯୋଗାଇ ଦିଅନ୍ତୁ ବୋଲି ତାଙ୍କର ପ୍ରତିକ୍ରିୟା ରଖିଛନ୍ତି ନରସିଂହ ମିଶ୍ର ।

# ଜାଲ୍ ପ୍ରମାଣପତ୍ରରେ ଚାକିରି : ଶିକ୍ଷକ ଗିରଫ

ପୁରୁଷୋତ୍ତମପୁର ,୨୩/୦୫ (ନି.ପ୍ର): ଜାଲ୍ ପ୍ରମାଣପତ୍ରରେ ଚାକିରି କରୁଥିବା ଜଣେ ଶିକ୍ଷକଙ୍କୁ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଜଣକ ହେଉଛନ୍ତି, ପୁରୁଷୋତ୍ତମପୁର ଥାନା ରାଜପୁର ଗ୍ରାମ ଏସ.ଧର୍ମାରାଓ ଦୋରା । ଆସନ୍ତାକାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି । ଯାଞ୍ଚ ବେଳେ ପୁରୁଷୋତ୍ତମପୁର ବ୍ଲକ୍‌ରେ ୫ ଜଣ ଶିକ୍ଷକ ଜାଲ ପ୍ରମାଣପତ୍ରରେ ଚାକିରି କରୁଥିବା ଜଣାପଡ଼ିଥିଲା । ଏନେଇ ଗତବର୍ଷ ଅକ୍ଟୋବର ୧୮ ତାରିଖରେ ପୁରୁଷୋତ୍ତମପୁର ଏବିଇଓ ଦଣ୍ଡପାଣି ବେହେରା ଥାନାରେ ଏତଲା ଦେବାପରେ କେସ୍ ନମ୍ବର ୫୧୦ ଅନୁସାରେ ମାମଲା ରୁଜୁ ହୋଇଥିଲା । କିନ୍ତୁ ଉକ୍ତ ଶିକ୍ଷକମାନେ ଫେରାର୍ ଥିଲେ । ଆଜି ଧର୍ମାଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି ।

# ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ସାଧାରଣ ବୈଠକ

ଜୟପୁର , ୨୨ ମଇ (ହି.ସ.) ଦକ୍ଷିଣ ଓଡିଶାର ବହୁବିଧ ପ୍ରସଂଗକୁ ଲୋକାଲୋଚନକୁ ଆଣିବା ସହ ମାଲକାନଗିରି, ନବରଂଗପୁର, କୋରାପୁଟ, ରାୟଗଡା, ଗଜପତି, କନ୍ଧମାଳ ଓ ଗଞ୍ଜାମର ବିକାଶ ଏବଂ ସମ୍ବେଦନଶୀଳ ପ୍ରସଂଗର ଆଶୁ ସମାଧାନ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଠାରେ ଯୁକ୍ତିଯୁକ୍ତ ତଥ୍ୟ ଉପସ୍ଥାପନା କରିବା ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ପ୍ରମୁଖ ଭୂମିକା । ପ୍ରତ୍ୟେକ ବର୍ଷ ଓଡିଶାର ରାଜଧାନୀ ଠାରେ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଆସୁଥିଲା । ବୈଶ୍ୱୟୀକ ମହାମାରୀ ଯୋଗୁଁ ୨ବର୍ଷ ଧରି ସାଧାରଣ ସଭା ଅନୁଷ୍ଠିତ ହୋଇ ପାରିନଥିଲ । ୨୨-୦୫-୨୨, ରବିବାର ଦିନ ପରିଷଦର ସଭାପତି ଶ୍ରୀ ଭୃଗୁ ବକ୍ସିପାତ୍ରଙ୍କ ସଭାପତିତ୍ୱରେ ଶହୀଦ ଲକ୍ଷ୍ମଣ ନାୟକ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବା ସହ ବିଭିନ୍ନ ପ୍ରସଂଗ ଉପରେ ଆଲୋଚନା ଓ ସଂକଳ୍ପ ପାରିତ ହୋଇଛି । ବରିଷ୍ଠ ସଦସ୍ୟ ଓ ମଂଚାସୀନଙ୍କ ଗହଣରେ ସଭାପତି ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ପରିଷଦର ଉପସଭାପତି ପ୍ରଫେସର ରାମଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେବା ସହ ସଂପାଦକ ଇଂ. ବିପିନ ବିହାରି ପଣ୍ଡା ବାର୍ଷିକ ବିବରଣୀ ସହ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ପରିଷଦର ଆର୍ଥିକ ହିସାବ କୋଷାଧ୍ୟକ୍ଷ ବିଜୟ ଚନ୍ଦ୍ର ଅଧିକାରୀଙ୍କ ଦ୍ୱାରା ଉପସ୍ଥାପନା କରାଯାଇଥିଲା । ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ସଭାପତି ଭୃଗୁ ବକ୍ସିପାତ୍ର ବହୁବିଧ ପ୍ରସଂଗ ସହ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ୧୨ଟି ଉପଖଣ୍ଡ ସ୍ତରୀୟ ଶାଖାକୁ କ୍ରିୟାଶୀଳ କରାଇ ୭ଟି ଜିଲ୍ଲାର ବିଭିନ୍ନ ସଂଗଠନ, ସାମୁଖ୍ୟ ଓ ଚିନ୍ତାନାୟକ ମାନଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବିଭିନ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ ସହ ଉଦ୍ଦେଶ୍ୟ ସାଧିତ ହେବ ତାହା ଦିଗରେ ପରିଷଦ କାର୍ଯ୍ୟ କରିବ ବୋଲି କହିଥିଲେ । ଦକ୍ଷିଣ ଓଡିଶାର କଳାସଂସ୍କୃତି, ଐତିହାସିକ ଗାଥା ଓ କୀର୍ତ୍ତୀରାଜିର ପ୍ରସାର, ସାମାଜିକ ଚାଲିଚଳନ, ଦକ୍ଷିଣ ଓଡିଶା ଖାଦ୍ୟର ସ୍ୱତନ୍ତ୍ରତାକୁ କିପରି ଦେଶ ଓ ବିଦେଶରେ ଆଦୃତ କରାଯିବା ସହ ବିଭିନ୍ନ ଦିଗରେ ଥିବା ପ୍ରତିଭା ମାନଙ୍କୁ ଜାତୀୟ ଓ ଆନ୍ତଃଜାତୀୟ ସ୍ତରରେ ସୁଯୋଗ ସୃଷ୍ଟି କରିବାରେ ପରିଷଦ ଯତ୍ନବାନ ହେବ ।

ସାଂପ୍ରତିକ ଜଳବାୟୁ ଓ ପରିବେଶ ସଂରକ୍ଷଣକୁ ନେଇ ଜାତୀୟ ଓ ବିଶ୍ୱ ଦରବାର ଚିନ୍ତିତ । ଓଡିଶାର ପରିବେଶକୁ ସନ୍ତୁଳନ କରି ଅଙ୍ଗାରକ ନିୟନ୍ତ୍ରଣରେ ଦକ୍ଷିଣ ଓଡିଶା କିପରି ମୁଖ୍ୟ ଭୂମିକା ଗ୍ରହଣ କରୁଛି ତାହା ସମ୍ପର୍କରେ ସଭାପତି ଆଲୋଚନା କରିବାସହ ଆଗାମୀ ଓଡିଶା ବିଜ୍ଞାନ କଂଗ୍ରେସ(୨୨-୨୩) ଦକ୍ଷିଣ ଓଡିଶାରେ ଅନୁଷ୍ଠିତ କରାଇବା ପାଇଁ ପରିଷଦ ଦାୟିତ୍ୱ ନେବ ବୋଲି ସ୍ଥିର ହେଲା । ଜନଜାତି ଓ ପରିବେଶ ପ୍ରସଂଗ ଉପରେ ଆଲୋଚନା ଚକ୍ର କରିବା ପାଇଁ ପ୍ରସ୍ତାବ ରହିଥିବା ସୂଚନା ଦେଇଛନ୍ତି । ଓଡିଶାର ସର୍ବାଧିକ ଜନଜାତି ବାସକରୁଥିବା ଏବଂ ପ୍ରାକୃତିକ ସଂପଦରେ ଭରପୂର ଥିବା ସହ ରାଜ୍ୟର ପରିବେଶ ଓ ଅର୍ଥନୀତିକୁ ସନ୍ତୁଳନ କରୁଥିବା ଦକ୍ଷିଣ ଓଡିଶାର ଅଧିବାସୀ ମାନଙ୍କ ଜୀବନଜୀବିକାର ଅଭିବୃଦ୍ଧି ସହ ଆର୍ଥିକ ସୁଦୃଢ ଓ କୃଷି ଉତ୍ପାଦନର ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିବ । ଦକ୍ଷିଣ ଓଡିଶାର ପ୍ରମୁଖ ୫ନଦୀରେ ଜଳର ସୁପରିଚାଳନା ଦ୍ୱାରା କୃଷି ଓ କୃଷକର ମେରୁଦଣ୍ଡକୁ ସୁଦୃଢ କରିବା ପାଇଁ ତତ୍ପରତା ପ୍ରକାଶ କରିବା ସହ ତାହାର ସଫଳତା ଦିଗରେ ଏହି ସଂଗଠନ କାର୍ଯ୍ୟ କରିବ ବୋଲି ଭୃଗୁ ବକ୍ସିପାତ୍ର ମତ ରଖିଛନ୍ତି ସାର୍ବସାଜନୀନ ପ୍ରସ୍ତାବ ଗୃହିତ ହେଲା । ରେଳ, ସଡକ ପଥର ଉନ୍ନତି ସହ ପରିବହନ ପ୍ରସଂଗରେ ଦକ୍ଷିଣ ଓଡିଶାର ଭୂମିକା ଓ ରାଜସ୍ୱ ଅଭିବୃଦ୍ଧିରେ ଅବାଦନ ବଖାଣିବା ସହ ଦକ୍ଷିଣ ଓଡିଶାର ସ୍ୱାର୍ଥ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ । ପରିଷଦର ଚଳଚଂଚଳ ସଦସ୍ୟ ସଂଖ୍ୟା ଅଭିବୃଦ୍ଧି କିପରି କରାଯିବ ତାହାର ଏକ ନୀଳନକ୍ସା ପରିଷଦର କାର୍ଯ୍ୟକାରୀଣୀ ସଦସ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଥିବା ଜଣାପଡିଛି । ବରିଷ୍ଠଙ୍କ ପରାମର୍ଶରେ ଦକ୍ଷିଣ ଓଡିଶାର ଯୁବକ ମାନଙ୍କୁ ନେଇ ୭ଟି ଜିଲ୍ଲାର ବହୁବିଧ ପ୍ରସଂଗର ସମାଧାନ ଉପାୟ କିପରି ହାସଲ ହେବ ଏବଂ ଦକ୍ଷିଣ ଓଡିଶାର ସୀମା, ଜଳ, ଖଣି, ପାଣି, ଜଙ୍ଗଲଜମିର ସୁରକ୍ଷା ଓ ସତ୍ତ୍ୱାଧିକାରୀତାର ବୃହତର ସ୍ୱାର୍ଥକୁ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ସଭାର ବହୁ ଆଲୋଚନାରୁ ସ୍ପଷ୍ଟ ନିଷ୍କର୍ଷ ଜଣାପଡିଛି ।

# ସିପିଆଇ ନେତାଙ୍କୁ ପୌରାଧ୍ୟକ୍ଷଙ୍କ ମାଡ଼ ଅଭିଯୋଗ : ଅପରାଧିକ ମାମଲା ରୁଜୁ

ଜୟପୁର ,୨୩/୦୫ (ନି.ପ୍ର): ସିପିଆଇ ନେତା ସତ୍ୟବ୍ରତ ନନ୍ଦଙ୍କୁ ଜୟପୁର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ମାଡ଼ ମାରିଥିବା ଅଭିଯୋଗ ହୋଇଛି । ସତ୍ୟବ୍ରତଙ୍କ ଏତଲା ଆଧାରରେ ଜୟପୁର ଟାଉନ ଥାନା ପୁଲିସ ଅପରାଧିକ ମାମଲା ରୁଜୁ କରିଛି । ଅଟକାଇବା, ଗାଳିଗୁଲଜ ଏବଂ ଚାପୁଡ଼ା ମାରିବା ଭଳି ସଂଗିନ୍ ଦଫା ଲଗାଇ ଘଟଣାର ତଦନ୍ତ ଆରମ୍ଭ କରିଛି । ଏହି ଘଟଣାକୁ କେନ୍ଦ୍ରକରି ପୌରାଧକ୍ଷ ଶ୍ରୀ ମହାନ୍ତିଙ୍କ ପାଇଁ ଅଡୁଆ ବଢ଼ିଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ବଡ଼ଧରଣର ଆନ୍ଦୋଳନ ହେବ ବୋଲି ସିପିଆଇ ପକ୍ଷରୁ ଚେତାବନୀ ଦିଆଯାଇଛି । ଅଭିଯୋଗ ଅନୁଯାୟୀ, ଗତ ଶୁକ୍ରବାର ଦିନ ରାତିରେ ପୌରପାଳିକା, ପୁଲିସ ଏବଂ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯାଇଥିଲା । ମନଇଚ୍ଛା ଗାଡ଼ି ପାର୍କିଂ ପାଇଁ କିଛି ଜଣଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିଲା । ଏହି ପ୍ରସଙ୍ଗରେ ଶୁକ୍ରବାର ରାତି ପ୍ରାୟ ୯ଟାରେ ସିପିଆଇ ନେତା ସତ୍ୟବ୍ରତ ନନ୍ଦ ଜୟପୁର ପୌରପାଳିକା କାର୍ଯ୍ୟାଳୟକୁ ଆଲୋଚନା କରିବାକୁ ଯାଇଥିଲେ । ପୌର ନିର୍ବାହୀ ଅଧିକାରୀଙ୍କୁ ଭେଟି ପ୍ରଥମେ ଟ୍ରାଫିକ୍ ସମସ୍ୟାର ସମାଧାନ କରାଯାଉ ବୋଲି ଦାବି କରିଥିଲେ । ଏହିସମୟରେ ପୌରାଧକ୍ଷ ଶ୍ରୀ ମହାନ୍ତି ଉତ୍‌କ୍ଷିପ୍ତ ହୋଇଯାଇଥିଲେ । ପାଖକୁ ଆସି ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ । ଏହାପରେ ପ୍ରତିବାଦ କରିବାରୁ ଶ୍ରୀ ମହାନ୍ତି ଚାପୁଡ଼ା ମାରିଥିବା ସତ୍ୟବ୍ରତ ଏତଲାରେ ଉଲ୍ଲେଖ କରିଛନ୍ତି ।

ଗତକାଲି ରାତିରେ ସତ୍ୟବ୍ରତ ଥାନାରେ ଏତଲା ଦେଇଥିବାବେଳେ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୁଲିସ କେଶ୍ ନଂ ୧୨୦/୨୨ରେ ମାମଲା ରୁଜୁ କରିଛି । ସୂଚନାଯୋଗ୍ୟ, ଅଭିଯୋଗକାରୀ ସତ୍ୟବ୍ରତ ନନ୍ଦ ଗତ ପୌର ନିର୍ବାଚନରେ ସିପିଆଇ ପକ୍ଷରୁ ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ । ବର୍ତ୍ତମାନ ସେ ସିପିଆଇ କୋରାପୁଟ ଜିଲ୍ଲା ଯୁବ ଓ ଛାତ୍ର ଆବାହକ ଅଛନ୍ତି ।

# ଶିବାନନ୍ଦ ଆଶ୍ରମ ପକ୍ଷରୁ ଆର୍‌ଟିଓ ଛକରେ ପଥଚାରି ମାନଙ୍କୁ ଦହି ପାଣି ବଂଟନ

ବଲାଙ୍ଗୀର,୨୩/୦୫ (ନି.ପ୍ର): ବଲାଙ୍ଗିର ଦିବ୍ୟ ଜୀବନ ସଂଘ ତରଫରୁ ଗୀଷ୍ମ ପ୍ରବାହରେ ପଥଚାରୀ ମାନଙ୍କ ଆରାମ ପାଇଁ ଟିଟିଲାଗଡ ରୋଡ ସ୍ଥିତ ଆର୍ଟିଓ ଛକ୍ ଠାରେ ଆଜି ପାଂଚ ସପ୍ତାହ ରବିବାରରେ ଦହି ପାଣି ବଂଟନ କରାଯାଇଛି । ଏହି ଦହି ପାଣି ବଂଟନ ୬ ସପ୍ତାହ ପାଇଁ ପ୍ରତି ରବିବାର କରାଯାଉଛି ଆଗାମି ରବିବାର ଦିନ ଶେଷପାଳିରେ ଏହା ବଂଟନ ହେବ । ସଂଘର ସଭାପତି ରବିଚନ୍ଦ୍ର ଉଦ୍ଗାତା ଓ ସଂପାଦକ ରଘୁନାଥ ବାବୁଙ୍କ ନେତୃତ୍ୱରେ ସଂଘର ଯୁଗ୍ମ ସଂପାଦକ ରୀତା ବକ୍ସି, ଗୁରୁ ଭଉଣୀ ସଂଗୀତା ମିଶ୍ର , ବିଦ୍ୟୁତ୍ ପଣ୍ଡା , ସଂଯୁକ୍ତା ପାଣିଗ୍ରାହୀ ପ୍ରମୁଖ ପଥଚାରୀ ମାନଙ୍କୁ ଦହିପାଣି ବଂଟନ କରିଥିଲେ । ମହିଳା ସଭ୍ୟାମାନଙ୍କୁ ସଂଘର ସଦସ୍ୟ , ରଶ୍ମି ବକ୍ସି, ଶିବାନନ୍ଦ ଦାସ, ସମାରୁ ଭୋଇ, ବିମଳ କୁମାର ବାବୁ, ଅନ୍ତର୍ଯ୍ୟାମୀ ପୁରୋହିତ, ସହଦେବ ମଲ୍ଲିକ, ଭାସ୍କର ଚିନରା,ଦୋରା ବାବୁ, ଗୋପବନ୍ଧୁ ଶତପଥୀ, ଯୁବରାଜ ବରୁଆ, ଯଦୁ ପଟେଲ ଓ ଆଶ୍ରମ ର ଯୋଗ ଗ୍ରୁପ୍ ପ୍ରମୁଖ ଦହିପାଣି ବଂଟନରେ ସହଯୋଗ କରିଥିଲେ ।

# ସ୍ନେହଲତା ଘଟଣା ୭ ବର୍ଷ ପୂରିଲା: କ୍ରାଇମବ୍ରାଂଚ ହାତ ଖାଲି, ସିବିଆଇ ତଦନ୍ତ ଦାବି

ବଲାଙ୍ଗିର,୨୩/୦୫ (ନି.ପ୍ର): ଠିକ୍ ଆଜିକୁ ୭ ବର୍ଷ ତଳେ ବଲାଙ୍ଗିର ଜିଲ୍ଲାର ଖପ୍ରାଖୋଲ ବ୍ଲକ ସର୍ଗିପାଲି ଗାଁରେ ସ୍ନେହଲତା ଛତ୍ରିଆ ନାମକ ଏକ ଦଳିତ, ମେଧାବୀ ଛାତ୍ରିକୁ ଗଣ ଧର୍ଷଣ ପରେ ହତ୍ୟା କରାଗଲା । ଘଟଣା ଟି ସାରା ଓଡିଶାରେ ଚାଂଚଲ୍ୟ ଖେଳି ଯାଇଥିବାରୁ ରାଜ୍ୟ ସରକାର କ୍ରାଇମବ୍ରାଂଚ ତଦନ୍ତ ଘୋଷଣା କରିଥିଲେ । କିନ୍ତୁ ଘଟଣାଟିକୁ ୭ ବର୍ଷ ପୁରି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇ ପାରିନାହିଁ । ପର୍ଶ୍ଚିମ ଓଡିଶା ମହିଳା ସଂଗଠନ ର ଏକ ଦଳ ଆଜି ସର୍ଗିପାଲି ଗସ୍ତ କରି ସ୍ନେହଲତା ଛତ୍ରିଆର ଫଟୋରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଘଟଣାଟି ଅତି ସମ୍ବେଦନଶିଳ ଥିଲେ ମଧ୍ୟ ଦିଲ୍ଲୀର ନିର୍ଭୟାକାଣ୍ଡ ଠାରୁ ମଧ୍ୟ ଆହୁରି ଭୟଙ୍କର । ତଥାପି ଆଜି ପର୍ଯ୍ୟନ୍ତ ପିଡିତାଙ୍କୁ ନ୍ୟାୟ ମିଳିପାରି ନାହିଁ । ଏଣୁ ପର୍ଶ୍ଚିମ ଓଡିଶା ମହିଳା ସଂଗଠନ ତରଫରୁ ସ୍ନେହଲତାକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢେଇ କରିବା ପାଇଁ ଶପଥ ଗ୍ରହଣ ସଙ୍ଗେ ସଙ୍ଗେ ରାଜ୍ୟ ସରକାର ଫେଲ ମାରିଥିବାରୁ ସିବିଆଇ ତଦନ୍ତ ଦାବି କରିଥିଲେ । ଆଗାମୀ ଦିନରେ ସରକାର ସିବିଆ ତଦନ୍ତ ଘୋଷଣା ନ କରିବା ପର୍ଯ୍ୟନ୍ତ ଏବଂ ସ୍ନେହଲତାକୁ ନ୍ୟାୟ ନ ମିଳିବା ଯାଏଁ ପର୍ଶ୍ଚିମ ଓଡିଶା ମହିଳା ସଂଗଠନ ଲଢେଇ ଜାରି ରଖିବ ବୋଲି ସଂଗଠନ ତରଫରୁ ଘୋଷଣା କରାଯାଇଥିଲା । ଆଜିର ଏହି ଗସ୍ତରେ ସଭାନେତ୍ରୀ ସବିତା ନନ୍ଦ, ସଂପାଦିକା ସୁଷମା ବଏ, କାର୍ଯ୍ୟକାରୀ ସଦସ୍ୟ ଗୀତାଞ୍ଜଳି ବାଗ ସହିତ ଅନ୍ୟାନ୍ୟ ସଦସ୍ୟ ସାମିଲ ଥିଲେ ।

# ଚିନାବାଦାମ ଓ ମୁଗ ମଣ୍ଡି ଆରମ୍ଭ

ମାଲକାନଗିରି, ୨ ୨ ମଇ (ହି. ସ.)- ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାର ଚାଷୀ ମାନେ ରବି ଚାଷ କରି ଅମଳ କରିଥିବା ଚିନାବାଦାମ ଓ ମୁଗ ବିକ୍ରି ପାଇଁ ମଣ୍ଡିର ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ବିଶାଳ ସିଂ । ସଦର ବ୍ଲକ ଏମ.ଭି- ୧୧ ନିୟନ୍ତ୍ରିତ ବଜାର କମିଟି ତରଫରୁ ଶସ୍ୟ ସଂଗ୍ରହ କେନ୍ଦ୍ରରେ ଏହି ମଣ୍ଡିର ଶୁଭାରମ୍ଭ ହୋଇ ଯାଇଛି। ଜିଲ୍ଲାପାଳଙ୍କ ସହ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାମକୃଷ୍ଣ ହୟଗ୍ରୀବ, ମାର୍କଫେଡ୍ ମ୍ୟାନେଜର ପ୍ରଦୀପ କୁମାର ଭଟମିଶ୍ର, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୁରୁ ନାୟକ, ମାଲକାନଗିରି ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଅଭିମନ୍ୟୁ ନାୟକ, ମାର୍କଫେଡ ଅଧିକାରୀ ହରିଶ ଦାସ ଏବଂ ଚାଷୀମାନଙ୍କ ଉପସ୍ଥିତିରେ ଏହି ମଣ୍ଡି ଆରମ୍ଭ ହୋଇଥିଲା। ତେବେ ଚଳିତ ବର୍ଷ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ମୁଗ କ୍ୱିଣ୍ଟାଲ ପିଛା ୭୨୭୫ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଚିନାବାଦାମ କ୍ୱିଣ୍ଟାଲ ପିଛା ୫୫୫୦ ଟଙ୍କା ଧାର୍ଯ୍ୟ କରା ଯାଇଛି। ପ୍ରତି ମଣ୍ଡିରେ ଜଣେ ଚାଷୀ ଦିନକୁ ୨୫ କ୍ୱିଣ୍ଟାଲ ବାଦାମ ବିକ୍ରି କରିପାରିବେ !ଜିଲ୍ଲାରେ ମୋଟ ୨୭ ଟି ମଣ୍ଡି ଖୋଲା ଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରା ଯାଇଥିଲା ବେଳେ ଏହି ମଣ୍ଡି ଗୁଡିକ ମାଲକାନଗିରି, ପଡିଆ, ପୋଟ୍ରେଲ, ଗୁମୁକା, ବେଜାଙ୍ଗିବାଡା, ଖଇରପୁଟ, କାଲିମେଳା, କୋରୁକୋଣ୍ଡା, ଲୁଗେଲ, ସାଲିମାରିକୋଣ୍ଡା, ପଦ୍ମଗିରି, ପୁସୁଗୁଡା, କାମବାଡା, ମାରିବାଡା, ସୋମନାଥପୁର, ଗମ୍ପାକୋଣ୍ଡା, ଏମ୍.ପି.ଭି.- ୮୧, ଏମ୍.ଭି- ୧୧, ମୁଦୁଲିଗୁଡା, ଚିତାପାରି-୩, ଏମ୍.ଭି- ୭୨, ଏମ୍.ଭି-୭୯, ପୁରୁଣା ଚିମଟାପାଲ୍ଲୀ, କୁଡୁମୁଲୁଗୁମ୍ମା, ଉଣ୍ଡୁକୋଣ୍ଡା, ତେଲରାଇ ଏପରି ୨୭ଟି ସ୍ଥାନରେ ମଣ୍ଡି ଖୋଲା ଯାଇଛି ।

# ମାଲକାନଗିରିରେ ହକି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ମାଲକାନଗିରି,୨୩/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ଉଚ୍ଚ ବିଦ୍ୟାଳୟଠାରେ ତାର୍ଲାକୋଟା,ବାଲିମେଳା, କୋରୁକୋଣ୍ଡା,ଏମ୍ ଭି - ୩୪ ଓ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ହକି ଖେଳର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ହକି ପ୍ରଶିକ୍ଷକ ଭାବେ ଶେଖର ଚନ୍ଦ୍ର ବେହେରା ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ତାଲିମ ଦେଇଥିଲେ ! ଜିଲ୍ଲା କ୍ରୀଡା ନିରୀକ୍ଷକ ରତିକାନ୍ତ ରାଉତ, କ୍ରୀଡା ଶିକ୍ଷକ ଭାଗୀରଥି ସାହୁ, ଜ୍ୟୋସ୍ନାରାଣୀ ପ୍ରଧାନ, ଗଙ୍ଗାଧର ବାରିକ ଓ ବବିତା ମାଡାମ ଯୋଗଦେଇ ସହଯୋଗ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଉପସ୍ଥିତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ଖଡ଼ିଆଳସ୍ଥିତ ଅଗ୍ରସେନ ଭବନଠାରେ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀ ଅନୁଷ୍ଠିତ

ନୂଆପଡ଼ା,୨୩/୦୫ (ନି.ପ୍ର): କୈଳାଶ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଓଡିଶା ମାରୱାଡି ସମ୍ମିଳନୀର ସଭାପତି ଗୋବିନ୍ଦ ଚନ୍ଦ୍ର ଅଗ୍ରୱାଲ ।ମୁଖ୍ୟ ବକ୍ତା ଭାବରେ ଷ୍ଟିୟରିଂ କମିଟି ସଦସ୍ୟ କୈଳାଶ ଅଗ୍ରୱାଲ ।ସମ୍ମାନିତ ଅତିଥି ଭାବରେ ବଲାଙ୍ଗୀର ଜୋନ୍ ଉପ-ସଭାପତି ମନୋଜ କୁମାର ଜୈନ, କଳାହାଣ୍ଡି ଜୋନ୍ ଉପ-ସଭାପତି ସୁବାସ ଚନ୍ଦ୍ର ଅଗ୍ରୱାଲ, ଖଡ଼ିଆଳ ମାରୱାଡି ସମ୍ମିଳନୀ ର ନବ ନିର୍ବାଚିତ ସଭାପତି ନରେଶ ଛାପଡ଼ିଆ, ଉପ-ସଭାପତି ବିନୋଦ କୁମାର ଅଗ୍ରୱାଲ,, ସମ୍ପାଦକ ବଜରଙ୍ଗ ଲାଲ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ ।ବ୍ୟୁଟି ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରାରମ୍ଭିକ ସଙ୍ଗୀତ ଗାୟନ, ଗଣେଶ ବନ୍ଦନା ଆଦି ଅନୁଷ୍ଠିତ ହୋଇଥିଲା ।ଦେଶ, ଜାତିର ଉନ୍ନତି ପାଇଁ ମାରୱାଡି ସମ୍ପ୍ରଦାୟର ଅବଦାନ ଉପରେ ଆଲୋଚନା କରିବା ସହ ଭବିଷ୍ୟତରେ ଅନେକ ଜନ ହିତକର କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଅତିଥି ଗଣ ମତବ୍ୟକ୍ତ କରିଥିଲେ ।ସମ୍ପ୍ରଦାୟର ନବ ନିର୍ବାଚିତ କାଉନସିଲର, ଏନ ଏ ସି ଅଧକ୍ଷ ଓ କୃତି ଛାତ୍ରଛାତ୍ରୀ ତଥା ଦେଶର ଉଚ୍ଚ ପଦପଦବୀରେ ଯୋଗ୍ୟତା ବ୍ୟକ୍ତି ବିଶେଷଙ୍କୁ ଏଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ମଙ୍ଗଳବାର, ମଇ ୨୪, ୨୦୨୦

# ସୋରିଷ ତେଲ ମାଲିସ୍‌ର ଉପକାରିତା

**କିଛି ବର୍ଷ ତଳେ ଆମ ଭାରତୀୟ ରୋଷେଇ ଘରେ ସୋରିଷ ତେଲର ସ୍ଥାନ ବେଶ୍ ସ୍ୱତନ୍ତ୍ର ସଚେତନ ହୋଇ ବିଭିନ୍ନ ପ୍ରକାରର ରନ୍ଧା ତେଲ ପଛରେ ଧାଉଁଛନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ସୋରିଷ ତେଲ ରନ୍ଧା ଖାଇବା ସ୍ୱାସ୍ଥ୍ୟ ପାଇ ହିତକାରୀ । ଏହାର ମାଲିସ୍ ନିୟମିତ ତ୍ୱଚାରେ କଲେ ମଧ ଅନେକ ଉପକାର ମିଳିଥାଏ ।**



♦ ଶୋଇବା ପୂର୍ବରୁ ନିୟମିତ ସୋରିଷ ତେଲକୁ ହାଲ୍‌କା ଉଷୁମ କରି ପାଦତଳେ ମାଲିସ୍ କଲେ ଭଲ ନିଦ ହେବା ଦୃଷ୍ଟି ଶକ୍ତି ବଢିଥାଏ । ନିଶାସେବନ, ଧୂମପାନ ଅଧିକ କଲେ ଆଖିର ଜ୍ୟୋତି ପ୍ରଭାବିତ ହୁଏ । ଏଥିରୁ ବର୍ତ୍ତିବାକୁ ହେଲେ ସୋରିଷ ତେଲ ମହୌଷଧି ।

♦ ସୋରିଷ ତେଲ ନିୟମିତ ପୂରା ଶରୀରରେ ମାଲିସ୍ କଲେ ଆମର ରକ୍ତ ସଞ୍ଚାଳନ ଉତ୍ତମ ଭାବେ ହୋଇଥାଏ ।

♦ ପରୀକ୍ଷାରୁ ଜଣାପଡିଛି ଯେ, ସୋରିଷ ତେଲ ପାଦ ତଳେ ମାଲିସ୍ କରିବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢିବା ସହ ଓଜନକୁ ମଧ ନିୟନ୍ତ୍ରଣ କରେ ।

♦ ମାନସିକ ଚାପ, ଅବସାଦ ଓ ନିଦ୍ରାହୀନତାରୁ ବର୍ତ୍ତିବାକୁ ଚାହୁଁଥିଲେ, ୧ ମାସ ପର୍ଯ୍ୟନ୍ତ ସୋରିଷ ତେଲ ପାଦ ତଳେ ମାଲିସ୍ କରନ୍ତୁ ।

♦ ସପ୍ତାହରେ ୨-୩ ଦିନଥର ଏଇ ଉପାୟ କରନ୍ତୁ, ଦେଖିବେ ନିଶ୍ଚୟ ଆରାମ ଅନୁଭବ କରିବେ । ବଡ କୁଣ୍ଡରେ ଉଷୁମ ପାଣି ଭର୍ତ୍ତି କରି ସେଥିରେ ୨-୩ ଚାମଚ ସୋରିଷ ତେଲ ପକାନ୍ତୁ । ସେହି ପାଣିରେ ପାଦ ୨୦ ମିନିଟ୍ ବୁଡାଇ ପରେ ଭଲଭାବେ ପୋଛିନେବେ । ସୁନିଦ୍ରା ନିମନ୍ତେ ଏହା ଏକ ଉତ୍ତମ ଉପାୟ ।

# ଶିବପୂଜାରେ ଶଙ୍ଖ ନିଷିଦ୍ଧ

**ଶିବ ପୁରାଣ ଅନୁସାରେ ଭଗବାନ ଶିବ ସ୍ୱୟମ୍ଭୁ । ସେ ଦେବଙ୍କ ଦେବ ମହାଦେବ । ଭଗବାନ ଶିବଙ୍କ ଭୋଳେନାଥ, ମହେଶ, ରୁଦ୍ର, ନୀଳକଣ୍ଠ ଆଦି ନାମ ରହିଛି । ଶିବ ପୂଜାବେଳେ କେତେକ କଥା ଉପରେ ଧ୍ୟାନ ଦେବା ଉଚିତ ।**



**ଶଙ୍ଖ :** ଭଗବାନ ଶିବଙ୍କ ପୂଜାରେ ଶଙ୍ଖ ବ୍ୟବହାର ବର୍ଜିତ । ଶଙ୍ଖଚୂଡ ନାମକ ଅସୁରକୁ ଶିବ ବଦ୍ଧ କରିଥିଲେ । ଶଙ୍ଖଚୂଡ ଭଗବାନ ବିଷ୍ଣୁଙ୍କ ଭକ୍ତ ଥିଲେ ଓ ତାକୁ ଶଙ୍ଖର ପ୍ରତୀକ କୁହାଯାଏ । ସେଥିପାଇଁ ଶିବ ପୂଜାରେ ଶଙ୍ଖ ବ୍ୟବହାର କରାଯାଏ ନାହିଁ ।

**ତୁଳସୀ :** ହିନ୍ଦୁ ଧର୍ମରେ ତୁଳସୀର ବିଶେଷ ମହତ୍ତ୍ୱ ରହିଛି ଓ ସମସ୍ତ ଶୁଭ କାର୍ଯ୍ୟରେ ବ୍ୟବହାର କରାଯାଏ । ହେଲେ ଶିବଙ୍କୁ ତୁଳସୀ ଚଢାଯାଏ ନାହିଁ ।

**ନଡିଆ ପାଣି :** ଶିବଲିଙ୍ଗରେ ନଡିଆ ପାଣି ଅର୍ପଣ କରାଯାଏ ହେଲେ ଏଥିରେ ଅଭିଷେକ କରିବା ଉଚିତ ନୁହେଁ । ନଡିଆ ମା' ଲକ୍ଷ୍ମୀଙ୍କ ପ୍ରତୀକ ଯାହାଙ୍କ ସମ୍ବନ୍ଧ ବିଷ୍ଣୁଙ୍କ ସହ ।

**ଅକ୍ଷତ :** ଭଗବାନ ଶିବଙ୍କୁ ଅକ୍ଷତ ଅର୍ପଣ କରାଯାଏ ନାହିଁ । ଭଙ୍ଗା ଚାଉଳ ଅପୂର୍ଣ୍ଣ ଓ ଅଶୁଭ ହୋଇଥାଏ । ସେଥିପାଇଁ ଶିବଙ୍କୁ ଚଢାଯାଏ ନାହିଁ । ରାଶି ମଧ ଚଢ଼ାଯାଏ ନାହିଁ ।

**କୁଙ୍କୁମ :** କୁଙ୍କୁମ ସୌଭାଗ୍ୟର ପ୍ରତୀକ । ଶିବ ବୈରାଗୀ ହୋଇଥିବାରୁ କୁଙ୍କୁମ ଚଢ଼ାଯାଏ ନାହିଁ ।

**ହଳଦୀ :** ହଳଦୀର ସମ୍ବନ୍ଧ ବିଷ୍ଣୁ ଓ ସୌଭାଗ୍ୟ ସହିତ ରହିଛି । ସେଥିପାଇଁ ଶିବଙ୍କୁ ହଳଦୀ ଲଗାଯାଏ ନାହିଁ ।

# ୧୮ ବର୍ଷ ପରେ ଦେଖାଗଲା ଗ୍ଲାସ୍ ଫ୍ରଗ୍

୧୮ ବର୍ଷ ପରେ ବଲିଭିୟାରେ ଆଂଶିକ ସ୍ୱଚ୍ଛ ଚର୍ମ ଥିବା ଦୁର୍ଲଭ ପ୍ରଜାତିର 'ଗ୍ଲାସ୍ ଫ୍ରଗ୍' ଦେଖିବାକୁ ମିଳିଛି । ଏହାର ଓଜନ ୭୦-୮୦ ଗ୍ରାମ୍, ଲମ୍ବ ୧୯-୨୪ ମିଲିମିଟର । ଏହାର ଚମ ଏତେ ପତଳା ଯେ ତା'ପେଟ ଭିତରର ସବୁ ଅଂଶ ବାହାରକୁ ଦେଖାଯାଏ । ଗ୍ଲାସ୍ ଫ୍ରଗ୍ ଦେଖିବାକୁ ମିଳେ ।



# ସକାଳୁ ଉଠି କ'ଣ କରିବା ଉଚିତ

**ଶାସ୍ତ୍ର ଅନୁସାରେ ସକାଳୁ ଉଠି କିଛି ଜିନିଷ ଦେଖିବା ଶୁଭ ହୋଇଥାଏ । ଶୁଭ କାର୍ଯ୍ୟ କଲେ ସମ୍ପୂର୍ଣ୍ଣ ଦିନ ଶୁଭ ହୋଇଥାଏ । କାରଣ ଏପରି କରିବା ଦ୍ୱାରା ସକାରାତ୍ମକତା ଆସିଥାଏ ।**



■ ସକାଳୁ ଉଠି ଆଇନାରେ ମୁହଁ ଦେଖନ୍ତୁ ନାହିଁ । ଏହାଦ୍ୱାରା ନକାରାତ୍ମକ ଶକ୍ତି ପ୍ରଭାବିତ ହୋଇଥାଏ । ପ୍ରଥମେ ନିଜ ହାତ ଦେଖିବା ଉଚିତ ।

■ ସକାଳୁ ଉଠି ଇଷ୍ଟ ଦେବତାଙ୍କୁ ଧ୍ୟାନ କରିବା ସହ ଦର୍ଶନ କରିବା ଉଚିତ । ଏପରି କରିବା ଦ୍ୱାରା ଭଗବାନଙ୍କ କୃପା ମିଳିବା ସହ ଆତ୍ମବିଶ୍ୱାସ ବଢିଥାଏ ଓ ସକାରାତ୍ମକ ଶକ୍ତି ସଂଚାର ହୋଇଥାଏ ।

■ ସକାଳୁ କୌଣସି ପଶୁଙ୍କ ନାମ ନେବା ଉଚିତ ନୁହେଁ ବିଶେଷକରି ମାଙ୍କଡ । କାରଣ ହନୁମାନ କହିଛନ୍ତି, ମୋର ବାନର କୂଳରେ ଜନ୍ମ । ସକାଳୁ ମୋ ନାମ ନେଲେ ଉକ୍ତ ଦିନ ଠିକ୍ ସମୟରେ ଖାଇବାକୁ ମିଳେ ନାହିଁ ।

■ ଶାସ୍ତ୍ରରେ ବାପା-ମା'ଙ୍କ ଭଗବାନଙ୍କ ସମାନ କୁହାଯାଇଛି । ଯଦି ବାପା, ମା' ଖୁସି ତେବେ ପ୍ରଭୁ କୃପା ମିଳିବ । ପ୍ରତିଦିନ ସେମାନଙ୍କ ଆଶୀର୍ବାଦ ନିଅନ୍ତୁ ।

# ମୃଦୁପାନୀୟ ବିକ୍ରି ନେଇ ବିଚିତ୍ର ନିୟମ

ଏକ ସୁଖ ଦାମ୍ପତ୍ୟ ନିମନ୍ତେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ଉତ୍ତମ ବୁଝାମଣା ନିତାନ୍ତ ଜରୁରୀ । ପରସ୍ପରକୁ ମିଛ କହିଲେ କିମ୍ବା ଦୂରେଇଗଲେ, କୌଣସି ସମସ୍ୟାର ସମାଧାନ ହୋଇନଥାଏ ବୋଲି ପେନସିଲଭାନିଆ ଆଇନର ମୁଖ୍ୟ ନିୟମ । ଯୁକ୍ତରାଷ୍ଟ୍ର ଆମେରିକାର ଏକ ରାଜ୍ୟ ହେଉଛି ପେନ୍‌ସିଲଭାନିଆ । ସେଠାକାର ଏକ ଛୋଟ ସହର ଭାବେ ନ୍ୟୁ ଟାଉନ୍ ଜଣାଯାଏ । ସ୍ଥାନୀୟ ଅଂଚଳର ଜନସଂଖ୍ୟା ଅତିବେଶୀରେ ୨୫୦୦ ହେବ । ୨୦୦୧ ମସିହାରେ ସେଠାରେ ଏକ ବିଚିତ୍ର ନିୟମ ପ୍ରଣୟନ କରାଯାଇଥିଲା । ସେଠା ଲୋକ ଏଇ ନିୟମ ବିରୋଧରେ ଆନ୍ଦୋଳନ କରିଥିଲେ, କିନ୍ତୁ କିଛି ଲାଭ ମିଳିନଥିଲା । ନିୟମ ହେଉଛି, ପତ୍ନୀଙ୍କର ବିନା ଲିଖିତ ଅନୁମତିରେ ସ୍ଥାନୀୟ କୌଣସି ପୁରୁଷ ନିଶା ପାନୀୟ ଦୋକାନରୁ କିଣିପାରିବେନାହିଁ । ଏଭଳି ନିୟମ ପ୍ରଣୟନ କରିବା ପଛରେ ସେଠା ମେୟରଙ୍କ ଏକ ମହତ୍ ଉଦ୍ଦେଶ୍ୟ ଥିଲା । କାରଣ ନ୍ୟୁ ଟାଉନ୍‌ର ଅଧିକାଂଶ ଲୋକ ନିୟମିତ ନିଶାସେବନ କରି ରୋଗଗ୍ରସ୍ତ ହେଲେ । ଆଖି ଜ୍ୟୋତି କମିବା, ଯକୃତ ରୋଗ ହେବା ଇତ୍ୟାଦି ରୋଗଙ୍କ ସଂଖ୍ୟା ବଢିଲା । ସେଠା ଚିକିତ୍ସାଳୟ ମୁଖ୍ୟଙ୍କ ମତ ଥିଲା, ଅତ୍ୟଧିକ ମଦପାନ କରିବାରୁ ଏସବୁ ଅସୁବିଧା ଉପୁଜୁଛି । ଶେଷରେ ମେୟର ବହୁ ଭାବିଚିନ୍ତି ନିୟମ ପ୍ରଣୟନ କଲେ ଯେ କେବଳ ପତ୍ନୀଙ୍କ ଲିଖିତ ଅନୁମତି ମିଳିଲେ ହିଁ ଜଣେ ବ୍ୟକ୍ତି ନିଶାସେବନ କରିପାରିବ । ଯେହେତୁ ସ୍ଥାନୀୟ ଅଞ୍ଚଳର ଜନସଂଖ୍ୟା କମ୍ ଥିଲା, ଏଣୁ ସେସବୁ ଦୋକାନର ମାଲିକ ବିକ୍ରେତା ସମସ୍ତ ଗ୍ରାହକଙ୍କୁ ପାନୀୟ ବିକ୍ରି କରନ୍ତି, ସେମାନଙ୍କ ଲାଇସେନ୍ସ ରଦ୍ଦ ସହ ଜୋରିମାନାର ଘୋଷଣା କରାଗଲା । ଏଭଳି ପ୍ରଶଂସନୀୟ ପଦକ୍ଷେପ ପ୍ରକୃତରେ ସଫଳ ହେଲା । ମାସ କେଇଟାରେ ନିଶାସେବନକାରୀଙ୍କ ସଂଖ୍ୟା କମ୍ ହେବା ସହ ସ୍ଥାନୀୟ ଲୋକ ଏକ ସୁସ୍ଥ ଜୀବନଯାପନ କରୁଛନ୍ତି । ଏବେ ପର୍ଯ୍ୟନ୍ତ ସେଇ ନିୟମ ସେଠାରେ କଡାକଡି ଭାବେ ପାଳନ କରାଯାଇଛି ।




# ପ୍ରଥମ ୫ଜି ଟାବଲେଟ୍

ଦକ୍ଷିଣ କୋରିଆର ସାମସଙ୍ଗ୍ କମ୍ପାନୀ ପୃଥିବୀର ପ୍ରଥମ ୫ଜି ଟାବଲେଟ୍ 'ଗାଲେକ୍ସି ଟାବ୍ ଏସ୍ ୬ ଅନାବରଣ କରିଛି । ଏହାର ଓଜନ ୪୨୦ ଗ୍ରାମ୍ । ଏଥିରେ ୧୦.୫ ଇଞ୍ଚର ସୁପର୍ ଏମୋଲେଡ୍ ଡିସ୍‌ପ୍ଲେ ଅଛି । ମାଉଣ୍ଟେନ୍ ଗ୍ରେ ରଙ୍ଗର ଏହି ୫ଜି ଟାବଲେଟ୍‌ରେ ୧୨୮ ଜିବି ଇଣ୍ଟରନାଲ୍ ଷ୍ଟୋରେଜ୍ ଓ ୭୦୪୦ ଏମଏଏଚ୍ ବ୍ୟାଟେରି ଦିଆଯାଇଛି । ମୂଲ୍ୟ ୬୦,୫୦୦ ଟଙ୍କା । ଦକ୍ଷିଣ କୋରିଆ ବାହାରେ କମ୍ପାନୀ ଏହାକୁ କେବେ ଲଞ୍ଚ କରିବ ଜଣାପଡି ନାହିଁ ।

# ଠାକୁର ଘରର ଅବସ୍ଥିତି

**ବୈଦିକ ସଂସ୍କୃତିରେ ପୂଜା-ପାଠ କର୍ମକାଣ୍ଡର ବିଷୟ । ଦେବଦେବୀଙ୍କ ଆରାଧନା ପାଇଁ ଶାସ୍ତ୍ରରେ ପୂଜା-ପାଠର ନିୟମ କୁହାଯାଇଛି ଯାହାଦ୍ୱାରା ଈଶ୍ୱରୀୟ ଅନୁକମ୍ପା ପ୍ରାପ୍ତ କରାଯାଇପାରେ । ସେଥିପାଇଁ ସନାତନ ଧର୍ମକୁ ମାନୁଥିବା ଲୋକଙ୍କ ଘରେ ମନ୍ଦିର ଥାଏ ଯାହାକୁ ପୂଜା ଘର କୁହାଯାଏ । ହେଲେ ଅନେକ ସମୟରେ ପୂଜା ବେଳେ ହେଉଥିବା ଛୋଟ ଛୋଟ ଭୁଲ ଯୋଗୁ ଉନ୍ନତିରେ ବାଧକ ହୋଇଥାଏ ।**

୧. ଶୟନ କକ୍ଷରେ ପୂଜା ଠିକ୍ ନୁହେଁ । ଶୟନ କକ୍ଷରେ ପୂଜା ଘର ହେବା ଦ୍ୱାରା ପାରିବାରିକ ସମ୍ବନ୍ଧରେ ସମସ୍ୟା ଦେଖାଦିଏ ।

୨. ଆଜିକାଲି ଘରେ ମନ୍ଦିର ତିଆରି ପ୍ରଚଳନ ବୃଦ୍ଧି ପାଉଛି । ଘରେ ପୂଜା ସ୍ଥାନ ଅଲଗା ହେବା ଉଚିତ, ହେଲେ ସ୍ଥାନରେ ରହିବା ଉଚିତ ।

୩. ଛୁଟି କଟାଇବା ପାଇଁ ବା ବାହାରକୁ ଯିବାବେଳେ ଘରେ ତାଲା ପକାଇ ଦିଅନ୍ତୁ ଓ ଭଗବାନଙ୍କୁ ମଧ୍ୟ ବନ୍ଦ କରିଦିଅନ୍ତୁ । ପୂଜା ଘରେ ତାଲା ପକାଇବା ଉଚିତ ନୁହେଁ । ନିୟମିତ ପୂଜା କରିବାକୁ ପ୍ରୟାସ କରନ୍ତୁ ।

୪. ଠାକୁର ଘରେ ବାସି ଫୁଲ, ମାଳ, ଅଗରବତୀ ଜମା କରି ରଖିବା ଉଚିତ ନୁହେଁ । ଏହାଦ୍ୱାରା ନକାରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ ଯାହା ସୁଖ-ସମୃଦ୍ଧି କମ୍ କରିଥାଏ ।

୫. ପୂଜା ଘର ଶୌଚାଳୟଠାରୁ ଦୂରରେ ରହିବା ଉଚିତ । ସିଡି ତଳେ ମଧ୍ୟ ପୂଜା ଘର ହେବା ଅନୁଚିତ ।

୬. ରୋଷେଇ ଘର ସହିତ ମଧ୍ୟ ଠାକୁର ଘର ରହିବା ଉଚିତ ନୁହେଁ । କାରଣ ରୋଷେଇ ଘରେ ଥିବା ଅଇଁଠା ବାସନ ଓ ଡଷ୍ଟବିନ୍ ଆଦି ପବିତ୍ରତାକୁ ନଷ୍ଟ କରିଥାଏ ।



# ମଣ୍ଡୁକ ମନ୍ଦିର



ଉ ର ପ୍ରଦେଶର ଲକ୍ଷ୍ମୀପୁର ଖେଡି ଜିଲ୍ଲାର ଓୟେଲ ସହରରେ ନର୍ମଦେଶ୍ୱର ମନ୍ଦିର ଅଛି ଯାହା 'ବେଙ୍ଗ ମନ୍ଦିର' ବା 'ମଣ୍ଡୁକ ମନ୍ଦିର' ନାଁରେ ଲୋକପ୍ରିୟ । ୨୦୦ ବର୍ଷର ଇତିହାସ ଅଛି ବେଙ୍ଗ ମନ୍ଦିରର । ଊନବିଂଶ ଶତାବ୍ଦୀରେ ଓୟେଲ୍ ନଗରୀର ଶାସକଙ୍କ ନିର୍ମାଣ କରାଯାଇ ଭଗବାନ ଶିବଙ୍କୁ ସମର୍ପିତ କରାଯାଇଥିଲା । ବେଙ୍ଗ ସମୃଦ୍ଧି, ଭାଗ୍ୟ ଓ ପ୍ରଜନନ ଶକ୍ତିର ପ୍ରତୀକ । ଏହାର ବାସ୍ତୁକଳା ତନ୍ତ୍ର ବିଦ୍ୟା ଉପରେ ଆଧାରିତ । ଏହି ଦିବ୍ୟ ବେଙ୍ଗ କାଳେ ରାଜା ଭକ୍ତ ସିଂହଙ୍କୁ ଆଶୀର୍ବାଦ ଦେଉଥିଲା । ଏହାକୁ ଦେଖିଲେ ଲାଗିବ ବେଙ୍ଗ ତା' ପଛ ଅବୟବରେ ସମ୍ପୂର୍ଣ୍ଣ ମନ୍ଦିରକୁ ଧାରଣ କରିଛି । ମନ୍ଦିର କାନ୍ଥରେ ତାନ୍ତ୍ରିକ ଦେବୀ ତଥା ଦେବତାଙ୍କ ମୂର୍ତ୍ତି ଖୋଦେଇ କରାଯାଇଛି ।

# ବିଶ୍ୱର ସବୁଠାରୁ ବଡ଼ ଦାନ୍ତ



ଆମେମାନେ ପଢ଼ିଛନ୍ତି ବା ଶୁଣିଛନ୍ତି ମଣିଷର ୩୨ଟି ଦାନ୍ତ ଥାଏ । ଦାନ୍ତ ଖାଦ୍ୟ ଖାଇବା ଓ ଚୋବେଇବା ଆଦିର କାମ କରିଥାଏ । ତେବେ ଦାନ୍ତର ସାଇଜ ଛୋଟ ଥାଏ । କିନ୍ତୁ ଜର୍ମାନୀର ଓଫେନବାଖ ସହରରେ ଥିବା ଜଣେ ଦାନ୍ତ ଡାକ୍ତର ଏ ପର୍ଯ୍ୟନ୍ତ ସବୁଠାରୁ ବଡ ଦାନ୍ତ ବାହାର କରିଛନ୍ତି । ରିପୋର୍ଟ ଅନୁସାରେ, ଜର୍ମାନୀ ଓଫେନବାଖ ସହରରେ ଥିବା ଡାକ୍ତର ମ୍ୟାକ୍ସ ଲୁକସ ନିକଟ ସହରର ମାର୍ଟିଜେ ର ନାବାସୀ ଗ୍ରୋଏସିଆର ର ଜଣେ ଲୋକର ମୁହଁରୁ ଏକ ଦାନ୍ତ ବାହାର କରିଛନ୍ତି, ଯାହାର ଲମ୍ବ ୩୭.୨ମି.ମି ବା ୧.୪୬ ଇଞ୍ଚ । ଏହି ଦାନ୍ତକୁ ସେ ୨୦୧୮ ମସିହାରେ ବାହାର କରିଥିଲେ । କିନ୍ତୁ ଏହାକୁ ଗିନିଜ୍ ବୁକ୍‌ରେ ସ୍ଥାନ ପାଇବା ପାଇଁ କିଛି ଜରୁରୀ କାଗଜପତ୍ର ପୂରା କରିବା ପାଇଁ ଏକ ବର୍ଷ ସମୟ ଲାଗିଥିଲା । ଏହି ଦାନ୍ତର ଚାରି ଭାଗରୁ ତିନି ଭାଗ ମାଢି ଭିତରେ ଥିଲା । ଡାକ୍ତର ମ୍ୟାକ୍ସଙ୍କୁ ଗିନିଜ ବୁକ୍ ଅଫ ୱାର୍ଲ୍ଡ ରେକର୍ଡର ସାର୍ଟିଫିକେଟ ମିଳିଛି । ସେ ତାଙ୍କ ଅଫିସ୍ ରେ ଏହି ସାର୍ଟିଫିକେଟକୁ ରଖିଛେ । ଦୁନିଆରେ କେତେ ଲୋକଙ୍କ ଦାନ୍ତ ବାହାର କରାଯାଇଛି କିନ୍ତୁ ଏହି ଦାନ୍ତକୁ ଏ ପର୍ଯ୍ୟନ୍ତ ସବୁଠାରୁ ବଡ ଦାନ୍ତ ବୋଲି କୁହାଯାଉଛି ।

# ନାସାର ପ୍ରାଇଭେଟ୍ ସ୍ପେସ୍ ହୋମ୍

ଇଣ୍ଟରନାସନାଲ ସ୍ପେସ୍ ଷ୍ଟେସନ୍ (ଆଇଏସ୍‌ଏସ୍)ରେ ନାସା ମହାକାଶ ପର୍ଯ୍ୟଟକଙ୍କ ପାଇଁ ସ୍ପେସ୍ ହୋମ୍ ତିଆରି କରିବ । ଏଥିପାଇଁ ଏକ୍ସିୟମ୍ ସ୍ପେସ୍ କମ୍ପାନୀ ସହିତ ଚୁକ୍ତି ହୋଇଛି । ୨୦୨୪ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବା ଆଶା କରାଯାଉଛି । ଏକ୍ସିୟମ୍ ସ୍ପେସ୍ ଏହାର କନସେପ୍ଟ ଫଟୋ ଜାରି କରିଛି । ସ୍ପେସ୍ ହୋମ୍‌ଟି ଆଇଏସ୍‌ଏସ୍ ସହିତ ସହଜରେ ଯୋଡି ହୋଇପାରିବ, ଅଲଗା ବି ହୋଇପାରିବ । ମହାକାଶରେ ଏହା ସବୁଠୁ ବଡ ନିର୍ମାଣକାର୍ଯ୍ୟ । ଏଥିରେ ୱାଇଫାଇ ଏଲଇଡି, ମିରର ଓ ଗ୍ଲାସ୍ ୱାଲ୍ ରହିବ । ଜିରୋ ଗ୍ରାଭିଟିରେ ରୋଜିଂ ଲାଗିଛି । କାଚ ଝରକା ଦେଇ ପର୍ଯ୍ୟଟକମାନେ ମହାକାଶର ଦୃଶ୍ୟ ଦେଖିପାରିବେ । ଅବଜରଭେଟିଭ୍ ୱିଣ୍ଡୋରୁ ପୃଥିବୀର ୩୬୦ ଡିଗ୍ରୀ ଦୃଶ୍ୟ ଦେଖି ହେବ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜିଏସ୍‌ଟିର ଭବିଷ୍ୟତ...

ଗତ ସପ୍ତାହର ଗୁରୁବାର ଅର୍ଥାତ ୧୯ ତାରିଖ ଦିନ ଦେଶର ସର୍ବୋଚ୍ଚ ସୁପ୍ରିମକୋର୍ଟ ପ୍ରକାଶ କରିଛନ୍ତି ଯେ ସାମଗ୍ରୀ ଓ ସେବା ଟିକସ ପରିଷଦର ସୁପାରିସଗୁଡ଼ିକୁ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ଉପରେ ନ୍ୟସ୍ତ କରାଯାଇଥିବା ବାଧ୍ୟତାମୂଳକ କାର୍ଯ୍ୟ ଭାବରେ ବିବେଚନା କରାଯିବା ପରିବର୍ତ୍ତେ ଏହାକୁ ଏକ ପ୍ରବର୍ତ୍ତାଇବା ଭଳି ମୂଲ୍ୟବୋଧ ରହିଥିବା ଦୃଷ୍ଟିରେ ଦେଖାଯିବା ଉଚିତ୍। ଏପରି ତର୍ଜମା ହୁଏତ ଅତିକ୍ରମଣ ହୋଇଥାଇପାରେ, କାରଣ କିଛି ସମ୍ବାଦପତ୍ର ଉଲ୍ଲେଖ କରିଛନ୍ତି ଯେ କୋର୍ଟଙ୍କର ଉପରୋକ୍ତ ବକ୍ତବ୍ୟକୁ କେନ୍ଦ୍ର ସରକାର ଏବଂ ତାମିଲନାଡୁ ଓ କେରଳ ଭଳି କେତେକ ଅଣ-ବିଜେପି ଶାସିତ ରାଜ୍ୟ ଭିନ୍ନ ଭିନ୍ନ ଭାବରେ ତର୍ଜମା କରିଥିବା ଭଳି ମନେହୁଏ। ଜିଏସଟିର ସାମ୍ପ୍ରତିକ ନିୟମ କାନୁନ୍‌ଗୁଡ଼ିକ କ୍ଷେତ୍ରରେ କେନ୍ଦ୍ର ସରକାର ସ୍ଥିତାବସ୍ଥାରେ କୌଣସି ପ୍ରକାରର ବଡ଼ ଧରଣର ପରିବର୍ତ୍ତନ ନ କରିବାକୁ ମନସ୍ଥ କରିଥିବାବେଳେ ଉପରୋକ୍ତ ବର୍ଗର ରାଜ୍ୟମାନେ ବିଶ୍ୱାସ କରନ୍ତି ଯେ ଜିଏସଟି ବ୍ୟାପାରରେ ଏହା ସେମାନଙ୍କୁ ଅଧିକ ସ୍ୱାୟତ୍ତତା ପ୍ରଦାନ କରିବାକୁ ସୁଯୋଗ ପ୍ରଦାନ କରିବ। ସୁପ୍ରିମ୍‌କୋର୍ଟଙ୍କ ୧୫୩ ପୃଷ୍ଠାବିଶିଷ୍ଟ ରାୟ ମଧ୍ୟ ପରୋକ୍ଷ ଟିକସ ପରିସରର କାର୍ଯ୍ୟକାରିତାକୁ ତଦାରଖ କରିବାକୁ ପ୍ରତିଷ୍ଠିତ ସାମ୍ବିଧାନିକ ସଂସ୍ଥା ଜିଏସଟି ପରିଷଦର ସୁପାରିସଗୁଡ଼ିକର ସ୍ୱଭାବ ଉପରେ ବିଶଦ ଭାବରେ ବିଚାର କରିଛନ୍ତି। ସହଯୋଗିତାମୂଳକ ସଂଘୀୟବାଦର ପ୍ରସଙ୍ଗ ଉଠାଇ କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଜିଏସଟି ଆଇନଗୁଡ଼ିକ ତିଆରି କରିବାପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ବିଧାନସଭାଗୁଡ଼ିକଙ୍କର 'ସମାନ, ଏକକାଳୀନ ଏବଂ ସ୍ୱତନ୍ତ୍ର କ୍ଷମତା' ରହିଛି, ଯେଉଁଠି ସେମାନଙ୍କର ଯଥାକ୍ରମେ ଏକ ତୃତୀୟାଂଶ ଏବଂ ଦୁଇ-ତୃତୀୟାଂଶ ଭୋଟ୍ ଦାନ ଅଂଶ ଅଛି ଏବଂ ସେଗୁଡ଼ିକ ସେମାନଙ୍କ ଉପରେ ବାଧ୍ୟତାମୂଳକ ନୁହେଁ। କୋର୍ଟଙ୍କ କହିବା ଅନୁସାରେ ବହୁବିଧ କେନ୍ଦ୍ରୀୟ ଏବଂ ରାଜ୍ୟ ଟିକସ ଓ ଶୁଳ୍କ ଆଦାୟ ବ୍ୟବସ୍ଥା ପରିବର୍ତ୍ତେ ଗୋଟିଏ ମାତ୍ର ଟିକସ ବ୍ୟବସ୍ଥାର ପ୍ରଚଳନ କରିବା ପାଇଁ ପଥ ପରିଷ୍କାର କରିବା ଉଦ୍ଦେଶ୍ୟରେ ସମ୍ବିଧାନରେ ସଂଶୋଧନ ଆଣିବାକୁ ସଂସଦ ଯେତେବେଳେ ପଦକ୍ଷେପ ନେଲା, ସେତେବେଳେ ଉଦ୍ଦେଶ୍ୟ ରଖିଥିଲା ଯେ ଏହି ପରିଷଦର ସୁପାରିସଗୁଡ଼ିକ କେବଳ 'ଏକ ପ୍ରବର୍ତ୍ତାଇବା ମୂଲ୍ୟବୋଧ' ବହନ କରିବ। ସମ୍ପ୍ରତି ଏହି ଦିଗଟି ଆଶଙ୍କା ଜାତ କରାଇଛି ଯେ ଏଣିକି ହୁଏତ ପରିଷଦର ସୁପାରିସଗୁଡ଼ିକ, ଯେଉଁଥିରେ ସେମାନେ ରାଜି ନଥିବେ, ତା' ଉପରେ ରାଜ୍ୟମାନେ ଭିଟୋ ପ୍ରୟୋଗ କରିବା ଭଳି ପଦକ୍ଷେପ ନେଇପାରନ୍ତି ଏବଂ ତାକୁ କାର୍ଯ୍ୟକାରୀ କରିବାକୁ ମନା କରିଦେଇପାରନ୍ତି। ଏହାଦ୍ୱାରା ଗୋଟିଏ ଦେଶ, ଗୋଟିଏ ଟିକସ ବ୍ୟବସ୍ଥା ପ୍ରଚଳନ କରିବାପାଇଁ କରାଯାଇଥିବା ବର୍ଷ ବର୍ଷର ପରିଶ୍ରମ ପଣ୍ଡ ହୋଇଯିବ। କୋର୍ଟଙ୍କ ରାୟ ପରେ ବିରୋଧୀ ଦଳମାନଙ୍କ ଦ୍ୱାରା ଶାସିତ ରାଜ୍ୟ ସରକାରମାନେ ଏହା ସେମାନଙ୍କର ଅଧିକାର ସପକ୍ଷରେ ଯାଇଥିବା ମନେ କରୁଛନ୍ତି। ଅର୍ଥ ମନ୍ତ୍ରଣାଳୟ ରାଜ୍ୟମାନଙ୍କର ଅତ୍ୟୁତ୍ସାହିତାକୁ ଶାନ୍ତ କରାଇବାକୁ ଯାଇ କୋର୍ଟ କେବଳ ପରିଷଦର ବିଦ୍ୟମାନ ବ୍ୟବସ୍ଥାକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି ବୋଲି କହିଥିବାବେଳେ ସ୍ଥିତାବସ୍ଥା ବଜାୟ ରହିବ ବୋଲି ସୂଚାଇ ଦେଇଛି। ଅର୍ଥାତ, ଯେ କୌଣସି ରାଜ୍ୟ ସରକାର ଚାହିଁଲେ ପରିଷଦର ନିଷ୍ପତ୍ତିକୁ ଅଗ୍ରାହ୍ୟ କରିପାରିବେ। ସୁଖର କଥା ଯେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ରାଜ୍ୟ ସରକାର ଏହା କରିନାହାନ୍ତି। ସମ୍ପ୍ରତି କୋର୍ଟଙ୍କ ଉପରୋକ୍ତ ରାୟ ଉପରେ ବିଶଦ ଭାବରେ ତର୍ଜମା ଚାଲିଛି ଏବଂ ଏହା ଶେଷ ହେବାପରେ ପ୍ରକୃତ ଛବି ସମସ୍ତଙ୍କ ସାମ୍ନାରେ ସ୍ପଷ୍ଟ ହୋଇଯିବ। ଯଦି ଏହା ନହୁଏ, ତା'ହେଲେ ନିଜ ରାୟକୁ ଆଉ ଥରେ ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମା କରିବା ନିମନ୍ତେ କୋର୍ଟଙ୍କୁ ହୁଏତ ନିବେଦନ କରାଯାଇପାରେ। ପରିଷଦର ସୁପାରିସଗୁଡ଼ିକ ଯଦି ବାଧ୍ୟତାମୂଳକ ନହୁଏ, ତା'ହେଲେ ଏହା ଏକ ଅଚଳାବସ୍ଥା ସୃଷ୍ଟି କରିବ ଏବଂ ସମଗ୍ର ଜିଏସ ଟି ସଂରଚନା ଭୁଶୁଡ଼ି ପଡ଼ିବ ବୋଲି କେନ୍ଦ୍ର ସରକାର ଯାହା ଯୁକ୍ତି ଦର୍ଶାଇଥିଲେ, କୋର୍ଟ ତାର କୌଣସି ଆଧାର ନାହିଁ ବୋଲି ଦୃଢ଼ ଭାବରେ କହିଥିଲେ। ଆଉ ମାତ୍ର କିଛି ଦିନ ପରେ ଜିଏସଟି ବ୍ୟବସ୍ଥା ଲାଗୁ କରାଯିବାର ପାଂଚ ବର୍ଷ ପୂରଣ ହେବ। ଏହାପରେ ପ୍ରତିଶ୍ରୁତି ମୁତାବକ କେନ୍ଦ୍ର ସରକାରଙ୍କୁ ରାଜ୍ୟମାନଙ୍କ ଟିକସ ହାନିର ଭରଣାଜନିତ ବୋଝରୁ ମୁକ୍ତି ମିଳିବ। ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ସମ୍ପ୍ରତି ଜିଏସଟି ବ୍ୟବସ୍ଥାକୁ ନେଇ ସବୁ ପକ୍ଷ ଆତ୍ମସମୀକ୍ଷା କରିବାର ଅବସର ଆସିଛି। ଯଦି କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାର ଉପରୋକ୍ତ ରାୟର ଭ୍ରମାତ୍ମକ ତର୍ଜମା କରନ୍ତି, ତା'ହେଲେ ପରିଷଦର ବୈଠକଗୁଡ଼ିକ କାଳରେ ବାଦ ବିବାଦ ଉପୁଜିବ; ଅନ୍ୟଥା ଏହା ସଦସ୍ୟମାନଙ୍କ ମଧ୍ୟରେ ଦାୟିତ୍ୱବୋଧର ଏକ ନୂତନ ଚେତନା ଭରିଦେବ। ଯେହେତୁ ଆସନ୍ତା ମାସରେ ରାଜ୍ୟମାନେ ହରାଉଥିବା ରାଜସ୍ୱର ଭରଣା କରିବାର ଦାୟିତ୍ୱରୁ କେନ୍ଦ୍ର ମୁକ୍ତ କରିବାକୁ ଯତ୍ନଶୀଳ ହେବା ବିଧେୟ, ସେମାନଙ୍କ ଦ୍ୱାରା ଯଦି କୌଣସି ପ୍ରସ୍ତାବ ଉତ୍‌ଥାପନ କରାଯାଏ, ତାକୁ ଦମନ କରିଦେବା ଭଳି କୌଣସି ପ୍ରକାରର ଉପାୟର ସନ୍ଧାନ ନକରିବା ଉଚିତ୍।

## ସାମ୍ପ୍ରତିକ ସ୍ଥିତିରେ ଭାରତର ଗୋଷ୍ଠୀ ନିରପେକ୍ଷ ନୀତି

ଲୋକନାଥ ମହାପାତ୍ର

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ଶୀତଳ ଯୁଦ୍ଧର ଯୁଗ ଆରମ୍ଭ ହୋଇଥିଲା, ଯେଉଁଥିରେ ସମଗ୍ର ବିଶ୍ୱ ମୁଖ୍ୟତ ଦୁଇଟି ଦଳ ମଧ୍ୟରେ ବିଭକ୍ତ ହୋଇଥିଲା - କମ୍ୟୁନିଷ୍ଟ ସୋଭିଏତ୍ ୟୁନିଅନ୍ ଏବଂ ପୁଞ୍ଜିବାଦୀ ଆମେରିକା । ଏହି ସମୟରେ ଉଭୟ ଦଳ ପରସ୍ପର ବିରୁଦ୍ଧରେ ଲଢ଼ିବା ପାଇଁ ସାମରିକ ଗୋଷ୍ଠୀ ପ୍ରସ୍ତୁତ କରୁଥିଲେ। ଏଥି ସହିତ, ଅନେକ ଦେଶ ବିଶ୍ୱବ୍ୟାପୀ ପୃଷ୍ଠଭୂମିରେ ଉପନିବେଶବାଦରୁ ମୁକ୍ତି ପାଇଲେ, ଭାରତ ଭଳି ଦେଶ ମଧ୍ୟ ଏହି ବର୍ଗରେ ଅନ୍ତର୍ଭୁକ୍ତ ହୋଇଥିଲେ । ପ୍ରକୃତରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଉପନିବେଶ ବ୍ୟବସ୍ଥାର ପତନ ସମୟରେ ପ୍ରତିଷ୍ଠିତ ହୋଇଥିଲା । ଏହା ଏପରି ସମୟରେ ପ୍ରତିଷ୍ଠିତ ହୋଇଥିଲା ଯେତେବେଳେ ନୂତନ ଦେଶଗୁଡିକ ଉପନିବେଶିକ ଦାସତ୍ୱରୁ ମୁକ୍ତ ହୋଇ ବିଶ୍ୱ ସ୍ତରରେ ଏକ ନୂତନ ପରିଚୟ ହାସଲ କରିବାକୁ ଚେଷ୍ଟା କରୁଥିଲେ, ଭାରତ ଏହି ଦେଶମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା ।

ଉପନିବେଶବାଦରୁ ମୁକ୍ତ ଏହି ଦେଶଗୁଡିକ ଉଭୟ ମହାଶକ୍ତି ସୋଭିଏତ୍ ୟୁନିଅନ୍ ଏବଂ ଆମେରିକା ଠାରୁ ନିଜକୁ ଦୂରେଇ ରଖିଥିଲେ ଏବଂ ସ୍ୱାଧୀନ ତଥା ନିରପେକ୍ଷ ରହିବାକୁ ଚେଷ୍ଟା କରୁଥିବା ଏକ ସଂଗଠନ ଭାବରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ପ୍ରତିଷ୍ଠା କରିଥିଲେ । ଉପନିବେଶବାଦରୁ ମୁକ୍ତି ଲାଭ କରିଥିବା ଏହି ଦେଶଗୁଡିକ 'ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ' ପ୍ରତିଷ୍ଠା କରି ନିଜକୁ ଉଭୟ ଗୋଷ୍ଠୀଠାରୁ ଦୂରରେ ରଖିଥିଲେ । ଏହାର ପ୍ରତିଷ୍ଠାର ମୂଳ ଉଦ୍ଦେଶ୍ୟ ଥିଲା କୋଣସି ମେଣ୍ଟ ସହ ପକ୍ଷଭୁକ୍ତ ନ ହୋଇ ନୂତନ ଦେଶର ସ୍ୱାର୍ଥ ରକ୍ଷା କରିବା । ଏହାର ଉଦ୍ଦେଶ୍ୟ ଥିଲା ଶୀତଳ ଯୁଦ୍ଧ ରାଜନୀତି ତ୍ୟାଗ କରିବା, ସ୍ୱାଧୀନ ଆନ୍ତର୍ଜାତୀୟ ରାଜନୀତିକୁ ଅନୁସରଣ କରିବା, ସାମରିକ ମେଣ୍ଟ ଠାରୁ ପର୍ଯ୍ୟାପ୍ତ ଦୂରତା ବଜାୟ ରଖିବା, ସାମ୍ରାଜ୍ୟବାଦ ଏବଂ ଉପନିବେଶବାଦକୁ ବିରୋଧ କରିବା ଏବଂ ମାନବିକ ଅଧିକାରର ସୁରକ୍ଷା ପାଇଁ ଯଥାସମ୍ଭବ କାର୍ଯ୍ୟ କରିବା । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ସର୍ବଦା ଏକ ସ୍ୱାଧୀନ ରାଜନୈତିକ ରାସ୍ତା ତିଆରି କରିବାକୁ ଚେଷ୍ଟା କରିଆସିଛି, ଯାହା ଦ୍ୱାରା ସଦସ୍ୟ ରାଷ୍ଟ୍ର ଦୁଇ ମହାଶକ୍ତିର ରାଜନୈତିକ ଯୁଦ୍ଧ ଫାଶରୁ ରକ୍ଷା ପାଇ ପାରିବେ । ଏହା ଉପନିବେଶବାଦ, ସାମ୍ରାଜ୍ୟବାଦ ତଥା ଜାତିବାଦ ବିରୁଦ୍ଧରେ ଗଠିତ ହୋଇଥିଲା । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଭାରତ ସହ ସମୁଦାୟ ୧୨୦ ବିକାଶଶୀଳ ଦେଶକୁ ନେଇ ଗଠିତ ହୋଇଥିଲା ।

ବିଶ୍ୱ ଶାନ୍ତି ରକ୍ଷା ପାଇଁ ପ୍ରୟାସରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଏକ ସକ୍ରିୟ ଭୂମିକା ଗ୍ରହଣ କରିଥିଲା ଏବଂ ଭାରତ ମଧ୍ୟ ସେମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା । ଭାରତ ନିରପେକ୍ଷ ସ୍ଥିତି ସହିତ ଏକ ସୁରକ୍ଷିତ କୂଟନୈତିକ ପ୍ଲାଟଫର୍ମରେ ଛିଡା ହୋଇ ଯେଉଁଭଳି ସେତେବେଳେ ବିଶ୍ୱର କୂଟନୈତିକ ମାନଚିତ୍ରରେ ଏକ ପ୍ରଭାବଶାଳୀ ସ୍ୱର ହୋଇ ନିଜର ଜାତୀୟ ସ୍ୱାର୍ଥ ରକ୍ଷା କରି ଉଭୟ ମହାଶକ୍ତି ସହିତ ପକ୍ଷଭୁକ୍ତ ନ ହୋଇ ମଧ୍ୟ ସେମାନଙ୍କ ସହିତ ଉତ୍ତମ ସମ୍ପର୍କ ରକ୍ଷା କରି ବିଶ୍ୱର ରାଜନୈତିକ ମଞ୍ଚରେ ନିଜର ସ୍ୱତନ୍ତ୍ରତା ଏବଂ ମହତ୍ତ୍ୱ ରକ୍ଷା କରିପାରିଥିଲା ଆଜି ଭାରତ ଋଷ-ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ନିରପେକ୍ଷତାର ନୀତି ଅବଲମ୍ବନ କରି ପୁନର୍ବାର ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ପ୍ରତି ତାର ପ୍ରତିବଦ୍ଧତାକୁ ଦୋହରାଇଛି ଏବଂ ଦୂରଦୃଷ୍ଟିର ପରିଚୟ ଦେଇଛି ଯାହାକୁ ଆମେରିକା, ଋଷ ଓ ୟୁକ୍ରେନ ଆଦି ଅନେକ ଦେଶ ପ୍ରଶଂସା କରିଛନ୍ତି ।

ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତ ଏପର୍ଯ୍ୟନ୍ତ ଋଷକୁ ନିନ୍ଦା କରି ନାହିଁ କିମ୍ବା ସମର୍ଥନ କରିନାହିଁ। ଭାରତ କ୍ରମାଗତ ଭାବରେ କହିଛି ଯେ ଉତ୍ତେଜନାକୁ ହ୍ରାସ କରିବା ଜରୁରୀ ଆବଶ୍ୟକତା ରହିଛି ଏବଂ କେବଳ କୂଟନୈତିକ କଥାବାର୍ତ୍ତା ମାଧ୍ୟମରେ ଏହି ସମସ୍ୟାର ସମାଧାନ ହୋଇପାରିବ। ଋଷର ୟୁକ୍ରେନ ଉପରେ ଆକ୍ରମଣକୁ ତୁରନ୍ତ ନିନ୍ଦା କରିବା ସହ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ଏକ ସଂକଳ୍ପ ଉପରେ ସୁରକ୍ଷା ପରିଷଦରେ ମତଦାନ ମଧ୍ୟ କରାଯାଇଥିଲା, କିନ୍ତୁ ଭାରତ ସେହି ଭୋଟିଂରେ ଭାଗ ନେଇ ନଥିଲା । ଋଷ ଆକ୍ରମଣକୁ ନିନ୍ଦା କରିବା ପାଇଁ ଆମେରିକା ଏବଂ ପଶ୍ଚିମ ଦେଶମାନଙ୍କ ପକ୍ଷରୁ ଭାରତ ଉପରେ ଚାପ ପଡୁଛି, କିନ୍ତୁ ଭାରତ ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ନିଜର ନିରପେକ୍ଷ ସ୍ଥିତି ବଜାୟ ରଖିଛି। ଏହି ନୀତି ଯୋଗୁଁ ହିଁ ଭାରତ ୟୁକ୍ରେନରେ ଅଟକି ରହିଥିବା ଲୋକମାନଙ୍କୁ ଉଦ୍ଧାର କରିବାରେ ସଫଳ ହୋଇପାରିଛି ଏବଂ ଏଥିପାଇଁ ଉଭୟ ଋଷ ଓ ୟୁକ୍ରେନ ଭାରତକୁ ସହଯୋଗ କରିଛନ୍ତି । ଏହା ଭାରତର ଗୋଷ୍ଠୀ ନିରପେକ୍ଷ ନୀତି ଯୋଗୁଁ ହିଁ ସମ୍ଭବ ହୋଇପାରିଛି ଏବଂ ଉଭୟ ଦେଶ ସହ ଭାରତର ସୁସମ୍ପର୍କ ବଜାୟ ରହିପାରିଛି। କିନ୍ତୁ କେବଳ ଏତିକିରେ ଭାରତ ଚୁପ୍ ହୋଇ ବସି ରହି ନାହିଁ ବରଂ ଯୁଦ୍ଧ ବନ୍ଦ କରିବା ପାଇଁ ଉଭୟ ଦେଶର ରାଷ୍ଟ୍ରପତିଙ୍କ ସହ ଆଲୋଚନା ଜାରି ରଖି ଆନ୍ତର୍ଜାତିୟ ଶାନ୍ତି ସ୍ଥାପନ କ୍ଷେତ୍ରରେ ଏକ ଗୁରତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ତେଣୁ ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ଦ୍ରୁତ ପରିବର୍ତ୍ତନଶୀଳ ଭୌଗଗୋଳିକ ପରିସ୍ଥିତିରେ ଭାରତର ସ୍ୱାଧୀନ ବୈଦେଶିକ ନୀତି ସଫଳ ହୋଇଛି । ଭାରତ କେବଳ ଆମେରିକା ଏବଂ ୟୁରୋପ ସହିତ ନିଜର ସମ୍ପର୍କ ବଜାୟ ରଖିନାହିଁ, ବରଂ ରୁଷ-ୟୁକ୍ରେନ ପାଇଁ ଭାରତର ନିରପେକ୍ଷ ସ୍ଥିତି ସମସ୍ତଙ୍କ ପାଇଁ ଗ୍ରହଣୀୟ ହୋଇପାରିଛି।

ସ୍ୱାଧୀନତା ପରଠାରୁ ଭାରତ ଦୃଢ଼ ଭାବରେ ଗୋଷ୍ଠୀ ନିରପେକ୍ଷ ନୀତି ଅନୁସରଣ କରୁଛି । ଏହା ସମ୍ବନ୍ଧରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଭାରତର ଆଭିମୁଖ୍ୟକୁ ସ୍ପଷ୍ଟ କରି କହିଛନ୍ତି ଯେ ଆମେ ବଡ଼ ଦଳଠାରୁ ଦୂରରେ ରହିବୁ ଯାହା ଦ୍ୱାରା ଆମେ ସମସ୍ତ ଦେଶ ପାଇଁ ବନ୍ଧୁତ୍ୱପୂର୍ଣ୍ଣ ରହିବୁ ଏବଂ ଆମେ କୌଣସି ଗୋଷ୍ଠୀରେ ଯୋଗଦେବୁ ନାହିଁ।

ଆଜି ଋଷ-ୟୁକ୍ରେନ ସଙ୍କଟ ଉପରେ ଭାରତ ଏହି ନିରପେକ୍ଷ ରଣନୀତି ଆପଣେଇଛି ଏବଂ ଏହାକୁ ଏପର୍ଯ୍ୟନ୍ତ ସବୁଠାରୁ ସଫଳ ରଣନୀତି ଭାବରେ ବିବେଚନା କରାଯାଇଛି । ଏହି କ୍ଷେତ୍ରରେ ଭାରତ ବର୍ତ୍ତମାନ ଚାଇନା ସମେତ ଭାରତ ବିରୋଧୀ ଏଜେଣ୍ଡା ଚଳାଉଥିବା ପାକିସ୍ତାନ ବିପକ୍ଷରେ ଆନ୍ତର୍ଜାତୀୟ ଫୋରମରେ ଏକ ଦୃଢ଼ ସ୍ଥିତିରେ ରହିଛି ଏଥିରେ ତିଳେହେଁ ସନ୍ଦେହ ନାହିଁ ।

+ବ୍ରହ୍ମପୁର

## ସଚେତନ ଜ୍ଞାନ



ପଙ୍କଜ କୁମାର ପାଣିଗ୍ରାହୀ

କୌଣସି କଥା, ବିଷୟ ହେଉକି ସାମାଜିକ ତଥ୍ୟ, ତତ୍ତ୍ୱକୁ ବିଚାରଶୀଳ ଭାବଧାରା ତଥା ବିଶ୍ଲେଷିତ, ପରିମାର୍ଜିତ ଢଙ୍ଗରେ ଗ୍ରହଣ କରିବା ସଚେତନ ଜ୍ଞାନ। ନିଜର କର୍ତ୍ତବ୍ୟବୋଧତା ତଥା ସାମାଜିକ ବ୍ୟବହାରିକ ମନ୍ତବ୍ୟ ହେଉକି ଆଚରଣ ଗୁଡିକ ମାନବୀୟ ଢଙ୍ଗରେ କରିବା ସଚେତନ ଜ୍ଞାନ ଅନ୍ତର୍ଭୁକ୍ତ ହୋଇଥାଏ । କୌଣସି ବିଷୟର ଆଧାର, ଆଦି, ଅନ୍ତ ନବୁଝି ସେଗୁଡିକୁ ଗ୍ରହଣ କରିବା ତଥା ସମାଜରେ ପ୍ରଚାର, ପ୍ରସାର କରିବା ଜଣେ ଅଜ୍ଞାନର ପରିଭାଷା ମାତ୍ର । ସଚେତନ ସବୁବେଳେ ନିଜର ଜୀବନ ଚର୍ଯ୍ୟାକୁ ସନ୍ତୁଳିତ କରି ମାନବୀୟ ଆଚରଣ କରିଥା'ନ୍ତି । ସଚେତନ ମଣିଷ ଷଡ଼ରିପୁ ଗୁଡିକୁ ମନ ମାନସରେ ଆନ୍ଦୋଳିତ କରି ଭାରସାମ୍ୟ ରକ୍ଷା କରିବାରେ ସମର୍ଥ ହୋଇଥା'ନ୍ତି । ସ୍ଥୁଳ ବିଶେଷକୁ ନେଇ କାର୍ଯ୍ୟ କରିବା ତଥା ନିଜର ମନ୍ତବ୍ୟ ପ୍ରଦାନ କରିବା ସଚେତନ ମଣିଷର ସର୍ବାଦୌ ଲକ୍ଷ ରହିଥାଏ । ଅଭିଳାଷା ତଥା ଆକୃଷ୍ଟତାଭାବ ହେତୁ କୌଣସି ସାମାଜିକ ବ୍ୟତିକ୍ରମ କରିବାରେ ସବୁବେଳେ କୁଣ୍ଠା ପ୍ରକାଶ କରିଥା'ନ୍ତି ସଚେତନ । ବ୍ୟକ୍ତିଗତ ସ୍ୱାର୍ଥ ଜନିତ ସାମାଜିକ କ୍ଳେଷକୁ ସହଜରେ ଗ୍ରହଣ କରିନଥା'ନ୍ତି ସଚେତନ । କହିବାକୁ ଗଲେ ସଚେତନ ମଣିଷ ପ୍ରାୟତଃ ମାନବୀୟ ଚରିତ୍ର ପ୍ରବାହ ପୂର୍ବକ ସାମାଜିକ ମଙ୍ଗଳ ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ପାଇଁ ସବୁବେଳେ ପ୍ରୟାସରତ ରହିଥା'ନ୍ତି ।

ସଚେତନ ଜ୍ଞାନର ସଜ୍ଞାକୁ ବୁଝିବା ମଣିଷଙ୍କ ସଂଖ୍ୟା ଆଜି ସମୟରେ ଅତ୍ୟନ୍ତ କମ୍ । ସଚେତନ ଜ୍ଞାନ ବିତରଣ କରାଯିବା ଭଳି କୌଣସି ସାମାଜିକ ପ୍ରଚାର ପ୍ରସାର ଆଉ ଦେଖିବାକୁ ମିଳୁନାହିଁ ଆଜି ସମୟରେ ଆମ ସମାଜରେ । କେବଳ ଜଣେ ଅନ୍ୟକୁ ଠକି ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ବ୍ୟସ୍ତ ସମସ୍ତେ । ସେମାନେ ବୁଝି ପାରନ୍ତି ନାହିଁ ଯେ ସମସ୍ତେ ଅନ୍ୟକୁ ଠକିବା ଏବଂ କେହି କାହାକୁ ନଠକିବା ବିଷୟ ଏକାଭଳି । କି'ନ୍ତୁ ଅନ୍ୟକୁ ଠକି ଯେତିକି ଆନନ୍ଦ ଉପଲବ୍ଧ ହୋଇପାରିବ, ଯଦି କେହି କାହାକୁ ନଠକି ଭ୍ରାତୃଭାବରେ ବଂଚିବା ଶିକ୍ଷା କରିବା ତାହାଠାରୁ ଅତ୍ୟଧିକ ଆନନ୍ଦିତ କରି ପାରିବା ସମସ୍ତଙ୍କୁ । କେବଳ ସଚେତନ ଜ୍ଞାନର ଅଭାବ ଜନିତ ଅଭାବନୀୟତା ଏହି ଠକ ସମାଜର । ତେଣୁ ସମସ୍ତଙ୍କୁ ସଚେତନ କରି ସମାଜରେ ଭ୍ରାତୃଭାବ ବିତରଣ କରାଗଲେ ଏକ ଶାନ୍ତିପୂର୍ଣ ବାତାବରଣ ସୃଷ୍ଟି ହୋଇ ପାରିବ । ସାଧାରଣ ନିର୍ବୋଧଙ୍କୁ ସଚେତନ କରିବା କିଂଚିତ କଷ୍ଟକର ହେଲେ ମଧ୍ୟ ଅସମ୍ଭବ ନୁହେଁ। କି'ନ୍ତୁ ସାମାଜିକ ପରିବର୍ତ୍ତନ ଉଦ୍ଦେଶ୍ୟରେ ସମସ୍ତ ମଣିଷଙ୍କୁ ସଚେତନ କରିବା ଲକ୍ଷ ରଖାଗଲେ ହୁଏତ କେତେ ଦିନ ପରେ ସମସ୍ତ ମଣିଷ ସଚେତନ ହୋଇ ଏକ ସୁନ୍ଦର ସଭ୍ୟ ସମାଜ ଗଠନରେ ସହଯୋଗୀ ହୋଇ ପାରିବେ ଯାହା କେହି କରୁନାହାନ୍ତି । ଅଧିକନ୍ତୁ ସାମାଜିକ ବ୍ୟବସ୍ଥା ମଧ୍ୟ ତାହାର ପରିପନ୍ଥୀ ହେଉନଥିବା ଅତ୍ୟନ୍ତ ଦୁଃଖଦଃ ପରିସ୍ଥିତି ଦେଖିବାକୁ ମିଳୁଛି ଆଜି ସମୟରେ ।

ବାସ୍ତବରେ ଆମେ ସମସ୍ତେ କ'ଣ ଏକ ରୁଗ୍ଣ ମାନସିକତା ପ୍ରବଣ ହୋଇ ରହିଛେ ଆମ ସମାଜରେ ?! ଟିକେ ହେଲେ କାହାରି ସଚେତନତା ନାହିଁ ସମାଜକୁ ସୁଧାରିବା ପାଇଁ ?!! ସମସ୍ତେ କ'ଣ ଏକ ପରିସ୍ଥିତି, ପରିବେଶରେ ଜନ୍ମ ହୋଇ ଅମାନୁଷିକ ଆଚରଣ କରୁଛେ ?!! ଏମିତି ଅନେକ ପ୍ରଶ୍ନ ଉଠାନ୍ତେ ଉତ୍ତର ମିଳୁଛି ନା' !! ଏହା ନିଶ୍ଚିତ ଯେ ଆମେ ସମସ୍ତେ ଏକ ରୁଗ୍ଣ ସାମାଜିକ ବ୍ୟବସ୍ଥା ମଧ୍ୟରେ ବଂଚୁଛେ ! କି'ନ୍ତୁ ତାହାର ଅର୍ଥ ନୁହେଁ ସମସ୍ତେ ରୁଗ୍ଣ, ଅସଚେତନ ମଣିଷ ! ନିଶ୍ଚିତ ଭାବେ କେତେକ ଅସଚେତନ, ରୁଗ୍ଣ ମାନସିକତା ପ୍ରବଣ ମଣିଷ ସମଗ୍ର ସାମଜିକୁ ରୁଗ୍ଣ କରି ରଖିବାରେ ସଫଳ ହୋଇ ଅମାନବୀୟ ଚରିତ୍ର ପ୍ରବାହ କରୁଛନ୍ତି । ସେମାନଙ୍କ ସେହି ଅମାନବୀୟ ଭାବଧାରା ତଥା ସାମାଜିକ କୁପ୍ରଭାବରେ ସଚେତନ ମଧ୍ୟ ରୁଗ୍ଣ ଅବସ୍ଥାରେ ବଂଚୁଥିବା ଜାଣିହେବ ଲକ୍ଷ କଲେ । କିନ୍ତୁ ପରିସ୍ଥିତି ପରିବେଶ ହୁଏତ ଏମିତି ହୋଇ ଯାଇଛି କି ସଚେତନ ଚେଷ୍ଟା କଲେ ମଧ୍ୟ ସାଧାରଣ ଲୋକଙ୍କୁ ତଥା ସମାଜକୁ ସୁଧାରିବା ଭଳି ପରିସ୍ଥିତି ନାହିଁ ଆମ ସମାଜରେ । ତେଣୁ ସମସ୍ତେ ଆଜି ଅସନ୍ତୁଳିତ ଅବସ୍ଥାରେ ବଂଚୁଥିବା ଦେଖିବାକୁ ମିଳୁଛି ।

ସାମାଜିକ ସ୍ଥିତିକୁ ସୁଦୃଢ଼ କରି ଉତ୍ତରୋତ୍ତର ଉନ୍ନତି କରିବା ଲକ୍ଷ ରଖାଗଲେ ସମାଜର ସବୁ ବର୍ଗର ମଣିଷ ମାନଙ୍କୁ ସଚେତନ କରାଯିବା ତଥା ସମସ୍ତଙ୍କ ମାନବିକ ଚେତନା ଜ୍ଞାନ ଜାଗରିତ କରାଯିବା ଏକାନ୍ତ ଆବଶ୍ୟକ । ଚେତନା ଜ୍ଞାନ କୌଣସି ବସ୍ତୁ କିମ୍ବା ପଦାର୍ଥ ନୁହେଁ ଯାହା ପ୍ରସ୍ତୁତ କରି ସମସ୍ତଙ୍କୁ ବଣ୍ଟାଯାଇ ପାରିବ ! ଚେତନା ଜ୍ଞାନ ବଜାରରେ ଉପଲବ୍ଧ କୌଣସି ମୂଲ୍ୟଯୁକ୍ତ ଜିନିଷ ନୁହେଁ ଯାହାକୁ କିଣି ବ୍ୟବହାର କରାଯାଇ ପାରିବ ! ଚେତନା ଜ୍ଞାନ ଏକ ମାନସିକ ସ୍ଥିତପ୍ରଜ୍ଞ ଅବସ୍ଥା ଯାହା ଦ୍ୱାରା ମଣିଷ ନିଜର ସ୍ଥିତି ତଥା ସାମାଜିକ ବିକଳ୍ପ ଗୁଡିକର ମୂଲ୍ୟାୟନ କରି ନିଜକୁ ତଥା ସମାଜକୁ କିଛି ପ୍ରଦାନ କରିପାରିବ । ଚେତନା ଜ୍ଞାନ ଏକ ସ୍ଥିର ମାନସିକ ଅନୁଧ୍ୟାନ ଯଦ୍ୱାରା ମନୁଷ୍ୟ ସତ୍ୟ, ଅସତ୍ୟ, କର୍ତ୍ତବ୍ୟ, ଅକର୍ତ୍ତବ୍ୟ, ମାନବୀୟ, ଅମାନବୀୟ, ପ୍ରାକୃତିକ, କୃତ୍ରିମ ଇତ୍ୟାଦି ବିଷୟ ଗୁଡିକର ସମୀକ୍ଷା ପୂର୍ବକ ସେଗୁଡିକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରି ଗ୍ରହଣ, ଅଗ୍ରହଣୀୟ କରିବା ଶିକ୍ଷା ପାଇ ପାରିବ । ସଚେତନ ଜ୍ଞାନ ଯୁକ୍ତ ମଣିଷ ମସ୍ତିଷ୍କ ସବୁବେଳେ ସ୍ଥିର ଚିତ୍ତରେ କାର୍ଯ୍ୟ କରିଥାଏ । ସଚେତନ ମଣିଷଙ୍କ ଆଚରଣ ସବୁବେଳେ ସାମୁହିକ ଚେତନା ଯୁକ୍ତ ହୋଇଥାଏ । ପ୍ରେମମୟ ଚେତନା ସଚେତନ ମଣିଷର ସର୍ବାଦୌ ବିଚାର ରହିଥାଏ । କ୍ରୋଧ, ଅସ୍ଥିରତା, ମାନସିକ ଯନ୍ତ୍ରଣା, ଲାଳସା, ଭଳି ଅନେକ ଦୁଶ୍ଚରିତ୍ର ଠାରୁ ଅନେକ ଦୂରରେ ରହିଥା'ନ୍ତି ସଚେତନ । ଚେତନା ଜ୍ଞାନ ଏକ ପ୍ରାକୃତିକ ପ୍ରତିକ୍ରିୟା ଜନିତ ମାନସିକ ପରିବର୍ତ୍ତିତ ବିଚାରଧାରା ଯାହା ମଣିଷକୁ ସଂସାରର ସମସ୍ତ ଦୁଃଖ, କଷ୍ଟରୁ ଅଚିରେ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ସଚେତନ କେବେ ବିପଦେ କାତର, ସମ୍ପଦେ ଅଧୀର ହୁଅନ୍ତି ନାହିଁ ଯାହା ସାଧାରଣ ମଣିଷଙ୍କ ଏକ ସାଧାରଣ ଚରିତ୍ର ଭଳି ଦେଖିବାକୁ ମିଳେ ସମାଜରେ । ଅର୍ଥାତ ସଚେତନ ସବୁବେଳେ ସ୍ଥିତପ୍ରଜ୍ଞ ଏବଂ ଏକ ସମାନ୍ତରାଳ ଜୀବନ ଯାପନ କରିବାରେ ସିଦ୍ଧହସ୍ତ ହୋଇଥା'ନ୍ତି ।

ସଚେତନ ଜ୍ଞାନ ଆହରଣ କରି ତାକୁ ଚରିତାର୍ଥ କରିବା ଭଳି ସାମାଜିକ ସ୍ଥିତି ବର୍ତ୍ତମାନ ନାହିଁ ଆମ ସମାଜରେ । କାରଣ କ୍ରୁର ଚକ୍ରାନ୍ତକାରୀ ବ୍ୟବସାୟୀକ ଗୋଷ୍ଠୀ ସମାଜକୁ ଏତେ ଅସ୍ଥିର ପ୍ରବଣ କରି ରଖିଛନ୍ତି ଯେ ସମସ୍ତେ କେବଳ ସମୟ ଧାରାରେ ନିଜକୁ ପ୍ରବାହିତ ନକଲେ ବଂଚିବାର ରାହା ନାହିଁ ବୋଲି ଭାବୁଛନ୍ତି ଯାହା ସବୁ ଏକ ପ୍ରହେଳିକା ମାତ୍ର । କାରଣ ଏହି ଅସ୍ଥିର ପ୍ରବଣ ସାମାଜିକ ସ୍ଥିତି ଠାରୁ ନିଜକୁ ଦୁରେଇ ରଖି ବଂଚିବା କୌଣସି ଅସମ୍ଭବ କଥା ନୁହେଁ । କିମ୍ବା ସେମାନଙ୍କ ଅସ୍ଥିର ପ୍ରବଣ ବକ୍ତବ୍ୟ ଗୁଡିକୁ ଭୂକ୍ଷେପ ନକରି ପ୍ରାକୃତିକ ଉପାୟରେ ବଂଚିବା ପାଇଁ ଚେଷ୍ଟା କଲେ କୌଣସି ବିପଦ ମାଡି ଆସିବା ସମ୍ଭାବନା ଆଦୌ ନାହିଁ । ଏହା କେବଳ ଆମ ଅସଚେତନତାର ସୁଯୋଗ ନେଇ ସେମାନେ ଆମକୁ ଏମିତି ଅସ୍ଥିର ପ୍ରବଣ କରି ନିଜସ୍ୱ ସ୍ୱାର୍ଥ ହାସଲ କରିବା-ଛଡା ସାଧାରଣ ଲୋକଙ୍କ କୌଣସି ସେମିତି ଉନ୍ନତି ସାଧିତ ହେଉନାହିଁ କି ହେବ ନାହିଁ । ଅର୍ଥାତ ଏହି ଅସ୍ଥିର ପ୍ରବଣ ସାମାଜିକ ବିଭିଷୀକାରୁ ନିଜକୁ ମୁକୁଳିତ କରି ସ୍ଥିର ଚିତ୍ତରେ ନିରୀକ୍ଷଣ, ଅନୁଧ୍ୟାନ କରି ନିଜର ଚେତନା ଜ୍ଞାନକୁ ଜାଗ୍ରତ କରିପାରିଲେ ଉପସ୍ଥିତ ସମୟର ପ୍ରହେଳିକା ଗୁଡିକୁ ଭେଦ କରିପାରିବ ଏବଂ ନିଜ ଜୀବନକୁ ଶାନ୍ତ ସରଳ କରିପାରିବ ! ଚେତନା ଜ୍ଞାନ ଜାଗ୍ରତ କରିବା କୌଣସି ଜଟିଳ, ଅସମ୍ଭବ ବିଷୟ ନୁହେଁ । ବରଂ ନିଜର ଯଥେଷ୍ଟ ଇଛା ଶକ୍ତି ସହିତ ସ୍ଥିର ଚିତ୍ତ ଭାବଧାରା ଜାଗ୍ରତ କରି ନିଜକୁ ସନ୍ତୁଳିତ ଅବସ୍ଥାରେ ରଖି ସମୟ ସାପେକ୍ଷ ଯଥା କାର୍ଯ୍ୟ କରିବା ଦ୍ୱାରା ସମସ୍ତେ ସଚେତନ ହୋଇ ପାରିବେ । ଏବଂ ନିଜ ପରିବାର ସହିତ ରାଷ୍ଟ୍ରର ଉନ୍ନତି ସାଧନ ଦିଗରେ ନିଜକୁ ନିୟୋଜିତ କରିପାରିବେ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି କିମ୍ବା ସଂଶୟ ବ୍ୟାଖ୍ୟା କରିବେ ବୋଲି ଆଶା.....!

+ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ: ୯୪୩୭୩୨୪୯୧୭.




## ଅଦିନ ମେଘ



ସୁଭାଷ ଚନ୍ଦ୍ର ଭୂତିଆ

ଗ୍ରୀଷ୍ମ କଷଣରେ
ଶୁଖିଲା ମାଟିରେ
ବିଶ୍ୱାସ ସଂଚରି ଗଲା
ନିର୍ମଳ ଆକାଶୁ
ଅଦିନ ମେଘଟା
ଝିପି ଝିପି ବରଷିଲା ।
ଭିଜିଗଲା ଦେହ
ବଢିଗଲା ସ୍ନେହ
ମଉଳି ଗଲାଯେ ଦୁଃଖ
ତା ହାଲୁକା ଛୁଆଁ
ଲିଭାଇଲା ନିଆଁ
ଯାଚିଦେଲା ପ୍ରୀତି ସୁଖ ।
ଦୃଢ ଆଶ୍ୱାସନା
ଭିଜା ମାଟି ବାସ୍ନା
ମନରେ ଭରଷା ଆଣେ
ଅଙ୍କୁରିତ ହେବ
ଶୁଷ୍କ ବୀଜ ଭାବ
ପାଇତା ପୀରତି ପ୍ରାଣେ ।
ବରଷା ଛାଡିଲା
ଭରଷା ତୁଟିଲା
ନିର୍ମଳ ସେହି ଆକାଶେ
ଅଦିନ ମେଘଟା
ଲୁଚିଗଲା କାହିଁ
ରବି କିରଣ ପ୍ରକାଶେ ।
କାହିଁକି ଆସିଲୁ
ସ୍ୱପ୍ନକୁ ରଚିଲୁ
ମୋର ଶୁଷ୍କ ହୃଦୟରେ
ନିଦାଘ କଷଣୁ
ଉତ୍ତପ୍ତ ପାଷାଣୁ
ବଳେ କଷ୍ଟ ଅକ୍ଳେଶରେ ।
ଅଦିନ ମେଘ ତୁ
ଆସିବୁନି କେବେ
ବଡ଼ ଦଗାଦିଆ ତୁହି
ତୋ ପରଶ ପାଇ
ଝୁରି ହୁଏ ମୁହିଁ
କେମିତି ପାରିବି ରହି ।

+ଡିହଡୋଳ, ପରଜଙ୍ଗ,
ଢେଙ୍କାନାଳ

## ମଦ ପାଇଁ ଖେଦ

ପ୍ରଦୀପ୍ତ କୁମାର ଦାସ

ଆମ ସାଥେ ମିଶି ପିଉଥିଲୁ ମଦ
ଏବେ କାହିଁପାଇଁ ପିଉନୁ ?...
ପେଟି ପେଟି ଆଣି ଦେଉଥିଲୁ ଭେଟି
ଏବେ ବୋତଲଟେ ଦେଉନୁ ?,
କାହା କଥା ମାନି ଭୁଲି ମଦ ନିଶା
ଆମକୁ ତୁ ପର କରିଲୁ ?...
ସବୁଦିନ ପାଇଁ ଆମ ହାତ ଛାଡ଼ି
କାହା ହାତକୁ ତୁ ଧରିଲୁ ?,
ଅବିରତ ଭାବେ ଆମେତ ପିଉଛୁ
ମଦକୁ ଭାବିକି ଲଭର-
ତଥାପିତ କାମ କରୁଛି କିଡ଼ିନି
ଡ୍ୟାମେଜ ହୋଇନି ଲିଭର,
ଓଡ଼ିଶାରେ ମଦ ଦୁଧ ତୁଳନାରେ
ପାଇଥାଏ ବେଶୀ ଆଦର-
ଗରାଖ ଈଶ୍ୱର ମାନଙ୍କୁ ସେପାଇଁ
ମଦ ଯୋଗାନ୍ତିତ ସର୍କାର,
ବୁଝିବା ଶୁଝିବା ଲୋକ ହୋଇ ତୁତ
ପର କଲୁ ସିନା ମଦକୁ-
ଆମେମାନେ କିନ୍ତୁ ଜୀଇଁଥିବା ଯାଏଁ
ପଢୁଥିବୁ ମଦ ବେଦକୁ ।

+କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର-
୭୫୫୦୧୩
ମୋ -୮୫୯୪୮୮୫୮୯୮

## ପୋଖରୀ ତୁଠ

ନିରଞ୍ଜନ ସାହୁ

ଦିନ ଥିଲା ଦିନେ ପୋଖରୀ ତୁଠରେ
ଲାଗୁଥିଲା ଭିଡ଼ ଭାରି
ଅନ୍ଧାର ଥାଉଣୁ ଗାଆଁ ଭୁଆସୁଣୀ
ଫେରୁଥିଲା ସ୍ନାନ ସାରି ।
ନଣନ୍ଦ ସାଥିରେ ଆସୁଥିଲା ସିଏ
ପାଦରେ ପାଉଁଜି ବାଜେ
ମେଥିରେ ପଖାଳି ମଥାର କେଶକୁ
ହଳଦୀ ମାଖିକି ସାଜେ ।
ଥଟ୍ଟା ତାମସାରେ କଥା ହେଉ ହେଉ
ମନ କଥା ଦିଏ କହି
ନଣନ୍ଦ ଚତୁରୀ ମୁରୁକି ହସଇ
ସତେକି ତା ପ୍ରାଣସହୀ ।
ସକାଳ ହୋଇଲେ ମଇପିଙ୍କ ଭିଡ଼
ଗହଳ ଚହଳ ହୁଏ
ସ୍ନାନ ଅବା ଦନ୍ତ ମଞ୍ଜନ ବେଳରେ
ଲୁଗାପଟା କିଏ ଧୁଏ ।
ପୋଖରୀ ତୁଠରେ ମାଇପିଙ୍କ ହାଟ
ଚାଲେ କେତେ କେତେ ଗପ
ଗାଧୁଆ ସାରି କେ ' ଲୁଗା ପାଲଟିଲେ
ପାଣି ବୁହେ ଥପଥପ ।
ଗାଆଁଟା ଯାକର ଖବରଅନ୍ତର
ଆଲୋଚନା ହୁଏ ଏଠି
କିଏ ଯାଇଅଛି ଦୂର ବିଦେଶ ଲୋ
କେ ' ଖଟେ କା' ଘରେ ବେଠି ।
କାହା ଝିଅ କାହା ପୁଅଙ୍କ ଭିତରେ
ନସରପସର ଚାଲେ
କେଉଁ ଭୁଆସୁଣୀ ପଡି ଯାଇଅଛି
ତାହାରି ଦିଅର ପାଲେ ।
କାହା ଘରେ ଭାଇ ଭିନ୍ନେ ହୋଇଗଲେ
କାହା ଘରେ କେଉଁ ରୋଗୀ
କିଏ ସେ ସଂସାରୀ ସଂସାର ଛାଡିକି
ହୋଇଗଲା ଏବେ ଯୋଗୀ ।
ଫୁସୁରୁଫାସୁରୁ ଟୁପୁରୁଟାପୁରୁ
ତୁନିତୁନି କଥା କେତେ
ରାଣ ପକାଇଲି କହିବୁ ନାହିଁଟି
କା' ଆଗେ କହିଲି ଯେତେ ।
ମାଇପି ତୁଣ୍ଡରେ ବାଡ଼ବତା ନାହିଁ
ଗୋପନ କଥା ନ ରହେ
କାନୁ କାନ ହୋଇ ଗାଆଁଟା ଯାକରେ
ନ କହିବା ଲୋକ କହେ ।
ବେଳେବେଳେ ଚାଲେ ମାଇପି ମେଳରେ
କେତେକେତେ ପାଟିତୁଣ୍ଡ
କଳିକଜିଆରେ ପୋଖରୀ କମ୍ପଇ
ଲୋକେ ହୋଇଯାନ୍ତି ରୁଣ୍ଡ ।
ଦିନର ବୟସ ବଢି ବଢି ଗଲେ
ମିଣିପେ ଗାଧୁଆ ପାଇଁ
ପୋଖରୀ ତୁଠରେ ଗାଧୁଆ ସାରନ୍ତି
ଘରକୁ ଫେରନ୍ତି ଧାଇଁ ।
ପୋଖରୀ ତୁଠରେ ଲୁଗା କେ' କାଚଇ
କିଏ ବସି ଗପ କରେ
ପାଲି ଖେଳରୁ ତ ପାର୍ଲାମେଣ୍ଟ ଯାଏ
କଥାର ଖିଅଟା ଧରେ ।
ଶୌଚାଳୟରୁ ଖବର ଆସିକି
ସଚିବାଳୟରେ ପଡେ
ପଲ୍ଲୀରୁ ଦିଲ୍ଲୀ ଖବର ଜବର
କେତେ ଆଲୋଚନା ଗଡେ ।



ପୋଖରୀ ତୁଠରେ ପର୍ବପର୍ବାଣୀରେ
କଳସ ବୁଡଇ ପୁଣି
ସଞ୍ଜ ହୋଇଗଲେ ଟୋକଙ୍କ ମେଳରେ
ଅକଥା ନ ହୁଏ ଶୁଣି ।
ସଞ୍ଜ ବେଳେ ଦଳଦଳ ଯୁବକ ଯେ
ନିରୋଳାରେ ଏଠି ବସି
ଗୁଲିଖଟି କରି ନିଶାଦ୍ରବ୍ୟ ଧରି
ହେଉଥାନ୍ତି ହସାହସି ।
ସମୟ ଏବେତ ବଦଳି ଯାଇଛି
ସେଦିନ ଆଉ ତ ନାହିଁ
ଖାଁ ଖାଁ ଲାଗେ ପୋଖରୀ ତୁଠଟା
ଗହଳ ଚହଳ କାହିଁ ?
ପୋଖରୀ ଗାଧୁଆ ଯାଇଅଛି କମି
ଭିଡ଼ ଲାଗୁନାହିଁ ଆଉ
ଗାଧୁଆ ତୁଠର ଆଦର କମିଛି
ଯେତିକି ରହିଛି ଥାଉ ।
ଦୁନିଆଟା ସିନା ବଦଳି ଯାଇଛି
ତୁଠ ଅଛି ସେହିପରି
ଗାଧୁଆ ତୁଠର ମହିମା ବଖାଣି
ଲେଖେ ମୁଁ ଲେଖନୀ ଧରି ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଗାଇ ନାମ ପରମକୁ

ଯୋଗୀ କୃପାସିନ୍ଧୁ ମୁନି

ସ୍ଥିର ହୋଇ ଯାଆରେ ..
ଗାଇ ନାମ ପରମକୁ
ନୟନ ଯୁଗଳ ପବିତ୍ର ଏ ସ୍ଥଳ
ଥୋଇଣ ମନପ୍ରାଣକୁ ।

ନାଶାରନ୍ଧ୍ର ପଥେ ପବନ ତୋଳିବ
ଶିଶୁ ମୁନା ମୂଳାଧାର ଭେଦିଯିବ
ପ୍ରବେଶ ହୋଇବ ଯାଇ ମଣିପୁର
ମନ୍ଥଇ ହୃଦ କମଳକୁ ।

ଶ୍ରୀମୁଖର ସ୍ୱର ହୋଇବ ଉଦ୍ଧାର
କରିଣ ଝଙ୍କାର ଝରଇ ଓଁକାର
ଉଚ୍ଚାରି ଲହରୀ ପଦ ପଡ଼େ ଝରୀ
ଶୁଣୁଥିବୁ କର୍ଣ୍ଣ ଡେରି ତୁ ।

କମ୍ପାଇ ମେଦିନି ହୁଏ ପ୍ରତିଧ୍ୱନି
ମାତୃଶକ୍ତି ଘେନି ଜାଗେ କୁଣ୍ଡଳିନୀ
ବୁଡ଼ିଯାରେ ଥରେ ଆନନ୍ଦ ସାଗରେ
ସୁସ୍ୱର ଲହରୀ ମାଳକୁ ।

ନିର୍ଗୁଣ ସେ ପଦ ନାଶେ ମୋହ ଦ୍ୱନ୍ଦ
ଚିତ୍ତ ବୃତ୍ତି ତୋର ହୋଇବ ନିରୋଧ
ଧ୍ୟାଇଣ ସ୍ୱରୂପ ଶିଦାନନ୍ଦ ରୂପ
ସଦଗୁରୁ ଶ୍ରୀପୟରକୁ ।

ଜୁଣବଳଦା,
ଗୋଡ଼ିଖାଲ ଆଶ୍ରମ, ବାଲେଶ୍ୱର

## ବଜାର ଦର
### ରତ୍ନାକର ରାଉତ



ସଭିଏଁ ବ୍ୟସ୍ତ, ବିବ୍ରତ, କାତର,
ହୁ ହୁ ହୋଇ ବଢୁଛି ବଜାର ଦର,
ଭାଙ୍ଗି ପଡ଼ିଲାଣି
ସାଧାରଣ ଜନତାଙ୍କ ମେରୁହାଡ଼ ।
ଖାଉଟି କେବେ ପଚାରେ କି ବୁଝିବାକୁ
ଦର କାହିଁକି ବଢ଼େ, କିଏ ବଢ଼ାଏ ?

ଏଥିର ଅଛି ଅନେକ କାରଣ,
ମାତ୍ର ଯାହା ମୁଖ୍ୟ, ତାହାହିଁ ଚିନ୍ତାର ବିଷୟ ।
ଆବଶ୍ୟକତା ବଢ଼ିଲେ,
କମିଲେ ଉତ୍ପାଦନ, ବଢ଼େ ଦର ସାମଗ୍ରୀର ।
ଏ ସରଳ ଗଣିତ ।
ପ୍ରଶ୍ନ ଉଠେ, ଉତ୍ପାଦନ କାହିଁକି କମେ ?
ଶ୍ରମର ଅପଚୟ ହେଲେ କମେ ଉତ୍ପାଦନ ।
ଶ୍ରମର ଅବମୂଲ୍ୟାୟନରେ ରୁଷ୍ଟ ହୁଏ ଶ୍ରମିକ ।
ସେ ବିମୁଖ ହେଲେ,
ଶ୍ରମର ଠିକ୍ ଭାବେ ହୁଏନି ଉପଯୋଗ ।
ଶ୍ରମର ଉପଯୁକ୍ତ ମୂଲ୍ୟାୟନ ହିଁ ସଦାକାଳେ
ବଢ଼ାଇଥାଏ ଶ୍ରମିକର ଆନନ୍ଦ ।
ସଠିକ ଶ୍ରମ ତିଆରି କରେ ପୁଂଜି ।
ପୁଂଜିର ପୁନଃ ବିନିଯୋଗ ବଢ଼ାଏ ଭିତ୍ତିଭୂମି ।
ଭିତ୍ତିଭୂମି ଦୃଢ଼ ହେଲେ ବଢ଼େ ଉତ୍ପାଦନ କ୍ଷମତା ।
ଶ୍ରମ ବିନିମୟରେ
ପାରିଶ୍ରମିକ ପୁଂଜିର ସଠିକ ବ୍ୟୟ ।
ଅନୁଦାନ, ଭତ୍ତା, ଭାତିଆ,
ମାଗଣାରେ ଅର୍ଥବ୍ୟୟ
ଅର୍ଥନୀତି ଧ୍ୱଂସର କାରଣ ।
ଗଣତନ୍ତ୍ର ଦେଶରେ ଭାଗ୍ୟବାନ ଜନସାଧାରଣ ।
ତାଙ୍କ ହାତରେ କ୍ଷମତାର ଚାବି ।
ଯାହା ହାତରେ ସେ ଧରେଇବେ ଚାବି
ସେ ସାଜିବ ଶାସକ, ଶାସନର କର୍ଣ୍ଣଧାର ।
ଶାସକ କ'ଣ ଚାହେଁ କେବଳ ଜନମଙ୍ଗଳ ?
ତା'ର ପ୍ରାଥମିକତା କ'ଣ,
ଭୋଟ ଅବା ଅନ୍ୟ କିଛି ?
ଭୋଟରେ ହିଁ ସୁରକ୍ଷିତ ତାର ସିଂହାସନ ।
ତେଣୁ ଯେତେବେଳେ ଜନଗଣଙ୍କୁ ଆକ୍ରାନ୍ତ କରିବ
କାଙ୍ଗାଳି ମାନସିକତା, ସେତେ ବେଶି
ସେମାନେ ଆଶାୟୀ ହେବେ ଆପଣେଇବାକୁ
ଅଧିକରୁ ଅଧିକ ଅନୁଦାନ ଏବଂ ହେବାକୁ
ମାଗଣା ଆବଣ୍ଟନର ଯୋଗ୍ୟ ଉପଭୋକ୍ତା ।
ଏଥିରେ ଦର ବଢ଼ିବ ନାହିଁ ତ' ବିକଳ୍ପ କ'ଣ ?
କିଏ ଦାୟୀ ଏଥିପାଇଁ
ଶାସକ, ସରକାର ଅବା ଜନଗଣ ?


♥ ପ୍ଲଟ ନଂ-୭୬୭ (ପି)
ଜୟଦୁର୍ଗା ନଗର, ଲକ୍ଷ୍ମୀସାଗର
ଭୁବନେଶ୍ୱର-୬


## ଅଗ୍ନିପଥ
### ଶରତ କୁମାର ଦାସ



ଉତପ୍ତ ଏ ଧରା ତୃଷିତ ମୋ ଆତ୍ମା
ଅଗ୍ନିର ସ୍ଫୁଲିଙ୍ଗ ଝରେ,
ନୀରବ ନିଃସ୍ପନ୍ଦ କ୍ଳାନ୍ତ ଅପରାହ୍ନେ
ପ୍ରାଣେ ଅବସାଦ ଭରେ ।

ଜୀବନର ସଂଜ୍ଞା ଖୋଜେ ନିର୍ଜନରେ
ଉନ୍ମାଦନା ଯାଏ ଭରି,
ପ୍ରୀତିର ପୁଲକ ଅଦୃଶ୍ୟ ଆତଙ୍କେ
ମନୁ ଯାଏ ଅପସରି ।

ରିକ୍ତ ହୃଦୟର ସୁପ୍ତ ଅନୁଚିନ୍ତା
ଖୋଜୁଛି ମୁକ୍ତିର ପଥ,
ଜୀର୍ଣ୍ଣ ଅବୟବ ଘୂରେ ଅଗ୍ନିପଥେ
କ୍ଷତାକ୍ତ ମୋ ମନୋରଥ ।

ଉଦାସ ହୃଦୟୁ ଝରେ ରକ୍ତ ବିନ୍ଦୁ
ସପ୍ତରଙ୍ଗ ଲିଭିଯାଏ ,
ମୋ ମନ ମୌସୁମୀ ଦିଗହରା ହୁଏ
ଇନ୍ଦ୍ରଧନୁ ଲୁଚିଯାଏ ।

ସ୍ନିଗ୍ଧ ତପୋବନେ ଅଗ୍ନିର ସ୍ଫୁଲିଙ୍ଗ
ରୁକ୍ଷ ଚେତନାର ତଳେ,
ମୁଗ୍ଧ ମୂର୍ଚ୍ଛନାର ମଧୁର କାକଳି
ଜଳେ ନୀଳ ଦାବାନଳେ ।

ମୁକ୍ତିର ପିପାସା ରୁଦ୍ଧ ଜଉଘରେ
ରକ୍ତ ଜର୍ଜରିତ ହୁଏ,
ମଳାସ୍ୱପ୍ନ ମୋର କବର ନିଅନ୍ତି
ଅବେଳରେ ରାତି ଛୁଏଁ ।

ତମିସ୍ରା ଘେରରେ ଲୁଚକାଳି ଖେଳେ
ଜହ୍ନ ତାରା ଗ୍ରହପୁଂଜ ,
ଅମା ଅନ୍ଧକାରେ ଖୋଜେ ମୁଁ ଆଲୋକ
ଅପହଂଚ ନବକୁଂଜ ।

ନୀଳ ନୀଳିମାରେ ପକ୍ଷୀ ଉଡିଯାଏ
ଭାଙ୍ଗିଗଲେ ନୀଡ ତା'ର,
ଶୂନ୍ୟ ଚକ୍ରବାଳେ ଘୂରିବୁଲେ ସିନା
ଅପହଂଚ ମୁକ୍ତ ଦ୍ୱାର ।

ଗୋଲାପ ଆଖିରୁ ଝରୁଛି ଶ୍ରାବଣୀ
ଫଗୁଣ ଯାଇଛି ଚାଲି,
ଚନ୍ଦନ ବନର ମଧୁ ସମୀରଣ
ଝୁରେ ବିଜନରେ ଖାଲି ।

ମୋ ଜୀବନ ଏକ ଶୂନ୍ୟ ବେଳାଭୂଇଁ
ନୀଳଢେଉ ଯାଏ ହଜି,
ଅଗ୍ନିପଥେ ଚାଲେ ଆଲୋକ ସନ୍ଧାନେ
ନବ ପୁଲକରେ ମଜି ।


♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## କିଏ ନେବ ମୋତେ
### ଭରତ ଚନ୍ଦ୍ର ଦାଶ



ମୋର ଶୈଶବର ସ୍ମୃତି
ଏବେ ବି ଉଜ୍ଜୀବିତ ଅଛି
ଆନ୍ଦୋଳିତ କରେ ଦେହ
ମନ ଜୀବନ ଯୌବନ
ଜୀବନର ଅପରାହ୍ନରେ
ଅସ୍ତଗାମୀ ସୂର୍ଯ୍ୟସମ
ନିସ୍ତେଜ ନିଷ୍ପ୍ରଭ
ଲିଭିଯିବାର ଉପକ୍ରମ
ନା ଅଛି ଜ୍ୟୋତି
ନା ଅଛି ପ୍ରୀତି
କେବଳ ସ୍ମୃତିକୁ ନେଇ
ବଞ୍ଚିବା ମରିବା
ଅସ୍ତ ପରେ ଉଦୟର
ପ୍ରତୀକ୍ଷାରେ ଦୁର୍ବାର ଆକାଂକ୍ଷା ।

ଆଶା ଅଛି ବୋଲି ତ
ଜୀବନଟିଏ ଅଛି
ଶୈଶବ କୈଶୋର
ଯୌବନର ମାଦକତା
ସ୍ମୃତି ଓ ପ୍ରୀତିର ସମ୍ମୋହନ
କାଳ କାଳ ଚିରକାଳ
ବାନ୍ଧିରଖିଛି ଭୂମିରୁ ଭୂମା ଯାଏ ।

ବେଳେ ବେଳେ
ଅନିଚ୍ଛାକୃତ ଭାବେ
ସମ୍ମୋହନର ଆକର୍ଷଣରେ
ଗର୍ଭଧାରଣ କରିବାକୁ ପଡେ
ଶବ୍ଦ ବ୍ରହ୍ମର ଅଦୃଶ୍ୟ ସ୍ପର୍ଶରେ
ଭାବ ଓ ଆବେଗର ଅଙ୍କୁରୋଦ୍ଗମ
ଭାବଭୂମିର ଗର୍ଭ ବିଦାରଣ କରି
ସୃଷ୍ଟିର ଆଲୋକ ଦେଖେ
ସୂକ୍ଷ୍ମାତିସୂକ୍ଷ୍ମ ପତ୍ରଟିଏ ଆଖିଖୋଲେ
ସବୁଜିମାର ବର୍ଣ୍ଣଧାରଣ କରେ ।

ମୋ ରୂପର ଆକର୍ଷଣ
ପତ୍ର ପୁଷ୍ପ ଓ ଫଳର
ମାଦକତା ଓ ସ୍ୱାଦରେ
ପାଗଳ ଥିଲା ସମୟ
ଏବେ ବି ସ୍ପଷ୍ଟ ମନେଅଛି
ବସନ୍ତ ଆସିଲେ କୋଇଲିର ମତିଭ୍ରମ ହୁଏ
ଛାଡିଯିବାର ନାଁ ଧରେନା
ସପ୍ତସ୍ୱରରେ ହଜାଇଦିଏ
କାଳର ଅତିକ୍ରମଣ ସମୟ ।
ମତୁଆଲା ହୁଏ ଭ୍ରମର
ମଧୁପାନର ପ୍ରମତ୍ତ ମୁହୂର୍ତ୍ତରେ
ମୁଁ ଧନ୍ୟ ହୁଏ ମୋର
ଜନ୍ମର ସାର୍ଥକତାରେ ।

କାଳର ପ୍ରବାହରେ
ସୃଷ୍ଟି ଚକ୍ରର ଗୋଟିଏ
ଘୂର୍ଣ୍ଣନ ପରେ ବାର୍ଦ୍ଧକ୍ୟ
ଜରା ବ୍ୟାଧି ଗ୍ରାସକରେ
ହରାଇ ବସେ ରୂପକୁ
ଯୌବନର ଜ୍ୟୋତି
କ୍ରମେ ନିଷ୍ପ୍ରଭ ନିସ୍ତେଜ ହୁଏ
ଅନାଦର ଅପ୍ରେମ ଜୀବନ ନେଇ
ମୁଁ ଥୁଣ୍ଟା ଗଛ ପାଲଟେ
ଜୀବନ ତ ଠିକ୍ ଗଛଟିଏ ପରି
ଏମିତି ଠିଆ ହୋଇଥାଏ
ଭାଗ୍ୟକୁ ଆଦରି
କାଳ ଛଡା କିଏ ଅବା
ନେବ ମୋତେ ଆଲିଙ୍ଗିନ କରି ।


♥ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ସାରସ୍ୱତ ନିବାସ, ଗୌଡଦିଆ
ସିମୁଳିଆ, ବାଲେଶ୍ୱର-୭୫୬୧୨୬
ମୋ: ୯୪୩୭୩୭୨୧୬୬




## ପାଳଭୂତ
### କବି ବିପ୍ଳବ

ପତ୍ରେଇବା ଆଗରୁ
ଖୁଣ୍ଟି ଖାଇ ଯାଉଛି କିଏ ବୀଜ
ଦଳି ମକଚି ଦେଉଛି
ପୁରୁଷ ପୁରୁଷ ଧରି ଶ୍ରମ ଆଉ ସ୍ୱେଦରେ
ତିଆରି ସୁନାର ଫସଲ
ଛାରଖାର ହେଇ ଯାଉଛି ସ୍ୱପ୍ନ ।

ଫଟା ମାଟି କାନ୍ଥ ପରି
ଭୁଷୁଡ଼ି ପଡିଛି ବିଶ୍ୱାସ
ଉଜୁଡି ଯାଉଛି କ୍ଷେତ
ବାଡ଼ ଖାଉଛି ଫସଲ
ଭିଜିଲାନ୍ସ ଜାଲରେ ଭିଜିଲାନ୍ସ ।

ଡଙ୍କେଇଥିବା କଖାରୁ ଲତା ଉପରେ
ମାଙ୍କଡର ଲୋଲୁପ ଦୃଷ୍ଟି
ନିର୍ଦ୍ଦୟୀ ଧଳା ହାତୀଙ୍କ ପାଦତଳେ
ନିରୀହ ତୃଣଙ୍କ
ଆର୍ତ୍ତ ଚିତ୍କାର ।

ଫୁଲମାନଙ୍କର କରୁଣ ରାଗିଣୀ
ଲୁହରେ ଉବୁଟୁବୁ ନିରୀହ ପ୍ରଜା
ଶୁଣୁଛି କିଏ ଏଠି କାହା ଦୁଃଖ
ଜନତା ଏଠି ପାଳଭୂତ
ତେଣିକି
ଉଜୁଡିଲେ ଉଜୁଡି ଯାଉ କ୍ଷେତ ।


♥ ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬


## ନିତି ମୁଁ ଜହର ଖାଉଛି
### ତାରାପ୍ରସାଦ ଜେନା



ଜୀବନ ଯନ୍ତ୍ରଣା ଅସହ୍ୟ ଲାଗୁଛି
ନିତି ମୁଁ ଜହର ଖାଉଛି
ମରିବା ସରୁନି ଆହୁରି ଜୀଉଛି
ନିତି ମୁଁ ଜହର ଖାଉଛି ! ୦ !

ନିଜର ଲୋକର ଦୋଷ ମୁଁ ଦେଖୁନି
ପାଖରେ ପାଇକି ଛାଡୁଛି
ଆନର ଦୋଷକୁ ମୁଣ୍ଡରେ ନେଉଛି
ନିତି ମୁଁ ଜହର ଖାଉଛି ! ୧ !

ବିଚାର ଏମିତି ହୋଇବା ଆଗରୁ
ଫାଶୀକୁ ବରଣ କରୁଛି
ଦରଦ ନଜର ନିଜର ହେଉଛି
ନିତି ମୁଁ ଜହର ଖାଉଛି ! ୨ !

ଲୁହକୁ ମେଞ୍ଚାଏ ହସ ମୁଁ ଦେବାକୁ
କଷ୍ଟରେ ମୁଖାକୁ ପିନ୍ଧୁଚି
ସ୍ୱାର୍ଥର ଗଳିରେ ନିସ୍ୱାର୍ଥ ଭାବୁଛି
ନିତି ମୁଁ ଜହର ଖାଉଛି ! ୩ !

'ତାରା'ର ମରିବା ପରୁଆ ହେଉନି,
ଜୀଇବା ମରିବା ଚାଲିଛି
ଆତ୍ମାର ସାଥିରେ ଭାବକୁ ପଢୁଛି
ନିତି ମୁଁ ଜହର ଖାଉଛି ! ୪ !


♥ ରଣପୁର(ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର,
ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬,
ଓଡ଼ିଶା
(ମୋ) ୯୩୪୮୦୫୪୩୦୦


## ଫୁଟି ଯିବ ହସ
### ପ୍ରଶାନ୍ତ ଚନ୍ଦନ



ଜାଣେ
ତମେ ନ କହିଲେ ବି
ସକାଳ ପାହିବ, ସୂର୍ଯ୍ୟ ଉଇଁବ,
ପଦ୍ମ ଫୁଟିବ...

ହଁ ସେମିତି କିଛି ନ ଥାଏ
କାହା କଥାରେ ଅଟକି ଯିବ ସବୁ
ମାନେ ଧାରଣାରେ
ବୁଡି ରହିବା ବିଶ୍ୱାସ ହିଁ ନୁହେଁ...

ତେଣୁ ତ ଦେଖ ଭୀକାରିଟିଏ ଭିକ ମାଗିଲେ
କିଏ କେବେ ପଚାରୁଛି କି କାରଣ,
ଓଲଟା ଚିତ୍କାର କରି ଘଉଡି ପକାଉଛି
ଯା', ଯା' ନ ହେଲେ ଦେବି କି
ବିଧା ଅବା ନାତ...

କହିବାକୁ ଗଲେ ଯେମିତି
ଗୋଟା ପଣେ ସେ ପରିକା କଥାରେ
କିନ୍ତୁ ନ ଥାଏ ସେ ସମ୍ଭବ ପଣ !
ଅସମ୍ଭବ ହୋଇ ଯାଏ କହିବାକୁ
କ' ଅକ୍ଷର...

ମାତ୍ର ନଚେତ୍'ରେ ଥାଏ ବହୁତ -
ହେଲେ କେମିତି କହିବ କୁହ ଜଣକର
ସ୍ତ୍ରୀ ମଲା ସ୍ୱାମୀ ତା'କୁ ବୋହି ନେଲା,
ବହୁ ଦୂର...
ଆଉ କୋଉଠି ପୁଅ ମଲା ବାପା କାନ୍ଧେଇ
ନେଲା ଏକା, ଏକା...
ନା ମହାପ୍ରୟାଣ ବା ଶବବାହକ ଗାଡି
ବନ୍ଦୋବସ୍ତ କି ବ୍ୟବସ୍ଥା...

ସୁବିଧା ବାବଦକୁ କିନ୍ତୁ କହିବି କି
ଭାଷଣ, ଘୋଷଣା, ନୀତି ତା'ସାଙ୍ଗକୁ ଅଛି
ପୁଣି ସମସ୍ତଙ୍କର ଅଧୀକାର, କର୍ତ୍ତବ୍ୟବୋଧତା
ଯେ ହୋଇ ଯାଉନି ପୂର୍ଣ୍ଣିମା ଦିନ
ଦିପହରେ ବି ଅମାବାସ୍ୟାର ରାତି...

ଆଉ ପୁଣି ଅଛି ସେଠି
ଦେଶ ସ୍ୱାଧୀନ ହେବାର ମୋଟ
କେତେ ବର୍ଷ ହେଲା ( ? )
ନା ଜହ୍ନ ପରି ଅନୁପ୍ରାଣିତ ହୋଇ ପାରିଲା
ସମ୍ବିଧାନ କି ସମ୍ବେଦନତା ତ ଦେଖ
ମୋ ପରି ଅନ୍ୟ ମଣିଷଟିଏ ହେବ...
ନାଗରିକତା ପରି ଏକ ସୂକ୍ଷ୍ମ ବାଚକ
ହେଉ କହୁନ...
ନିଜ ହିସାବରେ, ନିଷ୍ଚୟ...
ଅନବରତ...

ମାନେ ଅଜାଣତ ହୋଇ ହେଲେ ହେଲା
କଠିନ ନଚେତ୍ ସହଜ
ନା କ'ଣ କହିବ କୁହ
ମୁଁ ଯେ କହି ସାରିଛି ଏବେ ପୁଣି
ଦୋହରାଉଛି ସକାଳ, ସୂର୍ଯ୍ୟ, ପଦ୍ମ ପରି
(ରାତି, ଜହ୍ନ, କଇଁ) ଫୁଟିଲା ପରି
ଫୁଟି ଯିବ ହସ
ମଉଳିଲା ପରି ମଉଳି ଯିବନି
ତା'ପରେ ଅବିଶ୍ୱାସର ରହସ୍ୟ !

ନା ଆଉ କ'ଣ କହିବ
ଅଜ୍ଞତାର ତଥା କି ବିକଟାଳ ରୂପ
କହୁନ !!


♥ ଇରିଗେସନ୍ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋ - ୬୩୭୦୦୬୪୭୯୨


## ତଥାପି ହସିବି
### ପ୍ରଶାନ୍ତ କୁମାର ନାଥ



ତୁମେ ସିନା କହିପାର
ମୁଁ କିଏ ତୁମେ ଚିହ୍ନିନ
ତୁମ ଯିବା ଆସିବା ବାଟରେ
ମୁଁ ଯାହା ତୁମକୁ ହଇରାଣ କରୁଥିଲି ।

ମୁଁ କିନ୍ତୁ କହିବିନି
ଦିନେ ମୋତେ ଭଲ ପାଉଥିଲ
ଭୁଲିଯାଇ ତୁମେ
ଭୁଲ୍ କରିଦେଲ ।

ତୁମେ ସିନା ମୋର ପ୍ରେମକୁ
ପାଦରେ ଦଳିଦେଲ
ହେଲେ ଆଜିବି ମୁଁ ତାକୁ
ପୂଜା କରୁଛି ହୃଦୟ ମନ୍ଦିରେ ରଖି ।

ତୁମେ ସିନା ଚାଲିଗଲ
ପାଇ ସଲମନ୍ ଖାନ୍ ପରି
ଏକ ହ୍ୟାଣ୍ଡସମ୍ ପ୍ରେମିକ
ମୁଁ କିନ୍ତୁ ଚାହେଁ ନାହିଁ
କେଉଁ ଐଶ୍ୱରିୟାକୁ ।

ତୁମେ କିନ୍ତୁ ଭୟକର ନାହିଁ
ମୁଁ କଣ୍ଟା ସାଜିବିନି ତୁମ ଚଲାପଥରେ ।
ତୁମର ବିବାହ ପରେବି
ଛାତିତଳ ସମସ୍ତ କୋହକୁ
ଚାପି ରଖି ତୁମପାଇଁ ହସୁଥିବି ହସ
ଏତିକି ରଖ ମୋ ଉପରେ ବିଶ୍ୱାସ ।


♥ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩


## ଫେରିଯା'ରେ ତୁ...
### ଶୁଭଦର୍ଶିନୀ ଦାଶ



ଫେରିଯା'ରେ ତୁ ତୋ'ର ଅସ୍ତିତ୍ୱର କୋଳକୁ
ସ୍ଥାନ ନାହିଁ ତୋ'ର ଏ କଂକ୍ରିଟ ମାଟିର ସହରେ,
କାହିଁକି ବୁଲୁଛୁ ଯାଯାବର ପରି
ବାରଦୁଆର ଶୁଣିପିଣ୍ଡା ହେଇ
ଏ ମାୟାବୀ ନଗରର ଅନ୍ଧାରି ଗଳିମାନଙ୍କରେ ।

ଗାଁ ମାଟି ମା'ର କୋମଳ ହୃଦୟରେ
ତୋ ଅର୍ପଣ ଯେ ସାଦରେ ଗ୍ରାହୀ,
କରିଦିଏ ତୋତେ ଫଳ ପୁଷ୍ପରେ ଛାଉଣୀ,
କିନ୍ତୁ ଏ ସହରେ ମଣିଷ ହୃଦୟ ମାଟିଠାରୁ ବି ଟାଣ,
ଏ ମାଟିରେ ନାହିଁ ମମତାର ତୃଷ୍ଣା
କି' ମଣିଷ ହୃଦୟରୁ ବହେ ନାହିଁ ସ୍ନେହର ଝରଣା ,
ଗାଁ ଛାଡି ଏ ସହରେ ସମ୍ପର୍କର ଚାଷ କରୁ କାହିଁ ପାଇଁ,
ଏଠି ରକ୍ତ ଚିହ୍ନେଁ ନାହିଁ ନିଜ ରକ୍ତ
ମାୟାବିନୀ ଏ ସହର, ଏଠି କେହି ନୁହନ୍ତି କାହାର
ଆଖି ପିଛୁଳାକେ ଏଠି
ବଦଳିଯାଏ ସମ୍ପର୍କର ସଂଜ୍ଞା ।

ଛୋଟ ହେଉ ପଛେ ନିଜ ଗାଁର ଆଳୟ,
ନିଜ ଲୋକଙ୍କ ଆପଣାର ସ୍ୱର
ବାପ, ଭାଇ, କକା, ପୁତୁରାର ଡାକ
ନିଛକ ପ୍ରୀତି ଭରା ପୂର୍ଣ୍ଣ ମିଠା ମିଠା ଭାବ
କେତେ ଜୀବନ୍ତ ସତେ ସମ୍ପର୍କର ଖିଅ
ନିଜ ଗାଁର କୋଳରେ.......।

ସହରେ କାହାକୁ ପାଇବୁନି ତୁ ନିଜର
ଏଠି ସଜନା ଶାଗ ପାଇଁ ଯିବାକୁ ହୁଏ ମାଇଲେ ଦୂର,
ଗାଁ ପାଇଁ ସିନା ସେ ଗାଁ କନିଆ ସିଂଘାଣି ନାକି
କିନ୍ତୁ ହୁଏ ଭାରି ମୂଲଚାଲ ତା'ର
ଏ ସହରୀ ଅଭାବି ହାଟରେ ।

କାହିଁ ଅଛୁ ଏଠି ବାଇଆ ନିଜ ଅସ୍ତିତ୍ୱ ହରାଇ
ଫେରି ଯା' ବେଗେ ତୁ ନିଜ ଜନ୍ମ ମାଟିକୁ
ରହନି ଆଉ ସହରୀ ହାତ ଟେକା ଦାନା ମୁଠେ ଚାହିଁ
ବଞ୍ଚନି ନୁଆଁଇ ଅନ୍ୟ ପାଖେ ମଥା ଟେକି ତୋ'ର,
ଫେରି ଯାରେ ତୁ...........ଫେରିଯା.......
ଡାକୁଛି ତୋତେ ତୋ ଗାଁ ମାଟି କୋଳ ।


♥ ଭୁବନେଶ୍ୱର




## ମୌସୁମୀ
### ସୁନନ୍ଦା ମହାନ୍ତି

ତୁମ ପ୍ରତୀକ୍ଷାରେ ଏବେ ସର୍ବେ
ଆସିବ କେଜାଣି କେବେ
ଆକଳନ କରେ ପାଣିପାଗ ବିଭାଗ
ଆସିବ ବର୍ଷିବ ଥଣ୍ଡା ଭରିଦେବ ଗର୍ବେ
ମୌସୁମୀ ତୁମ ଚପଳ ଚାଲି ଛନ୍ଦେ
ପବନ ପାବନେ ମନ୍ଦ ମନ୍ଦେ
ଆସିବ ସତରେ କେବେ ଏବେ
ତୁମ ପଦପାତ ରନ୍ଧ୍ରେ ରନ୍ଧ୍ରେ
ଚାଷୀ ଦେଖେ ସ୍ୱପ୍ନ ଭାବାବେଗେ
ସର୍ବେ ସ୍ୱାଗତ କରିବେ
ତୁମେ ଆସିଯିବ ଯେବେ
ଘଡଘଡି ବିଜୁଳି ରୋଷଣୀ ଆଗେ ଆଗେ
ମୌସୁମୀ ଆସିବ ସାଧବବୋହୂ ଭାବେ
ନାଲି ପାଟଶାଢ଼ୀ ପିନ୍ଧି ବାହାରିବ ସେବେ
ମୌସୁମୀ ଆସିବ ଯେବେ
ଆଶା ଦେଇ ନିରାଶ କରନା କେବେ
ଆଷାଢ଼ି ମୌସୁମୀ ଛିଟା ସଗର୍ବେ
ଆସିବ କି ନଆସିବ ମୌସୁମୀ ଏବେ
ଚାଉଳ ମୁଠେ ଥୋଇ ଚାଷୀ ଘରଣୀ
କହୁଛି କାଉ ତୁ ରାବେ
ମୌସୁମୀ ଆସିବ ମନ ନାଚେ ସରାଗେ
ଆ ମୌସୁମୀ ସର୍ବ ଶୁଭେ ।


♥ ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫


## ନାଗୁଣୀ ଅତୀତ
### ଦିଲିପ୍ କୁମାର ତ୍ରିପାଠୀ



ଯା' ପଳା, କହିଲେ ସେ କ'ଣ ଶୁଣୁଛି
ବରଂ ବେଶି ବେଶି ଆସି ଜାକି ହେଉଛି
ମୋ ପାଖରେ...

କିଛି କହୁନି ମ !
ଖାଲି ବଲବଲ କରି ଚାହୁଁଛି
ଦହଗଞ୍ଜ କରୁନି ବୋଲି ତ'
ଆଜିଯାଏ ଉପେକ୍ଷା କରିନି
କିନ୍ତୁ ମୁଁ ଯେ କ୍ଷଣ କ୍ଷଣକେ ଅନ୍ୟମନସ୍କ
ସେ କ'ଣ ଜାଣି ପାରୁନି ?

ଏଣେ ପିଲା ଛୁଆ ଜଞ୍ଜାଳରେ
ଜାଳି ହେବି ନା'
ୟା କଥାରେ ପଡ଼ି ନଷ୍ଟ ହେବି ...

ବେଳେବେଳେ ଭୟ ଲାଗେ
ମିଶେଇବାକୁ ଆଖି ତା' ଆଖିରେ
ଇସ୍ ! କି ଦୁଷ୍ଟାମୀ ସେ ଚାହାଣିରେ
ଲାଗେ ଏଇନା ହେଇଯିବି ମହମ
ଆଉ ବହିଯିବି ତା' ତତଲା ନିଶ୍ୱାସରେ
ଫାଜିଲାମି ରେ ବେଳକାଳ ନାହିଁ ତା'ଠି
ସେଇଥିପାଇଁ ଭାରି ଡର ତାକୁ
କାଳେ ଟାଣି ଦବ
ବାଁ ଅଣ୍ଟାରେ ଖୋସା ମୋ କାନିକୁ
କାଳେ ଦେଖିଦବ
ଥରଥର କମ୍ପୁଥିବା ମୋ ନାଭିକୁ...

ଆଉ ଯଦି ୟାଙ୍କ ଆଗରେ
ଜାବୁଡି ଧରିବ ମୋତେ !
ମୁଁ ତ' ପୁରା ଫିଟି ଯିବି :
ଚଉଠିରାତି ର ଛିଣ୍ଡା ମଲ୍ଲୀ ମାଳ ପରି

ନା'... ନା'... ତା ଠୁ ଦୂରରେ ରହ
ତା' ଉପରେ କି ବିଶ୍ୱାସ ଯେ !


♥ କୁନ୍ଦନଦେଇପୁର ଶାସନ
ଢେଙ୍କାନାଳ, ପର୍ଜଙ୍ଗ,
ମୋ: ୯୭୭୮୧୦୬୧୦୫

# ହୀରାକୁଦର କେଜ୍ ଫିସ୍ କଲ୍ଚର ଏକ ସଫଳ ମୋଡେଲ୍: ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର

ଭୁବନେଶ୍ୱର,୨୩/୦୫ (ନି.ପ୍ର): ହୀରାକୁଦ ଜଳଭଣ୍ଡାରରେ ଆବଦ୍ଧ ମାଛ ଚାଷ (କେଜ୍ ଫିସ୍ କଲ୍ଚର) ଏକ ସଫଳ ମଡେଲ୍ ଏବଂ ଏହା ଖୁବ୍ ଶିଘ୍ର ରାଜ୍ୟର ମଧୁର ପାଣି ମାଛ ଉତ୍ପାଦନକୁ ବହୁପରିମାଣରେ ବୃଦ୍ଧି କରିବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି । ଉଭୟ କ୍ଷେତ୍ର ପରିଦର୍ଶନ ଏବଂ ଉଚ୍ଚସ୍ତରୀୟ ସମୀକ୍ଷାପରେ ଶ୍ରୀ ମହାପାତ୍ର ଏହା କହିଛନ୍ତି । ଇତି ମଧ୍ୟରେ ମୁଖ୍ୟ ଶାସନ ସଚିବ ହୀରାକୁଦ ଜଳଭଣ୍ଡାରରେ ସ୍ଥାପିତ କେଜ୍ ଗୁଡିକରେ ମାଛ ଚାଷ ସ୍ଥିତି ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ସହ ମାଛଚାଷୀ, ଉଦ୍ୟୋଗୀ ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । କ୍ଷେତ୍ରସ୍ତରୀୟ ମାଛଚାଷ କାର୍ଯ୍ୟର ଅଗ୍ରଗତି ବିଷୟରେ ସନ୍ତୋଷ ପ୍ରକାଶ କରି ଶ୍ରୀ ମହାପାତ୍ର କମନ୍ ଫେସିଲିଟି ସେଂଟର, ପରୀକ୍ଷାଗାର ଏବଂ ମାଛ ପହଂଚାଣ ନିମନ୍ତେ ଭାସମାନ ଜେଟ୍ଟି ଆଦି ଭିତିଭୂମିକୁ ଶିଘ୍ର କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେଜ୍-ଫିସ୍-କଲ୍ଚର ବିକାଶ ନିମନ୍ତେ ସରକାର ଆବଶ୍ୟକୀୟ ଭିତିଭୂମି ଓ ସହଯୋଗ ଯୋଗାଇଦେବେ ବୋଲି ଶ୍ରୀ ମହାପାତ୍ର ଉଦ୍ୟୋଗୀମାନଙ୍କୁ ପ୍ରତିଶୃତି ଦେଇଥିଲେ । କମନ୍ ଫେସିଲିଟି ସେଂଟରରେ ଚାଷୀମାନେ କେଜ ରୁ ମାଛ ଧରି ବିପଣୀ ନିମନ୍ତେ ବର୍ଗୀକରଣ, ଓଜନ, ଓ ପ୍ରସ୍ତୁତ କରିପାରିବେ । ଏଠାରେ ଚାଷୀମାନଙ୍କ ପାଇଁ ପାଣି, ବିଦ୍ୟୁତ, ପରିଚ୍ଛନ୍ନତା ଓ ଶୌଚାଳୟ ଆଦିର ବ୍ୟବସ୍ଥା ରହିବ । ସେହିପରି ମତ୍ସ୍ୟଚାଷ ଗବେଷଣା ପରୀକ୍ଷାଗାର ଜଳ-ଜୀବ ସ୍ୱାସ୍ଥ୍ୟ ନିରୀକ୍ଷଣ ଏବଂ ପରିବେଶ ସନ୍ତୁଳନ ଅନୁଧ୍ୟାନ ଆଦିରେ ସହାୟକ ହେବ । ମାଛଚାଷୀମାନେ କେଜ୍ର ରେ ବଢୁଥିବା ମାଛଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଗୁଣାତ୍ମକମାନର ଉତ୍ପାଦନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେଇପାରିବେ । ଜଳଭଣ୍ଡାର ଉପରିଭାଗର ୧ ପ୍ରତିଶତ ଅଂଚଳରେ ଏହି କେଜ୍-କଲ୍ଚର ସିମୀତ ରଖିବା ଲାଗି ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହୀରାକୁଦର ମତ୍ସ୍ୟ ଓ ପଶୁସଂପଦ ବିକାଶ ଉପ ନିର୍ଦ୍ଦେଶକ ଜଣାଇଥିଲେ ଯେ ଜାତୀୟ ନୀୟମାବଳୀ ଦ୍ୱାରା ନିର୍ଦ୍ଧାରିତ ସୀମାଠାରୁ ବହୁ କମ୍ ଅଂଚଳରେ ବର୍ତମାନ ପର୍ଯ୍ୟନ୍ତ ୩୨ ଟି କେଜ୍ ମାଛଚାଷ ଜୋନ୍ ଏବଂ ୬୨୫ ଟି ସବ୍- ଜୋନ ଚିହ୍ନଟ କରାଯାଇଛି । ଏହା ମଧ୍ରୁ ୧୦୧ ଟି ସବ୍- ଜୋନ କୁ ପୁଞ୍ଜିନିବେଶ ଆଗ୍ରହ ଭିତିରେ ଚୟନ ହୋଇଥିବା ଉଦ୍ୟୋଗୀମାନଙ୍କୁ ଲିଜ୍ ଦିଆଯାଇଛି । ବର୍ତମାନ ସୁଦ୍ଧା ସେମାନଙ୍କ ମଧ୍ରୁ ୭୧ ଜଣ ଉଦ୍ୟୋଗୀ ବିଭାଗସହ ବୁଝାମଣାପତ୍ର ସ୍ୱାକ୍ଷର କରି କ୍ଷେତ୍ରସ୍ତରୀୟ କାମ ଆରମ୍ଭ କରିଛନ୍ତି । ୩୦ ଟି ସବ୍- ଜୋନ ରେ କେଜ୍ ସ୍ଥାପନ କାର୍ଯ୍ୟ ସରିଛି । ଉଦ୍ୟୋଗୀମାନଙ୍କୁ ନିୟମିତ ଯୋଗାଯୋଗ ଓ ବୈଷୟିକ ଜ୍ଞାନ କୌଶଳ ସଂପ୍ରସାରଣ ମାଧ୍ୟମରେ ଉତ୍ସାହିତ କରି ଆଗାମୀ ୬ ମାସରେ ଅବଶିଷ୍ଟ ସବ୍- ଜୋନ ମାନଙ୍କରେ କେଜ୍ ସ୍ଥାପନ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ, ଗୋଟିଏ ସବ୍- ଜୋନ ରେ ୧୬ ମି ବ୍ୟାସ ଏବଂ ୫ ମି ଗଭୀରତାର ୩ ଟି ଗୋଲାକାର କେଜ୍ କିମ୍ବା ୪ ଗୁଣନ ୬ ଗୁଣନ ୪ ମିଟରର ୨୪ ଟି ଆୟତଘନାକାର କେଜ୍ ସ୍ଥାପନ କରାଯାଇ ପାରିବ । ପ୍ରତି ଗୋଲାକାର କେଜ୍ ରୁ ଥରକେ ୨୫ ରୁ ୩୦ ଟନ୍ ମାଛ ଅମଳ କରାଯାଇ ପାରିବ । ଆବଂଟିତ ସବ୍- ଜୋନ ଗୁଡିକରେ ଉତ୍ପାଦନ ଆରମ୍ଭ ହେଲେ ଥରକେ ପ୍ରାୟ ୧୪୫୦୦ ଟନ୍ ରୁ ଅଧିକ ମାଛ ଅମଳ ହେବ । ହୀରାକୁଦ ଜଳଭଣ୍ଡାର ଉପରିଭାଗରେ ୧୮୭୫ ଟି ଗୋଲାକାର କେଜ୍ କିମ୍ବା ୧୫୦୦୦ ଆୟତଘନାକାର କେଜ୍ ପ୍ରତିଷ୍ଠା କରାଯାଇପାରିବ । ଏସବୁରୁ ଥରକେ ପ୍ରାୟ ୪୫୦୦୦ ଟନ୍ ରୁ ଅଧିକ ମଧୁର ପାଣି ମାଛ ଅମଳ କରାଯାଇପାରିବ । ଉଦ୍ୟୋଗୀମାନଙ୍କୁ ଅମଳ ମାଛର ବିପଣୀ ନିମନ୍ତେ ବଜାର- ସଂଯୋଗ ପରାମର୍ଶ ଦେବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ।

ବୈଷୟିକ କୌଶଳର ପ୍ରୟୋଗ, ଜନସାଧାରଣଙ୍କ ସହଭାଗିତା ଏବଂ ଘରୋଇ ପୁଞ୍ଜିନିବେଶ ମାଧ୍ୟମରେ ମଧୁର ପାଣି ମାଛ ଚାଷ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ବିଶେଷଜ୍ଞ ଓ ବୁଦ୍ଧିଜିବୀମାନେ ଆଶା ପ୍ରକାଶ କରିଛନ୍ତି । ସମ୍ବଲପୁରର ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା ଏବଂ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ଉପ ନିର୍ଦ୍ଦେଶକ ବିରଜା ପ୍ରକାଶ ଦ୍ୱିବେଦୀଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ସମୀକ୍ଷା ନିମନ୍ତେ ସଦ୍ୟତନ ତଥ୍ୟ ଉପସ୍ଥାପନ କରିଥିଲେ ।

# ସ୍କୁଲ ଲାଇବ୍ରେରି ବହି କିଣା ପ୍ରକ୍ରିୟାକୁ ସ୍ୱାଗତ: ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ଓଡ଼ିଆ ପ୍ରକାଶକ ସମୂହ



ଭୁବନେଶ୍ୱର ,୨୩/୦୫ (ନି.ପ୍ର): ସ୍କୁଲ ଲାଇବ୍ରେରି ବହି କିଣିବା ଲାଗି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ଓଡ଼ିଆ ପ୍ରକାଶକ ସମୂହ ପକ୍ଷରୁ ସ୍ୱାଗତ କରାଯାଇଛି । ଓଡ଼ିଶାର ପ୍ରମୁଖ ପ୍ରକାଶକମାନଙ୍କୁ ନେଇ ଗଠିତ ଏହି ସମୂହ ପୁସ୍ତକ ଚୟନ ପ୍ରକ୍ରିୟାକୁ ସ୍ୱାଗତ କରିବା ସହ ପୁସ୍ତକ କ୍ରୟ କାର୍ଯ୍ୟକ୍ରମ ଯଥାବିଧି ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି । ସେମାନେ ପତ୍ର ମାଧ୍ୟମରେ ଦର୍ଶାଇଛନ୍ତି ଯେ ଓସେପା ପକ୍ଷରୁ ପ୍ରକାଶକଙ୍କଠାରୁ 'ଆ ଗ୍ର ହ - ଅ ଭି ବ୍ୟ କ୍ତି' (ଏକ୍ସପ୍ରେସନ୍ ଅଫ୍ ଇଣ୍ଟ୍ରେଷ୍ଟ) ଆହ୍ୱାନ କରାଯାଇଛି । ଗତ ମାସରେ ପ୍ରକାଶକଙ୍କ ସହ ପରାମର୍ଶ କରି ଓସେପା କର୍ତ୍ତୃପକ୍ଷ ଇଓଆଇରେ ଆବଶ୍ୟକ ପରିବର୍ତ୍ତନ କରିଛନ୍ତି । ଗତ ୧୮ ଓଇଆଇ ଦାଖଲର ଶେଷ ତାରିଖ ଥିଲା ଏବଂ ବହୁ ସଂଖ୍ୟକ ପ୍ରକାଶକ ଏଥିରେ ଭାଗ ନେଇଥିଲେ । ମାତ୍ର ଦୁଇଜଣ ବ୍ୟକ୍ତି ଏହି ପ୍ରକ୍ରିୟା ବନ୍ଦ କରିବା ପାଇଁ ଆପଣଙ୍କୁ ଚିଠି ଲେଖିଥିବା ଗଣମାଧ୍ୟମରୁ ସୂଚନା ପାଇଛୁ । ଏହି ଦାବି ସହ ଆମେ ସହମତ ନୋହୁଁ । କୋଭିଡ୍ ଯୋଗୁ ଦୁଇ ବର୍ଷ ଧରି ରାଜ୍ୟରେ ପ୍ରକାଶନ ଶିଳ୍ପ ରୁଗ୍ଣ ହୋଇପଡ଼ିଥିବା ବେଳେ ସରକାରଙ୍କ ପୁସ୍ତକ କ୍ରୟ ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ । ଏହାଦ୍ୱାରା ରାଜ୍ୟର ପ୍ରକାଶକମାନେ ଉପକୃତ ହେବେ ବୋଲି ଆଶା କରୁଛୁ । ଓସେପା କର୍ତ୍ତୃପକ୍ଷ ଜଣେ ପ୍ରକାଶକଙ୍କଠାରୁ ସର୍ବନିମ୍ନ ୧୮ଟି ବହି ମାଗିଛନ୍ତି । ଯଦି ଜଣେ ପ୍ରକାଶକ ଗତ ୫ ବର୍ଷରେ ମାତ୍ର ୧୮ଟି ବହି ଛପାଇ ପାରିନାହାନ୍ତି ଏବଂ ସେହି କାରଣରୁ ଇଓଆଇ ପକ୍ରିୟାକୁ ବିରୋଧ କରୁଛନ୍ତି, ତେବେ ସେ କେଉଁ ଦୃଷ୍ଟିରୁ ଜଣେ ପ୍ରକାଶକ, ତାହା ସରକାର ବିଚାର କରିବେ । ଗତବର୍ଷ ଜଣେ ପ୍ରକାଶକ ଅତି କମ୍‌ରେ ୨୦ ଲକ୍ଷ ଟଙ୍କାର ବ୍ୟବସାୟ କରିଥିବା ଉଚିତ ବୋଲି ଓସେପା କର୍ତ୍ତୃପକ୍ଷ ପ୍ରଥମେ ଇଓଆଇରେ ଉଲ୍ଲେଖ କରିଥିଲେ । ଏହାକୁ ୫ ଲକ୍ଷ ଟଙ୍କାକୁ କମାଇବା ପାଇଁ ଦାବି କରିଯିବା ପରେ ସରକାର ସାନି ବିଜ୍ଞପ୍ତି ପ୍ରକାଶ କରିଥିଲେ । ଯେଉଁ ବ୍ୟକ୍ତି ଏହାକୁ ବିରୋଧ କରୁଛନ୍ତି, ସେମାନଙ୍କର ଭିନ୍ନ ସ୍ୱାର୍ଥ ଅଛି ବୋଲି ବୁଝିବାକୁ ହେବ । ଅଭିଯୋଗ ଉଠାଇଥିବା ଦୁଇ ବ୍ୟକ୍ତି ପ୍ରି-ଇଓଆଇ ବୈଠକରେ ଭାଗ ନେଇ ନିଜର ଅଭିଯୋଗ ଓ ପରାମର୍ଶ ଉପସ୍ଥାପନ କରିବାକୁ ସରକାର ପର୍ଯ୍ୟାପ୍ତ ସୁଯୋଗ ଦେଇଥିଲେ ମଧ୍ୟ ଅନୁପସ୍ଥିତ ଥିଲେ । ସେମାନେ ବିଭିନ୍ନ ସମୟରେ ସରକାରଙ୍କୁ ଚିଠି ଲେଖି ପ୍ରକାଶକଙ୍କ ସ୍ୱାର୍ଥ ହାନି କରିବା ସହ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ପୁସ୍ତକ ପଠନରୁ ବିରତ କରିବା ପାଇଁ ହୀନ ଉଦ୍ୟମ କରୁଛନ୍ତି । ସେମାନଙ୍କ ମନ୍ଦ ଉଦ୍ଦେଶ୍ୟ ବାବଦରେ ସରକାର ତଦନ୍ତ କରନ୍ତୁ ବୋଲି ପ୍ରକାଶକମାନେ ଚିଠିରେ ଉଲ୍ଲେଖ କରିଛନ୍ତି ।

# ପୁଲିସରେ ମହିଳା ନିଯୁକ୍ତି ନୈରାଶ୍ୟଜନକ: ୩୩ % ସଂରକ୍ଷଣ ସତ୍ତ୍ୱେ ଜାତୀୟ ହାରକୁ ଛୁଇଁନି

ଭୁବନେଶ୍ୱର,୨୩/୦୫ (ନି.ପ୍ର): ମହିଳା ସଶକ୍ତୀକରଣ ପାଇଁ ଦେଶ ଠୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ଏପରିକି ପଞ୍ଚାୟତ ଓ ନଗର ନିଗମରେ ମାଳମାଳ ଯୋଜନା କରାଯାଉଛି । ରାଜ୍ୟରେ ନିର୍ବାଚନରୁ ଆରମ୍ଭ କରି ସବୁକ୍ଷେତ୍ରରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଉଛି । ଏପରିକି ସେମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେବା ପାଇଁ ନିଯୁକ୍ତି ଠୁ ଆରମ୍ଭ କରି ନିର୍ବାଚନ ପର୍ଯ୍ୟନ୍ତ ୩୩ପ୍ରତିଶତ ସଂରକ୍ଷଣ ମଧ୍ୟ ଘୋଷଣା କରାଯାଇଛି । ମାତ୍ର ପରିତାପର ବିଷୟ, ନିକଟରେ ଗୃହ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବ୍ୟୁରୋ ଅଫ୍ ପୁଲିସ ରିସର୍ଚ୍ଚ ଆଣ୍ଡ୍ ଡେଭଲପମେଣ୍ଟ(ବିପିଆ ?ଡି) ରିପୋର୍ଟରେ ରାଜ୍ୟ ପୁଲିସ ବିଭାଗରେ ମହିଳା ନିଯୁକ୍ତି ନୈରାଶ୍ୟଜନକ ସ୍ଥିତିରେ ରହିଛି । କେବଳ ଓଡ଼ିଶା ନୁହେଁ, ଦେଶରେ ମଧ୍ୟ ପୁଲିସ ବିଭାଗରେ ମହିଳା ନିଯୁକ୍ତି ହାର ପଛୁଆ ରହିଛି । ସମୁଦାୟ ନିଯୁକ୍ତ ପୁଲିସ କର୍ମଚାରୀଙ୍କ ମଧ୍ୟରୁ ମାତ୍ର ୧୦.୪୯ପ୍ରତିଶତ ମହିଳା ଥିବା ଜଣାପଡ଼ିଛି । ୨୦୨୧ ଜାନୁଆରି ୧ ସୁଦ୍ଧା ବିପିଆରଡି ତିଆରି କରିଥିବା ରିପୋର୍ଟରୁ ଏଭଳି ତଥ୍ୟ ମିଳିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୁଲିସ ଚାକିରି କରିବା ପାଇଁ ରାଜ୍ୟରେ ମହିଳାଙ୍କ ଆଗ୍ରହ ନାହିଁ ନା ନିଯୁକ୍ତି ପାଇଁ ନିର୍ଧାରିତ ହୋଇଥିବା ମାନଦଣ୍ଡରେ ଯୋଗ୍ୟତା ଅର୍ଜନ କରିପାରୁନାହାନ୍ତି ସେ ନେଇ ପ୍ରଶ୍ନ ଉଠିଛି । ବିପିଆରଡି ତଥ୍ୟ ମୁତାବକ, ରାଜ୍ୟରେ ସମୁଦାୟ ୬୪ହଜାର ୩ଶହ ୫୯ଜଣ ପୁଲିସ କାମ କରୁଛନ୍ତି । ସେଥିରୁ ମାତ୍ର ୫ହଜାର ୮ଶହ ୪୭ଜଣ ମହିଳା ପୁଲିସ ରହିଛନ୍ତି । ଯାହା ସମୁଦାୟ କାର୍ଯ୍ୟରତ ପୁଲିସ ସଂଖ୍ୟାର ମାତ୍ର ୯.୦୮ପ୍ରତିଶତ । ଏହି କ୍ରମରେ ରାଜ୍ୟରେ ପ୍ରତି ୩୮୬୮ଜଣ ମହିଳାଙ୍କ ପାଇଁ ଜଣେ ମାତ୍ର ମହିଳା ପୁଲିସ ଥିବା ଜଣାପଡ଼ିଛି । ବିଡ଼ମ୍ବନାର ବିଷୟ ହେଉଛି, ପ୍ରତିବର୍ଷ ଜାରି ହେଉଥିବା ବିପିଆରଡି ରିପୋର୍ଟରେ ମହିଳା ପୁଲିସ ନିଯୁକ୍ତିରେ ଜାତୀୟ ହାର ଉପରମୁହାଁ ହେଉଥିବା ବେଳେ ରାଜ୍ୟ ହାର ଖସିବାର ଲାଗିଛି । ଅପରପକ୍ଷରେ ମହିଳାଙ୍କ ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ରେ ସର୍ବାଧିକ ୨୨.୧୪ପ୍ରତିଶତ ମହିଳା ରହିଥିବା ରାଜ୍ୟ କ୍ଷେତ୍ରରେ ତାମିଲନାଡୁରେ ୧୯.୩୭ପ୍ରତିଶତ ମହିଳା ପୁଲିସରେ କାର୍ଯ୍ୟରତ ଅଛନ୍ତି । ସେହିଭଳି ଆମ ପଡ଼ୋଶୀ ରାଜ୍ୟ ବିହାର ମଧ୍ୟ ଆମଠୁ ଯଥେଷ୍ଟ ଆଗରେ ରହିଛି । ବିହାରରେ ୧୭.୪୦ପ୍ରତିଶତ ମହିଳା ପୁଲିସ ବିଭାଗରେ କାର୍ଯ୍ୟରତ ଅଛନ୍ତି ।

ସେହିଭଳି ଗତବର୍ଷ ବିପିଆରଡି କରିଥିବା ଜାରି ରିପୋର୍ଟ ମୁତାବକ, ଯେ ମହିଳା ପୁଲିସ ନିଯୁକ୍ତି କ୍ଷେତ୍ରରେ ଜାତୀୟ ହାର ୧୦.୩୦ପ୍ରତିଶତ ଓ ରାଜ୍ୟରେ ଏହା ୧୦.୦୧ପ୍ରତିଶତ । ମାତ୍ର ୨୦୨୧ରେ ରାଜ୍ୟ ହାର ପ୍ରାୟ ୧ ପ୍ରତିଶତ ତଳକୁ ଖସିଥିବା ଜଣାପଡ଼ିଛି । ଏହି ରିପୋର୍ଟ ଆଧାରରେ, ରାଜ୍ୟରେ ଥିବା ୨ତଦନ୍ତକାରୀ ସଂସ୍ଥା ସିଆଇଡି ଓ କ୍ରାଇମ୍‌ବ୍ରାଞ୍ଚ୍‌ରେ ମାତ୍ର ୨୨.୯୭ପ୍ରତିଶତ ମହିଳା କାମ କରୁଥିବା ବେଳେ ଗୁଇନ୍ଦା ପାଇଁ କାମ କରୁଥିବା ସ୍ପେସାଲ୍ ବ୍ରାଞ୍ଚ୍‌ରେ ମାତ୍ର ୫.୭୦ପ୍ରତିଶତ ମହିଳା ପୁଲିସ ରହିଛନ୍ତି । ସେହିଭଳି ଟ୍ରାଫିକ୍ ପୁଲିସରେ ୨୪.୭୦ପ୍ରତିଶତ ମହିଳା ନିଯୁକ୍ତ ହୋଇଛନ୍ତି । ରାଜ୍ୟମାନଙ୍କରେ ସ୍ୱତନ୍ତ୍ର ଅପରେସନ୍ ପାଇଁ ଗଠିତ ହୋଇଥିବା ଟିମ୍ ଆତଙ୍କବାଦୀ, ମାଓବାଦୀ ଓ ଉଗ୍ରବାଦୀଙ୍କ ବିରୋଧରେ କାମ କରୁଥିବା ଏସ୍‌ଓଜିରେ ବି ୧ପ୍ରତିଶତରୁ କମ୍ ମହିଳା ରହିଛନ୍ତି ।

# ବିଚ୍ଛିନ୍ନାଂଚଳ ଫେରାଇ ଆଣିବା ପାଇଁ ଦୁର୍ବାର ଆନ୍ଦୋଳନ କରାଯିବ: ନାଗରିକ ମହାମଂଚ

ଭୁବନେଶ୍ୱର,୨୩/୦୫ (ନି.ପ୍ର): ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଫେରାଇ ଆଣିବା ପାଇଁ ଜୋରଦାର୍ ଆନ୍ଦୋଳନ କରାଯିବା ସହିତ ଏ ଦିଗରେ ବିହିତ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚେଷ୍ଟା କରିବା ଉଚିତ ବୋଲି ମହାମଂଚ ପକ୍ଷରୁ ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରିଛନ୍ତି । ୧୯୬୮ ମସିହାରେ ଆନ୍ଧ୍ର ପ୍ରଦେଶର ଏକ ପୋଲିସ୍ ଦଳ କୋଟିଆ ଅଂଚଳକୁ ସର୍ବପ୍ରଥମେ ଅନଧିକାର ପ୍ରବେଶ କରିଥିଲେ । ଓଡ଼ିଶା ସରକାର ଏହାର ଦୃଢ଼ ପ୍ରତିବାଦ କରି ବିଫଳ ହେବାରୁ ତା ୧୨.୦୯.୧୯୬୮ ମସିହାରେ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ଦୁଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଉପସ୍ଥିତିରେ ସମାଧାନ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ବର୍ତ୍ତମାନ ବାରମ୍ବାର ଆନ୍ଧ୍ର କୋଟିଆ ଏବଂ ଆଖପାଖର ବିଚ୍ଛିନ୍ନାଞ୍ଚଳ ଉପରେ ନଜର ରଖିବା ସହିତ କଳେବଳେକୌଶଳେ ଆମ ଅଞ୍ଚଳ ହାତେଇବାକୁ ଚେଷ୍ଟା କରିଛି । ଏ ଦିଗରେ ଗତ ବର୍ଷ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ କଥାବାର୍ତ୍ତା ହୋଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଆଶୁ ସମାଧାନ ବାହାରି ପାରିଲା ନାହିଁ । କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନଥିବା ବେଳେ ଓଡ଼ିଶା ସରକାର ନିଦାବିଷ୍ଟୁ ସାଜିଛନ୍ତି । ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାନଗଲେ ବ୍ୟାପକ ଭାବରେ ଏକ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ମହାମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି । ମହାମଞ୍ଚର ଅନ୍ୟ ସଦସ୍ୟ ଓଡ଼ିଶା ପୂର୍ଣ୍ଣାଙ୍ଗ ନ୍ୟାସ ମଣ୍ଡଳୀର ସୀତାବଲ୍ଲଭ ମହାପାତ୍ର, ପୂର୍ବନ ଜିଲ୍ଲାପାଳ ଗଦାଧର ପରିଡ଼ା, ସୀମାନ୍ତ ପ୍ରହରୀ ଜଗଦୀଶ ବକ୍ସିପାତ୍ର, ବି ମୁରଲୀଧର, ନାରାୟଣ ଓଝା, ସୁନୀଲ ମିଶ୍ର ପ୍ରମୁଖ ଏକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## 'ଅନ୍ତର୍ଜାତୀୟ ଜୈବବିବିଧତା ଦିବସ'

# ବଂଚିବା ପାଇଁ ଜୈବବିବିଧତାକୁ ସମ୍ମାନ ଦେବାକୁ ପଡ଼ିବ

ଭୁବନେଶ୍ୱର,୨୩/୦୫ (ନି.ପ୍ର): ଓଡ଼ିଶା ଜୈବବିବିଧତା ବୋର୍ଡ ଆନୁକୂଲ୍ୟରେ ସ୍ଥାନୀୟ ଇମେଜ ପରିସରରେ 'ଅନ୍ତର୍ଜାତୀୟ ଜୈବବିବିଧତା ଦିବସ' ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତ ସରକାରଙ୍କ ଜଙ୍ଗଲ ମନ୍ତ୍ରାଳୟର ପ୍ରାକ୍ତନ ମହାନିର୍ଦ୍ଦେଶକ ତଥା ଓଡ଼ିଶା ଭୁସଂପତ୍ତି ଅଧିକାର ପ୍ରାଧିକରଣର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ କହିଛନ୍ତି ଯେ ମଣିଷ ସମାଜ ପାଇଁ ସମଗ୍ର ଜୀବଜଗତ ବିପଦ ମଧ୍ୟକୁ ଟାଣି ହୋଇଆସୁଛି । ଆମେ ହେଉଛୁ ସୃଷ୍ଟିର ଗୋଟିଏ ଅଂଶ ଓ ଆମ ଯୋଗୁଁ ସୃଷ୍ଟି ରହିନି । ଜୈବବିବିଧତାର ସଂରକ୍ଷଣ ଓ ସୁରକ୍ଷା ବଳରେ ଆମେ ନିଜେ ହିଁ ଆମ ନିଜକୁ ବଂଚାଇବାକୁ ପଡ଼ିବ । ପରିବେଶକୁ ଆବର୍ଜନାମୁକ୍ତ କରିବାକୁ ପଡ଼ିବ । ଆମର ସ୍ୱାର୍ଥ ପାଇଁ ଜୈବବିବିଧତାର ସଂରକ୍ଷଣର ନିତାନ୍ତ ଆବଶ୍ୟକତା ରହିଛି ବୋଲି ହୃଦୟଙ୍ଗମ କରି ଏ ଦିଗରେ ସଂକଳ୍ପ ନେବାକୁ ପଡ଼ିବ ବୋଲି ସେ ଆହ୍ୱାନ ଦେଇଛନ୍ତି । ପୂର୍ବତନ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଏବଂ ବନବାହିନୀ ମୁଖ୍ୟ ଡ. ସଂଦୀପ ତ୍ରିପାଠୀ କହିଛନ୍ତି ଯେ ଖାଦ୍ୟଠାରୁ ଆରମ୍ଭ କରି ପାଣି, ପବନ ପର୍ଯ୍ୟନ୍ତ ମଣିଷର ସମସ୍ତ ଆବଶ୍ୟକତା ଜୈବବିବିଧତାରୁ ମିଳିଥାଏ । ଓଡ଼ିଶା ଜୈବବିବିଧତାରେ ସମୃଦ୍ଧ । ସଦ୍ୟତମ ଜାତୀୟ ଜଙ୍ଗଲ ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୯୯୩ ବର୍ଗ କିଲୋମିଟର ଜଙ୍ଗଲ ଅଭିବୃଦ୍ଧି ଘଟିଛି । ଚିଲିକା ଓ ଭିତରକନିକା ଭଳି ଦୁଇଟି ରାମ୍‌ସାର ସାଇଟ୍ ଆର୍ଦ୍ରଭୂମି ଓଡ଼ିଶାକୁ ଜୈବବିବିଧତା କ୍ଷେତ୍ରରେ ଅଧିକ ପରିପୁଷ୍ଟ କରିଛି । ଜଳବାୟୁ ପରବର୍ତ୍ତନ ହେଉଛି ଜୈବବିବଧତା ପାଇଁ ବଡ଼ ବିପଦ । ଓଡ଼ିଶା ରାଜ୍ୟ ଜୈବବିବିଧତା ବୋର୍ଡ ଜୈବବିବିଧତାର ସଂରକ୍ଷଣ ଓ ସୁରକ୍ଷା ଦିଗରେ ପ୍ରଶଂସନୀୟ କାର୍ଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି । ସ୍ୱାଗତ ଭାଷଣ ଦେଇ ବୋର୍ଡର ଅଧ୍ୟକ୍ଷ ଶ୍ରୀ ରାଜୀବ କୁମାର କହିଛନ୍ତି ଯେ ମିଳିତ ଜାତିସଂଘର ପ୍ରସ୍ତାବ ଅନୁଯାୟୀ ଚଳିତ ବର୍ଷ 'ଜୀବଜଗତର ପ୍ରତ୍ୟେକ ଜୀବନ ପାଇଁ ଏକ ସୁଦୃଢ଼ ଭବିଷ୍ୟତ ନିର୍ମାଣ' ଏହି ଦିବସ ପାଳନର ପ୍ରସଙ୍ଗ ରହିଛି । ଭାରତରେ ଦେଖାଯାଉଥିବା ୧୬ ପ୍ରକାରର ପ୍ରମୁଖ ଜଙ୍ଗଲ ମଧ୍ୟରୁ ୫ ପ୍ରକାର ଓଡ଼ିଶାରେ ଦେଖାଯାଏ । ରାଜ୍ୟରେ ଜୈବବିବିଧତାର ସଂରକ୍ଷଣ ଓ ସୁରକ୍ଷା ପାଇଁ ରାଜ୍ୟ ସରକାର ୧୯ଟି ବନ୍ୟପ୍ରାଣୀ ଅଭୟାରଣ୍ୟ ସହିତ ଗୋଟିଏ ଲେଖାଏଁ ଜାତୀୟ ଉଦ୍ୟାନ, ପ୍ରସ୍ତାବିତ ଜାତୀୟ ଉଦ୍ୟାନ, ଜୈବମଣ୍ଡଳ ଏବଂ ଦୁଇଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରିଛନ୍ତି । ଏ ପର୍ଯ୍ୟନ୍ତ ରାଜ୍ୟରେ ୫୧୭୪ ପ୍ରଜାତିର ଉଦ୍ଭିଦର ଚିହ୍ନଟ ଓ ନାମକରଣ କରାଯାଇଥିବାବେଳେ ୨୮ଟି ସ୍ଥାନୀୟ ପ୍ରଜାତି ଓ ୧୫୭ଟି ବିଲୁପ୍ତପ୍ରାୟ ପ୍ରଜାତି ରହିଛନ୍ତି । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଓଡ଼ିଶାର ଜୈବବିବିଧତା ସଂପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ର, ଦେବୀ ମୁହାଣର ସମୁଦ୍ର କଙ୍କଡ଼ା ସଂପର୍କିତ ଏକ ପୁସ୍ତିକା ଏବଂ ବନ୍ୟଜନ୍ତୁ ପରିଚାଳନା ପାଇଁ ମାର୍ଗଦର୍ଶିକା ଉନ୍ମୋଚିତ ହୋଇଥିଲା । ରାଜ୍ୟର ୧୦ଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ 'ମନୁଷ୍ୟ ସମାଜ ପାଇଁ ଜୈବବିବିଧତା' ଶୀର୍ଷକ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ସୁଦର୍ଶନ ପଣ୍ଡା କହିଥିଲେ ଯେ ସମସ୍ତ ଜୀବଜଗତ ଜୈବବିବିଧତାର ଗୋଟିଏ ଗୋଟିଏ ଅଂଶ । ଆମଦେଶରେ ମରୁଭୂମିଠାରୁ ଆରମ୍ଭ କରି ଜଙ୍ଗଲ, ସମୁଦ୍ର, ପାହାଡ଼, ବୃକ୍ଷଲତା ଭରି ରହିଛି । ଜଙ୍ଗଲ ବାହାରେ ଯେଉଁସବୁ ଜୀବଜନ୍ତୁ ଓ ଉଦ୍ଭିଦଜଗତ ରହିଛି ତାକୁ ମଧ୍ୟ ଆମେ ସଂରକ୍ଷଣ କରିବା ଉଚିତ । ଉଦ୍ଭିଦଜଗତଠାରୁ ଆମକୁ ତ୍ୟାଗ, ଛୋଟ ଛୋଟ ପ୍ରାଣୀଙ୍କଠାରୁ ଆମକୁ ଶୃଙ୍ଖଳା ଏବଂ ଅନ୍ୟାନ୍ୟ ପ୍ରାଣୀଙ୍କଠାରୁ ଆମକୁ ନିରୁପିତ ଆବଶ୍ୟକତା ବିଷୟରେ ଶିଖିବାକୁ ପଡ଼ିବ ବୋଲି ସେ ମତ ଦେଇଥିଲେ । ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଶ୍ରୀ ଶଶି ପଲ ତାଙ୍କ ବକ୍ତବ୍ୟରେ ଉପଯୁକ୍ତ ସଂରକ୍ଷଣ, ସୁରକ୍ଷା ଓ ସହାବସ୍ଥାନର ଅନନ୍ୟ ଉଦାହରଣ ଭାବରେ ଆମ ରାଜ୍ୟରେ କୁମ୍ଭୀର ସଂରକ୍ଷଣ, ଗଞ୍ଜାମ ଜିଲ୍ଲାର କୃଷ୍ଣସାର ମୃଗ ସଂରକ୍ଷଣ ଏବଂ ମଙ୍ଗଳାଯୋଡ଼ିର ବହିରାଗତ ପକ୍ଷୀଙ୍କ ସୁରକ୍ଷା ଇତ୍ୟାଦିର ଉଦାହରଣ ଦେଇ ସେ ଜୈବବିବିଧତାର ସ୍ଥିତି ଉପରେ ଆଲୋକପାତ କରିଥିଲେ । ସମାରୋହରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଶ୍ରୀ ଶିଶିର ରଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଶ୍ରୀ ସୁଶୀଲ କୁମାର ପପ୍‌ଲି, ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁରେଶ ପନ୍ଥ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟସଚିବ ଡ. କେ. ମୁରୁଗେସନ୍, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ବିଜୟ କେତନ ପଟ୍ଟନାୟକ, ଜିତେନ୍ଦ୍ର କୁମାର ଏବଂ ନନ୍ଦନକାନନର ନିର୍ଦ୍ଦେଶକ ଶ୍ରୀ ମନୋଜ ନାୟାରଙ୍କ ସମେତ ବହୁ ଗବେଷକ, ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଜିଲ୍ଲାରୁ ଆସିଥିବା ଜୈବବିବିଧତା ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ବୋର୍ଡର ସଦସ୍ୟସଚିବ ଡ. ନିହାର ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଳିତଗିରିର ଶୁଖୁଆପଡ଼ା ପାହାଡ଼ର ବୌଦ୍ଧକିର୍ତୀକୁ ଧ୍ୱଂସ କରିବାକୁ ସରକାରୀ ଚକ୍ରାନ୍ତ: ଡଃ ଜ୍ଞାନେନ୍ଦ୍ର

ଭୁବନେଶ୍ୱର,୨୩/୦୫ (ନି.ପ୍ର): ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧକିର୍ତ୍ତିସ୍ଥଳ ଲଳିତଗିରିର ଶୁଖୁଆପଡ଼ା ପାହାଡ଼ରେ ସପ୍ତମ ଶତାବ୍ଦୀର ଅନେକ ବୌଦ୍ଧକିର୍ତୀ ରହିଛି । କିନ୍ତୁ ରାଜ୍ୟ ସରକାର ଏହି ପାହାଡ଼ରୁ ଖଣ୍ଡେଲାଇଟ ପଥର ଉ ୋଳନ ପାଇଁ ଓଡ଼ିଶା ରାଜ୍ୟ ଖଣି ନିଗମକୁ ଲିଜ୍ ସୂତ୍ରରେ ଦେଇ ଓଡ଼ିଶାର ବୌଦ୍ଧକିର୍ତୀ ଓ ଐତିହ୍ୟକୁ ନଷ୍ଟ କରିବାର ଏକ ବିଦ୍ଧିବଦ୍ଧ ଚକ୍ରାନ୍ତ କରିଛନ୍ତି ବୋଲି ଭାରତୀୟ ମହାବୋଧି ସମିତିର ରାଷ୍ଟ୍ରୀୟ ଉପସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଗୁରୁତର ଅଭିଯୋଗ କରିଛନ୍ତି ।

ଭୁବନେଶ୍ୱର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡଃ ଜ୍ଞାନେନ୍ଦ୍ର କହିଛନ୍ତି ଯେ, ୨୦୦୫ ମସିହାରେ ଯାଜପୁର ଜିଲ୍ଲାପାଳ ଏହି ଶୁଖୁଆପଡ଼ା ପାହାଡ଼ରୁ ମୋରମ ଖନନ ପାଇଁ ଲିଜ୍ ଦେଇଥିଲେ । କିନ୍ତୁ ସେତେବେଳେ ବୌଦ୍ଧଧର୍ମ ପ୍ରତି ପ୍ରତିବଦ୍ଧ ଥିବା ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ବୁଦ୍ଧାୟନ ତରଫରୁ ମାନ୍ୟବର ହାଇକୋର୍ଟଙ୍କ ନିକଟରେ ଏକ ଜନହିତ ମାମଲା କରାଯିବା ପରେ କୋର୍ଟ ଏକ ଯୁଗ୍ମ କମିଟି ଗଠନ କରିଥିଲେ ଓ ଯୁଗ୍ମ କମିଟି ତାଙ୍କ ରିପୋର୍ଟରେ ଲିଜ୍ ନ ଦେବା ପାଇଁ ମତପୋଷଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଲଳିତଗିରିର ଲଣ୍ଡା ପାହାଡ଼କୁ ଏ.ଏସ୍.ଆଇ କର୍ତୃପକ୍ଷ ଠିକଣା ଭାବେ ତଦାରଖ କରୁଥିବା ବେଳେ ଶୁଖୁଆପଡ଼ା ପାହାଡ଼ରୁ ବୌଦ୍ଧକିର୍ତୀ, ହାତୀଖାଲରୁ ବାହାରିଥିବା ଛଅଗୋଟି ବିରାଟ ବୌଦ୍ଧମୂର୍ତ୍ତି ଏ.ଏସ୍.ଆଇ. କର୍ତୃପକ୍ଷ ନେଇ ଲଳିତଗିରି ସଂଗ୍ରହାଳୟରେ ରଖିଛନ୍ତି । କିନ୍ତୁ ଏହି ପାହାଡ଼ର ଶୀର୍ଷଦେଶରେ ପାରାଭାଡ଼ି ଅବସ୍ଥିତ ଏହା ଏକ ବିରାଟ ବୌଦ୍ଧସ୍ତୁପ । ଭବିଷ୍ୟତରେ ଏହାର ଖନନ ହେଲେ ଭଗବାନ ବୁଦ୍ଧ ଓ ସାରିପୁତଙ୍କର ରିଲିକ୍ସ ବାହାରିବାର ସମ୍ଭାବନା ଅଛି । ଏଥିସହିତ ଏହି ପାହାଡ଼ରେ ଥିବା ଘଂଟିଆଶୁଣି ଓ ସାଧୁଗୁମ୍ଫା ଭଳି ସ୍ଥାନଗୁଡ଼ିକରେ ବହୁ ବୌଦ୍ଧକିର୍ତୀ ରହିଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ।

ରାଜ୍ୟ ସରକାର ଓଡ଼ିଶାର ବିଭିନ୍ନ ମନ୍ଦିରର ସୌନ୍ଦର୍ଯ୍ୟକରଣ କରିବା ନାମରେ ଶୁଖୁଆପଡ଼ା ପାହାଡ଼ରୁ ଖଣ୍ଡେଲାଇଟ ପଥର ଉତୋଳନ କରିବା ପାଇଁ ରାଜ୍ୟ ଖଣି ନିଗମ ଦ୍ୱାରା ଉନ୍ନତମାନର ମେସିନ୍ ଲଗାଇ ବୌଦ୍ଧ କିର୍ତୀରାଜିକୁ ଧ୍ୱଂସ କରିବାକୁ ଯେଉଁ ଚେଷ୍ଟା କରିଛନ୍ତି, ତାହାକୁ କରିବାକୁ ଦିଆଯିବ ନାହିଁ ବୋଲି ଡଃ ଜ୍ଞାନେନ୍ଦ୍ର କହିବା ସହ, ସରକାର ତୁରନ୍ତ ରାଜ୍ୟ ଖଣି ନିଗମକୁ ଦେଇଥିବା ଲିଜ୍‌କୁ ବାତିଲ୍ କରିବା ସହ ପାହାଡ଼ରୁ ପଥର ଖନନ କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଦୃଢ ଦାବି କରିଛନ୍ତି ଓ ରାଜ୍ୟର ସମସ୍ତ ବୌଦ୍ଧଧର୍ମର ଶ୍ରଦ୍ଧାଳୁମାନେ ଏହାର ବିରୋଧ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

# ରାଜ୍ୟ ଏନ୍‌ଏସ୍‌ଏସ୍ ଉପଦେଷ୍ଟା ପରିଷଦର ବୈଠକ

ଭୁବନେଶ୍ୱର,୨୩/୦୫ (ନି.ପ୍ର): ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)କୁ ଅଧିକ କ୍ରିୟାଶୀଳ କରାଯିବ । ରାଜ୍ୟର ୧ ଲକ୍ଷ ୧୫ ହଜାର ୫୦୦ ସ୍ୱେଚ୍ଛାସେବୀଙ୍କୁ ଚଳିତ ଶିକ୍ଷା ବର୍ଷରେ ମହାବିଦ୍ୟାଳୟଗୁଡ଼ିକୁ ତମାଖୁମୁକ୍ତ, ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ୍ ରେ ପରିଣତ କରିବା ସହିତ ବ୍ୟାପକ ରକ୍ତଦାନ କାର୍ଯ୍ୟକ୍ରମରେ ନିୟୋଜିତ କରାଯିବ । ଏଥି ସହ ବୃକ୍ଷରୋପଣ ଓ ବିଭିନ୍ନ ଜନସେଚତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି । ଆଜି ପୁସ୍ତକ ଭବନଠାରେ ପ୍ରମୁଖ ଶାସନ ସଚିବ ଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଜ୍ୟ ଏନ୍‌ଏସ୍‌ଏସ୍ ଉପଦେଷ୍ଟା ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ନିଷ୍ପତି ଅନୁଯାୟୀ ଏଣିକି ପ୍ରତି ଏନ୍‌ଏସ୍‌ଏସ୍ ୟୁନିଟ୍ ର ସ୍ୱେଚ୍ଛାସେବୀ ସଂଖ୍ୟା ୫୦ରୁ ୧୦୦କୁ ବୃଦ୍ଧି କରାଯିବ । ସ୍ୱୟଂ ଶାସିତ ମହାବିଦ୍ୟାଳୟଗୁଡ଼ିକରେ ଏନ୍‌ଏସ୍‌ଏସ୍ କୁ ସକ୍ରିୟ କରାଯିବ ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୩/୦୫ (ନି.ପ୍ର): ଗତକାଲି ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ମାତ୍ର ଜଣେ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୩ଟି ଜିଲ୍ଲାରୁ ୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୭ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୩ ଜଣ, ସମ୍ବଲପୁର ଜିଲ୍ଲାରୁ ୨ ଜଣ ଓ ଷ୍ଟେଟପୁଲରୁ ୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୩୭୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୯, ୧୦୫ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୯୫ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଇଣ୍ଡୋନେସିଆର ବାଲିରେ ଅନୁଷ୍ଠିତ ପଞ୍ଚମ ବିଶ୍ୱ ପୁନଃନିର୍ମାଣ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ରଙ୍କ ସାରଗର୍ଭକ ଉଦ୍‌ବୋଧନ

ଭୁବନେଶ୍ୱର, ୨୩/୦୫ (ନି.ପ୍ର): ଇଣ୍ଡୋନେସିଆର ବାଲିରେ ଆୟୋଜିତ ପଂଚମ ବିଶ୍ୱ ପୁନଃ ନିର୍ମାଣ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଆଜି (୨୩।୫।୨୨) ଅନଲାଇନ ବ୍ୟବସ୍ଥାରେ ସାରଗର୍ଭକ ଉଦ୍‌ବୋଧନ ଦେଇଛନ୍ତି । ଏହି ସମ୍ମିଳନୀ ୟୁଏନ୍‌ଡିପି, ବିଶ୍ୱବ୍ୟାଙ୍କ ବିପର୍ଯ୍ୟୟ ଭୟ ଅପନୋଦନ ସଂକ୍ରାନ୍ତ ବୈଶ୍ୱିକ ମଂଚ ଜିପିଡିଆର୍‌ଆର ଓ ଇଣ୍ଡୋନେସିଆ ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଛି। ପ୍ରାୟ ଦୁଇଦଶନ୍ଧି ପୂର୍ବେ ଭାରତ ମହାସାଗରରେ ଘଟିଥିବା ପ୍ରଳୟଙ୍କରୀ ସୁନାମିର କ୍ଷୟକ୍ଷତି ଓ ଆଉ ଅନେକ ବଡ ପ୍ରାକୃତି ବିପତ୍ତି ସମ୍ପର୍କରେ ମନେ ପକାଇ ଡକ୍ଟର ମିଶ୍ର କହିଛନ୍ତି ଯେ ବିପତ୍ତି ବା ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ନୀତି ବେଶ୍ ଅନେକ ଦିନଧରି ଗୁରୁତ୍ୱ ପାଇ ଅନୁସୃତ ହେଉଛି। ତାଙ୍କ ଭାଷଣ ପ୍ରସଙ୍ଗରେ ସେ କହିଛନ୍ତି ଯେ ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟରେ ପାଞ୍ଚଟି ପ୍ରମୁଖ ବିଷୟ ଉପରେ ଗୁରୁତ୍ୱ ଦେବାକୁ ପଡିବ । ପ୍ରଥମଟି ହେଲା ଉତ୍ତମ ଫଳାଫଳ ପାଇଁ ନିର୍ମାଣ ପ୍ରୟାସ,ପ୍ରସ୍ତୁତି ଓ କାର୍ଯ୍ୟ ଉତ୍ତମ ହେବା ଉଚିତ । ଏହି ଉତ୍ତମ 'ବିଲ୍‌ଡ ବ୍ୟାକ୍ ବେଟର' ବ୍ୟବସ୍ଥାରେ କେବଳ ଉତ୍ତମ ଉପଯୋଗ ଅପେକ୍ଷା ଉତ୍କୃଷ୍ଟ ଫଳାଫଳ ଉପରେ ଗୁରୁତ୍ୱ ଦେବାକୁ ପଡିବ । ପାରିବାରିକ ସ୍ତରରେ ଆମେ ପୁନରୁଦ୍ଧାର ଉର୍ଦ୍ଧ୍ୱକୁ ଯାଇ ଗୋଷ୍ଠୀ ଓ ସାମୁଦାୟିକସ୍ତରରେ ଚିନ୍ତାକରିବା ଉଚିତ । କୋଭିଡ-୧୯ ମହାମାରୀ ଆମ ଆଭିମୁଖ୍ୟର ଏକ ନୂଆ ଦିଗ ଯୋଡିଛି । ଏହା ଆମକୁ ଜୀବିକା, ଦାରିଦ୍ର୍ୟ ଓ ଅସମାନତା ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ଶିଖାଇଛି । ଡକ୍ଟର ମିଶ୍ର ଆହୁରି କହିଛନ୍ତି ଯେ ପୁନରୁଦ୍ଧାର ଓ ପୁନଃନିର୍ମାଣରେ ପ୍ରଭାବିତ ଲୋକଙ୍କ ହାତରେ ଏଜେନ୍ସିର ଦାୟିତ୍ୱ ନ୍ୟସ୍ତ କରାଯିବା ଉଚିତ। ଭାରତରେ ୨୦୦୧ର ଗୁଜରାଟ ଭୂମିକମ୍ପ ପରେ ମାଲିକ ପରିଚାଳିତ ପୁନଃନିର୍ମାଣ ବା ଓଡିଆର୍ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଏହାର ଫଳାଫଳ ବେଶ ଭଲ ହୋଇଥିବା ଆମେ ଦେଖିଛୁ । ମାଲିକ ପରିଚାଳିତ ପୁନଃନିର୍ମାଣ ପଦ୍ଧତିକୁ ନିରନ୍ତର ବଢାଇବା ପାଇଁ ଏକ ଦୃଢ ବୈଶ୍ୱିକ ସାମୁଦାୟିକ ନୀତି ଓ ଅଭ୍ୟାସ ଗଢି ତୋଳିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଏହି ସାମୁଦାୟିକ ବ୍ୟବସ୍ଥା ଓ ଅଭ୍ୟାସରେ ସ୍ୱାଭାବିକଭାବେ ଆର୍ଥିକ, ଆନୁଷ୍ଠାନିକ, ବୈଷୟିକ ମେକାନିଜିମ୍ ରହିବା ଆବଶ୍ୟକ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନଃନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ସବୁ ସ୍ତରରୁ ସାହାଯ୍ୟ ସହଯୋଗ ଯୋଗାଣ ବ୍ୟବସ୍ଥା ଅପରିହାର୍ଯ୍ୟ ହେବା ଉଚିତ । ଏହା ହିଁ ତୃତୀୟ ବିଷୟ । ଭାରତରେ ପ୍ରଥମ ଥର ପାଇଁ ଦେଶର ବିପର୍ଯ୍ୟୟ ପରିଚାଳନା ନୀତିରେ ଅର୍ଥଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି । ପୁନରୁଦ୍ଧାର ଓ ପୁନଃନିର୍ମାଣ କାର୍ଯ୍ୟ ନିମନ୍ତେ ଆମେ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ସୃଷ୍ଟି କରିଛୁ ଓ ପାଂଚବର୍ଷ ମଧ୍ୟରେ ୭.୫ ବିଲିୟନ ଡଲାର ଅର୍ଥ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ଡକ୍ଟର ମିଶ୍ର ତାଙ୍କ ଉଦ୍‌ବୋଧନରେ ଯେଉଁ ଚତୁର୍ଥ ବିଷୟଟିକୁ ଗୁରୁତ୍ୱ ଦେଇଛନ୍ତି ତାହା ହେଲା ବିପତ୍ତି ପରବର୍ତ୍ତୀ ପୁନରୁଦ୍ଧାର ଓ ପୁନଃନିର୍ମାଣର ନୀତି ଏବଂ ପଦ୍ଧତି । ସେ କହିଛନ୍ତ ଯେ ଏହି କାମ ସ୍ୱଳ୍ପମିଆଦି ନ ହୋଇ ଦୀର୍ଘମିଆଦି ଏବଂ ଅତ୍ୟନ୍ତ ଦୃଢ ହେବା ଆବଶ୍ୟକ । ସରକାର ଓ ଅନ୍ୟାନ୍ୟ ଅନୁଷ୍ଠାନଗୁଡିକ ଦ୍ୱାରା ସମର୍ଥିତ ଏବଂ ପରିଚାଳିତ ପୁନରୁଦ୍ଧାର ଏବଂ ପୁନର୍ନିର୍ମାଣ କାର୍ଯ୍ୟକ୍ରମ ଶେଷ ହେବାକୁ ଚାରିରୁ ଛ'ବର୍ଷ ସମୟ ଲାଗିଥାଏ । ବାସ୍ତବରେ କିନ୍ତୁ ପ୍ରକୃତ ପୁନରୁଦ୍ଧାର କାମ ଅଧାପିଡି ପର୍ଯ୍ୟନ୍ତ ଚାଲେ ବୋଲି ସେ କହିଛନ୍ତି । ଶେଷରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ମିଶ୍ର କହିଛନ୍ତି ଯେ ଅନେକ ସମୟରେ ପୁନରୁଦ୍ଧାର ଓ ପୁନଃନିର୍ମାଣ କାର୍ଯ୍ୟରେ ଆମେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥାଉ । ଆମେ ଏହାକୁ 'ଭିଡର ଅତ୍ୟାଚାର' ବା 'ଟାଇରାନି ଅଫ୍ ରଶ୍' ବୋଲି ସାଧାରଣତଃ କହିଥାଉ । ଶୀଘ୍ର ପୁନରୁଦ୍ଧାର ପାଇଁ ପୁନଃନିର୍ମାଣକୁ ଉତ୍ତମଭାବେ କରିବା ସହଜ କାମ ନୁହେଁ। ଏଥିରେ ଭାରସାମ୍ୟ ରକ୍ଷା ଜରୁରୀ । ତଥାପି ଡ୍ରୋନ, ଭୂସ୍ଥାନିକ ଟେକ୍‌ନୋଲୋଜି ଓ ସେନ୍ସିଙ୍ଗ ଭଳି ନୂଆ ପ୍ରଯୁକ୍ତି ଏବଂ ଜ୍ଞାନକୌଶଳ ଦ୍ୱାରା ପୁନରୁଦ୍ଧାର ଓ ପୁନଃ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିବ ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଶରତ ପଟ୍ଟନାୟକ ନୂଆ....

ଉପନିର୍ବାଚନ ପରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି କରିବୁ। କଂଗ୍ରେସ କର୍ମୀ, ନେତା ଓ ଓଡିଶାର ଜନସାଧାରଣଙ୍କ ଆଶୀର୍ବାଦ ନେଇ ସମସ୍ତଙ୍କୁ ସାଥିରେ ନେଇ ବିଜେଡି -ବିଜେପି ବିରୁଦ୍ଧରେ ଲଢେଇ ଆରମ୍ଭ ହେବ ବୋଲି କହିଛନ୍ତି ଶ୍ରୀ ପଟ୍ଟନାୟକ। ସେହିପରି ଜଣେ ବିଧାୟକ ପିସିସି ସଭାପତି ହେବା ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏହା ଆମ କଂଗ୍ରେସ ପରିବାରର କଥା। ଆମେ ଆଲୋଚନା କରି ନିଷ୍ପତି ନେବୁ। ଦଳରେ କୌଣସି ନେତା ଅସନ୍ତୁଷ୍ଟ ନୁହେଁ। ହାଇକମାଣ୍ଡ ଯାହା ନିଷ୍ପତି ନେବେ ଆମେ ସମସ୍ତେ ମାନିବୁ ବୋଲି ସେ କହିଛନ୍ତି।

### ଦିଲ୍ଲୀରେ ପ୍ରବଳ ବର୍ଷା : ୧୧ ଡିଗ୍ରୀ ....

ଅଚାନକ ପ୍ରବଳ ବର୍ଷା ରାଜଧାନୀ ବାସିଙ୍କୁ ଆର୍ଶ୍ଚଯ୍ୟଚକିତ କରିଛି । ସେପଟେ ପାଣିପାଗରେ ପରିବର୍ତ୍ତନ କାରଣରୁ ବିମାନ ସେବା ମଧ୍ୟ ପ୍ରଭାବିତ ହୋଇଥିବା ଜଣାପଡିଛି । ସେହିପରି ହରିଆଣାରେ ମଧ ସମାନ ସ୍ଥିତି ଦେଖିବାକୁ ମିଳିଛି । ଗୁରୁଗ୍ରାମରେ ରାସ୍ତାରେ ଯାଉଥିବା ଏକ ଯାତ୍ରୀବାହି ବସ ଭିତରେ ବନ୍ୟା ପାଣି ପସି ଆସିଛି । ବସର ଅଧା ଅଂଶ ପାଣିରେ ଭର୍ତି ହୋଇ ରହିଥିବା ଦେଖିବାକୁ ମିଳିଛି । ସେପଟେ ଘରୋଇ ସଂସ୍ଥା କର୍ମଚାରୀଙ୍କୁ ଘରେ ରହିକାମ କରିବାକୁ ନିର୍ଦ୍ଦେଶ ଜାରି କରିଛି ଗୁରୁଗ୍ରାମ ଜିଲ୍ଲା ପ୍ରଶାସନ । ଆଗାମି ୨୪ ଘଂଟାରେ ପ୍ରବଳ ବର୍ଷାର ପୁର୍ବାନୁମାନ କରି ସର୍ତକ ସୂଚନା ଜାରି କରିଛି ପାଣିପାଗ ବିଭାଗ ।

### ଜାପାନରେ ପ୍ରଧାନମନ୍ତ୍ରୀ....

ଦେଖିବାକୁ ମିଳିଥିଲା । ସେପଟେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଖୁସି ପ୍ରକାଶ କରିଛନ୍ତି ଜାପାନରେ ରହୁଥିବା ପ୍ରବାସୀ ଭାରତୀୟ । ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରି ମୋଦି କହିଛନ୍ତି ଯେ ଭାରତର ବିକାଶ ଯାତ୍ରାରେ ଜାପାନର ଏକ ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ଦୁଇ ଦେଶ ପରସ୍ପରର ପ୍ରକୃତ ସହଯୋଗୀ ଓ ଉଭୟ ଦେଶ ମଧ୍ୟରେ ଆଧ୍ୟାତ୍ମିକତା ଓ ସହଯୋଗର ବନ୍ଧନ ରହିଛି । ସେହିପରି ପ୍ରବାସୀଙ୍କ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ସଂପ୍ରଦାୟ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ମଜବୁତ କରୁଛି । ବିଶ୍ୱ ସମସ୍ୟାର ସମାଧାନ ପାଇଁ ଭଗବାନ ବୁଦ୍ଧଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗ ଅନୁସରଣ କରିବା ଉଚିତ ବୋଲି କାର୍ଯ୍ୟକ୍ରମରେ ମୋଦି କହିଛନ୍ତି । ଏହାପରେ ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଓ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଡାଙ୍କ ସହ ଇଣ୍ଡୋ ପେସିଫିକ ଇକୋନୋମିକ ଫ୍ରେମୱାର୍କ କାର୍ଯକ୍ରମରେ ଯୋଗ ଦେଇଥିଲେ ।

## ସାହାଡ଼ା ସରପଞ୍ଚଙ୍କୁ ହତ୍ୟା ଧମକ

ବାସୁଦେବପୁର, ୨୩/୦୫ (ନି.ପ୍ର): ଭଦ୍ରକ ସଦର ବ୍ଲକ ଅନ୍ତର୍ଗତ ସାହାଡ଼ା ଗ୍ରାମ ପଞ୍ଚାୟତ ର ନବ ନିର୍ବାଚିତ ସରପଞ୍ଚ ମାଧବ ମଲିକ ଙ୍କୁ କିଛି ବିରୋଧୀ ଲୋକ ହତ୍ୟା ଧମକ ଦେଇଛନ୍ତି । ଏ ନେଇ ସରପଞ୍ଚ ଶ୍ରୀ ମଲିକ ସାବରଙ୍ଗ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ର ସରପଂଞ୍ଚ କୁ ନ ପଚାରି ପଂଚାୟତ ରେ ଥିବା ପୋଖରୀ ରୁ ମନ ଇଛା ମାଛ ଧରାଯାଇଛି । ଠିକ ଭାବେ ପୋଖରୀ ନିଲାମ ହୋଇନାହିଁ । ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ପୂର୍ବତନ ସରପଞ୍ଚଙ୍କ ସମୟରେ ଅନେକ ଦୁର୍ନୀତି ହୋଇଛି ବୋଲି ଅଭିଯୋଗ ହୋଇଛି । ଏହି ସବୁ ସମସ୍ୟା କୁ କେନ୍ଦ୍ର କରି ସାହାଡ଼ା ପଂଚାୟତ ରେ ଜନସାଧାରଣ ଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି । ଏଥି ପ୍ରତି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସରପଞ୍ଚ ଶ୍ରୀ ମଲିକ ଙ୍କ ଜୀବନ ପ୍ରତି ବିପଦ ରହିଛି । ଆଗାମୀ ଦିନରେ ଏହି ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଓ ଅନଶନ କରାଯିବ ବୋଲି ସରପଂଞ୍ଚ ଶ୍ରୀ ମଲିକ ଗଣ ମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି ।

## ସଫେଇ କର୍ମଚାରୀଙ୍କ ଗହଣରେ ଜଳେଶ୍ୱର ପୌର ପାଳ : ସଫେଇ କାର୍ଯ୍ୟ ତଦାରଖ

ଜଳେଶ୍ୱର, ୨୩/୫ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପାଳ ପ୍ରତୀପ କୁମାର ପ୍ରଧାନ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ ତଦାରଖ କରି ଆସୁଛନ୍ତି । ଆଜି ସେ ବିଭିନ୍ନ ସ୍ଥାନରେ ସଫେଇ କର୍ମଚାରୀଙ୍କ ସହିତ ରହି ସେମାନଙ୍କ ମନବଳ ସୁଦୃଢ କରିବା ସହିତ ସହରକୁ କିପରି ଆବର୍ଜନାମୁକ୍ତ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟର ଉପାନ୍ତ ଅଂଚଳରେ ଜଳେଶ୍ୱର ପୌର ପାଳିକାକୁ ସେ ଏକ ଆଦର୍ଶ ସହରରେ ପରିଣତ କରିବାକୁ ଶ୍ରୀ ପ୍ରଧାନ ଚେଷ୍ଟିତ ବୋଲି ଆଜି କହିଛନ୍ତି । କେବଳ ସେତିକି ନୁହେଁ ଜଳେଶ୍ୱର ସହରରୁ ଜଳ ନିଷ୍କାସନ ଓ ସୃଙ୍ଖଳିତ ସହର ଭାବେ ପରିଗଣିତ କରିବାଲାଗି ସେ ଏକ ମାଷ୍ଟର ପ୍ଲାନ କରିଛନ୍ତି ଓ ଆସନ୍ତା ୩୦ ତାରିଖରେ ଏଥିଲାଗି ରାଜ୍ୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହେବାକୁ ଯାଉଥିବା ସୂଚନା ଦେଇଛନ୍ତି ।

## ସୀତାମଣିଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

ରେମୁଣା, ୨୩/୦୫ (ନି.ପ୍ର): ନିକଟସ୍ଥ ନୂଆଗାଁରେ ସୀତାମଣି ଦାସଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସସ୍ଥାନରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସୁଧାଂଶୁ ଲେଖର ପରିଡ଼ା- ବିଧାୟକ ରେମୁଣା, ମୁଖ୍ୟବକ୍ତା କବି କାଳୀପଦ ପଣ୍ଡା- ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ, ବରେଣ୍ୟ ଅତିଥି ସରୋଜ କୁମାର ବେହେରା କାର୍ଯ୍ୟନିର୍ବାହୀ ଅଧିକାରୀ- କ୍ଷୀରଚୋରା ମନ୍ଦିର, ଡ. ଶ୍ୟାମସୁନ୍ଦର ପଣ୍ଡା, ଡ. ନରୋତ୍ତମ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ବରିଷ୍ଠ କବି ବିଜୟ କୁମାର ଦାସ, କବି ନିରଞ୍ଜନ ସାହୁ, ଇଂ ବିଦ୍ଧୁବେନ୍ଦୁ ପାତ୍ର, ଶୁଭେନ୍ଦ୍ର ମଙ୍ଗରାଜ, ବିକର୍ତ୍ତନ ନାୟକ, ଶିକ୍ଷାବତ୍ ବିଷ୍ଣୁପଦ ପଣ୍ଡା ପ୍ରମୁଖ ଯୋଗଦେଇ ସୀତା ଦେବୀଙ୍କ ଜୀବନର ମହନୀୟ ଗୁଣାବଳୀକୁ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୋଗେଶ ଚନ୍ଦ୍ର ବେହେରା, ଅରୁଣ କୁମାର ଜେନା, ଯୋଗେନ୍ଦ୍ରନାଥ ସିଂହ, ଉପେନ୍ଦ୍ର ପୁହାଣ, ବିଦ୍ୟାଧର ଜେନା, ବାସୁଦେବ ବେହେରା, ସନ୍ତୋଷ ଖଣ୍ଡା, କଳ୍ପନା ରାୟ, ସୁରେନ୍ଦ୍ର ଜେନା, କାର୍ତ୍ତିକ ମହାନ୍ତି, ପ୍ରଦୀପ କୁମାର ମିଶ୍ର, ଇପ୍‌ସିତା ସ୍ୱାଇଁ, ମୁକ୍ତିଲତା ଆଇଚ, ପ୍ରଭାକର ସାହୁ, ଅଭିମନ୍ୟୁ ଧିନ୍ଦା, ଅଜୟ ମହାଳିକ, ବୃନ୍ଦାବନ ବେହେରା, ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ଗର୍ଗପଦ ପଣ୍ଡା, ଶାନ୍ତିଲତା ମହାନ୍ତି, ଶ୍ରୀନାଥ ଦାସ, ରଘୁନାଥ ଦାସ, ସ୍ନେହଲତା ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନୀରବ ପାର୍ଥନା କରାଯାଇଥିଲା । ପଣ୍ଡିତ ଶଶିକାନ୍ତ ମିଶ୍ର ଗୀତାପାଠ, ସତ୍ୟଭାମା ମୁଦୁଲି ଅତିଥି ପରିଚୟ ଦେଇଥିବା ବେଳେ ଜ୍ୟେଷ୍ଠପୁତ୍ର ଡ. ଭାଗବତ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ ।



## ଶ୍ରମିକଙ୍କ ହାତ ଭାଙ୍ଗିଦେବା ଘଟଣାରେ ଅଭିଯୁକ୍ତ ଗିରଫ

ବସ୍ତା, ୨୩/୦୫ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମରେ ଟେଣ୍ଟ କାମ କରୁଥିବା ଜଣେ ଶ୍ରମିକ କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି କ୍ଷ ଏ ସଂକ୍ରାନ୍ତ ରେ ପୋଲିସ ୫୦/୨୨ ନଂ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଜହତା ଗ୍ରାମର ଅକ୍ଷୟ ପଲେଇଙ୍କ ଏକମାତ୍ର ପୁଅ ରବୀନ୍ଦ୍ର ପଲେଇ ଲଛମନଖୁଣ୍ଟା ଗାଁ ରେ ଜଣେ ବ୍ୟକ୍ତି ଙ୍କ ଘରେ ରାତିରେ ଟେଣ୍ଟ କାମ କରୁଥିଲେ । ସେହି ଗ୍ରାମର ବୁକା ଖାଁ ଙ୍କ ପୁଅ ଜମୁ ଖାଁ ଆସି ରବୀନ୍ଦ୍ର ଙ୍କୁ ରାତିରେ କାହିଁକି କାମ ହେଉଛି ବୋଲି ପଚାରିଥିଲେ । ଦିନରେ ପ୍ରବଳ ଖରା ଯୋଗୁଁ ରାତିରେ ଟେଣ୍ଟ କାମ ହେଉଛି ବୋଲି କହିବା ସତ୍ତ୍ୱେ ଜମୁ ଖାଁ ଏକ ଶାବଳ ରେ ରବୀନ୍ଦ୍ର ଙ୍କ ମୁଣ୍ଡ କୁ ଲକ୍ଷ୍ୟ କରି ମାରିଥିଲେହେଁ ଶାବଳ ଟି ତାଙ୍କ ହାତରେ ବାଜିଥିଲା । ଫଳରେ ଶ୍ରମିକ ଜଣଙ୍କର ହାତ ଭାଙ୍ଗି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରାଇଥିଲେ। ଥାନା ରେ କେଶ କଲେ ଅଭିଯୁକ୍ତ ଜଣକ ତାଙ୍କୁ ଜୀବନ ରୁ ମାରିଦେବେ ବୋଲି ଧମକ ଦେଇଥିଲେ। ତଦନ୍ତ ପରେ ଏ ଏସ ଆଇ ସବ୍ୟସାଚୀ ମହାନ୍ତି ସଦଳେବଳେ ରବିବାର ଚଢ଼ାଉ କରି ଅଭିଯୁକ୍ତ କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି ।

## ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାସୁଦେବପୁର,୨୩/୦୫ (ନି.ପ୍ର): ବାସୁଦେବପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ହୋଟେଲ ସ୍ନେହା ରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜାମୁଝଡ଼ି ରୁ ଧାମରା ରାସ୍ତା ର ସମ୍ପ୍ରସାରଣ ଠିକ ସମୟରେ ସରୁନାହିଁ । ରାସ୍ତା କାର୍ଯ୍ୟ ଉନ୍ନତ ମାନର ହେଉନାହିଁ । ବାସୁଦେବପୁର ବଜାର ରେ ଯେଉଁ କାର୍ଯ୍ୟ ହେଉଛି ସେଥିରେ ଜନ ସାଧାରଣଙ୍କ ଅସନ୍ତୋଷ ଦେଖାଦେଇଛି । ମୁକ୍ତା ଯୋଜନାରେ ଯେଉଁ ଅର୍ଥ ରାଜ୍ୟ ସରକାରଙ୍କ ତରଫରୁ ଆସିଛି ତାହା ଠିକ ଭାବେ ଏଠାରେ ଶାସକ ଦଳ କରୁନାହାନ୍ତି । କୋଟି କୋଟି ଟଙ୍କା ହଡପ କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି । ଆଗାମୀ ଦିନରେ ଏହି ସମସ୍ୟା ର ସମାଧାନ ନ ହେଲେ କଂଗ୍ରେସ ଆନ୍ଦୋଳନ ଓ ଅନଶନ କରିବ ବୋଲି ଚେତାବନୀ ଦେଇଛି । ଏହି ପ୍ରେସ ମିଟ ରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଶୋକ ଦାସ, ବରିଷ୍ଠ ନେତା ଭକ୍ତ ରଂଜନ ପଟ୍ଟନାୟକ, ରମେଶ ଚନ୍ଦ୍ର ବଳ ଓ ଅନ୍ୟ ନେତୃବୃନ୍ଦ ଯୋଗ ଦେଇଥିଲେ ।




## ଚିନାବାଦାମ ଅମଳବେଳେ ସର୍ପ ଦଂଶନ : ଚାଷୀର ମୃତ୍ୟୁ

ଜଳେଶ୍ୱର, ୨୩/୫ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀକୂଳ ଗୋବରଘଟା ଗାଁର ମଣିତୋଷ ସାମଲ (୩୫) ଚିନାବାଦାମ କିଆରିରେ ମଂଜି ଅମଳ କରୁଥିବା ବେଳେ ଗତ ରବିବାର ଅପରାହ୍ନରେ ଏକ ସର୍ପ ଦଂଶନ କରିଥିଲା । ପରିବାର ଲୋକେ ଏହା ଜାଣିପାରି ଜଳେଶ୍ୱର ଜିକେଭଟର ହସ୍‌ପିଟାଲକୁ ଆଣିଥିଲେ । ସେଠାରୁ ବାଲେଶ୍ୱର ଅଣାଯାଇଥିଲେ ମଧ୍ୟ ତାର ମୃତ୍ୟୁ ଘଟିଥିଲା । ଜଣେ ଚାଷୀ ଶଷ୍ୟ ଅମଳ ବେଳେ ମୃତ୍ୟୁ ବରଣ କରିଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ସମାଜସେବୀ ଚନ୍ଦନ କର କୃଷି ବିଭାଗ ଓ ଜିଲାପାଳଙ୍କ ଠାରେ ଦାବି କରିଛନ୍ତି ।

## ରାଜ୍ୟପାଳଙ୍କ ଦ୍ୱାରା ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୨୩/୦୫ (ନି.ପ୍ର): ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ରାଜଭବନରେ ବରିଷ୍ଠ ଲେଖକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ପ୍ରଧାନଙ୍କ ତିନୋଟି ପୁସ୍ତକ ଲୋକାର୍ପିତ ହୋଇଯାଇଛି । ଲୋକାର୍ପିତ ପୁସ୍ତକ ମଧ୍ୟରେ ରହିଛି 'ଗାନ୍ଧୀ ଆସିଥିଲେ ଉତ୍କଳ ବୁଲି', 'କର୍ମଯୋଗୀର କରୁଣ କାହାଣୀ' ଓ 'ପିଲାଙ୍କ ହିତ କଥାମାଳା-୨' । ଉତ୍ସବରେ ରମାଶଙ୍କର ପଟ୍ଟନାୟକ , ସୁବ୍ରତ ଚୌଧୁରୀ, ଚିନ୍ତାମଣି ମିଶ୍ର, ସଞ୍ଜୟ ପାତ୍ର ଓ ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ବିଶିଷ୍ଟ କବି ରକ୍ଷକ ନାୟକ ଉପସ୍ଥିତ ଥିଲେ । ପ୍ରକଶଥାଉକି ଲେଖକଙ୍କ ଏଯାବତ୍ ଶତାଧିକ ପୁସ୍ତକ ପ୍ରକାଶିତ ହୋଇଛି ।

## ଭଣ୍ଡାରିପୋଖରୀ ଶିବିରରେ ୮୧ଟି ଜନାଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ଭଦ୍ରକ,୨୩/୦୫ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଆୟୋଜନ ନେଇ ପୂର୍ବ ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ ଗୃହରେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତ୍ରିଲୋଚନ ମାଝୀ ଏଥିରେ ଯୋଗ ଦେଇ ସମୁଦାୟ ୮୧ଟି ଅଭିଯୋଗର ଶୁଣାଣି କରିଛନ୍ତି । ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୬୦ଟି, ସି.ଏମ୍.ଆର୍.ଏଫ୍. ସମ୍ବନ୍ଧୀୟ ୧ଟି ଓ ସାମୂହିକ ସମସ୍ୟା ଭିତ୍ତିକ ୨୦ଟି ଅଭିଯୋଗ ଥିଲା । ଚିକିତ୍ସା ଜନିତ ସ୍ୱାସ୍ଥ୍ୟ ବିଭାଗ ସମ୍ବନ୍ଧୀୟ ୨ଟି, ୪/୫ମାସ ହେଲା ୧୨ବର୍ଷ ବୟସର ପିଲା ନିଖୋଜ ଥିବା ନେଇ ପୋଲିସ୍ ବିଭାଗୀୟ ୧ଟି ଅଭିଯୋଗ ସହ ସାମାଜିକ ସୁରକ୍ଷା ବିଭାଗରେ ଭତ୍ତା ମଞ୍ଜୁରୀ, ଭତ୍ତା ପ୍ରାପ୍ୟଟଙ୍କା ଆକାଉଣ୍ଟକୁ ଯାଇ ନଥିବା, ଜାଗା ଜବରଦଖଲ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ସହାୟତା, ରେସନକାର୍ଡ଼ ଓ ରେସନ ସାମଗ୍ରୀ ଉପଲବ୍ଧ ନେଇ ସୁବିଧା କରାଯିବା, ଶିକ୍ଷା ବିଭାଗରେ ସ୍କୁଲ ମିଶ୍ରଣ ନେଇ ସୃଷ୍ଟି ଅସୁବିଧା, ରାସ୍ତା ନିର୍ମାଣ, ବନ୍ୟା ସମସ୍ୟା ନେଇ ଜଳସେଚନ ବିଭାଗ ଦ୍ୱାରା ନଦୀବନ୍ଧ ବ୍ୟବସ୍ଥା ଆଦି ସମ୍ବନ୍ଧୀୟ ଅଭିଯୋଗ ଶିବିରରେ ଆଗତ ହୋଇଥିଲା । ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଧାମନଗର ଏସ୍.ଡ଼ି.ପି.ଓ. ବିଜୟ କୁମାର ମହାପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର, ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତି ସେଠୀ, ସହକାରୀ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା, ଭଣ୍ଡାରିପୋଖରୀ ବି.ଡ଼ି.ଓ. ଦେବଦତ୍ତ ଦାସ, ତହସିଲଦାର ସରୋଜ କୁମାର ନାୟକ ପ୍ରମୁଖ ଜିଲ୍ଲାପାଳଙ୍କ ସହ ଏହି ଶିବିରରେ ଯୋଗ ଦେଇଥିଲେ । ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ, ନବ ନିର୍ବାଚିତ ଜନ ପ୍ରତିନିଧି ଗଣମାଧ୍ୟମ ପ୍ରତିନିଧିମାନେ ଏହି ଶିବିରରେ ଉପସ୍ଥିତ ଥିଲେ ।

## ଆଜି ବ୍ରଜରାଜନଗରେ ମାରାଥନ ପ୍ରଚାର କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୩/୦୫ (ନି.ପ୍ର): ଆସନ୍ତା ୩୧ ତାରିଖ ଦିନ ବ୍ରଜରାଜନଗର ଉପ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି (ମଙ୍ଗଳବାର)କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ଅଂଚଳ ଗସ୍ତ କରି ପ୍ରଚାର କାର୍ଯ୍ୟ କରିବେ ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ସୂଚନା ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆସନ୍ତାକାଲି ଲଖନପୁର ବ୍ଲକର ଡୁନଡୁନ ଗ୍ରାମରୁ ପ୍ରଚାର କାର୍ଯ୍ୟ ଆରମ୍ଭ କରିବେ । ଏହା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଚାରପାଲି, କୁମାରବନ୍ଦ, ଡାଲଗାଁ, ବନ୍ଧବାହାଲ, ଅଧାପଡା, ବଗମୁଣ୍ଡା, କଦମଡିହି, ଜାମଗାଁ, କନକତୁରା ଦେଇ ବେଲପାହାଡ ମ୍ୟୁନିସିପାଲିଟିରେ ପ୍ରଚାର କରିବେ। ସଂଧ୍ୟାରେ ଶ୍ରୀ ପ୍ରଧାନ ବ୍ରଜରାଜନଗର ମ୍ୟୁନିସିପାଲିଟିରେ ଅନୁଷ୍ଠିତ ହେବାକୁ ଥିବା ରୋଡ ସୋ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।। ଗତ ଦୁଇ ଦିନ ହେଲା କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ଅଂଚଳ ଗସ୍ତ କରି ଦଳୀୟ ପ୍ରାର୍ଥିନୀ ଶ୍ରମତୀ ରାଧାରାଣୀ ପଣ୍ଡାଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟ କରୁଛନ୍ତି ।



## ଗୋଟିଏ ଦିନରେ ୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୩/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୩୭୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୧୦୫ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୯୫ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪ ଜଣ ସଂଗରୋଧରୁ ଓ ୩ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲାରେ ୧, ଖୋର୍ଦ୍ଧା ଜିଲ୍ଲାରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ସମ୍ବଲପୁର ଜିଲ୍ଲାରୁ ୨ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଷ୍ଟେଟ ପୁଲରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୭ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ଚେକ୍ ବାଉନସ କେଶରେ ଦୋଷୀକୁ ୧ବର୍ଷ ସଶ୍ରମ କାରାଦଣ୍ଡ ସହ ୩ ଲକ୍ଷ ଟଙ୍କାର ଜୋରିମାନା

ନୀଳଗିରି, ୨୩/୦୫ (ନି.ପ୍ର): ଏକ ଚେକ୍ ବାଉନସ କେଶର ବିଚାର କରି ନୀଳଗିରି ଏସ.ଡି.ଜେ.ଏମ. ଶ୍ରୀମତୀ ଇପ୍ସି ମହାନ୍ତି ଦୋଷୀକୁ ଏକ ବର୍ଷ କାରାଦଣ୍ଡ ସହ ୩ ଲକ୍ଷ ଟଙ୍କାର ଜୋରିମାନା କରିବା ସହ ଅନାଦେୟ ଦୋଷୀକୁ ଅଧିକୁ ତିନି ମାସ ସଶ୍ରମ କାରାଦଣ୍ଡ ନିଜ ରାୟରେ ଶୁଣାଇଛନ୍ତି । ସୂଚନା ଅନୁଯାଇ ନୀଳଗିରି ଡାକବଙ୍ଗଳା ନିକଟସ୍ଥ ରାଧାଶ୍ୟାମ ଟିମ୍ବର ଡିପୋର ମାଲିକ ପାର୍ବତୀ ସିଂହ ଙ୍କ କାଠ ଡିପୋରୁ ନୀଳଗିରି ଥାନା ଅଧିନସ୍ଥ କାହାଲିଆ ଚକ୍ରଧରପୁର ଶାସନର ଗୋପିନାଥ ପଣ୍ଡାଙ୍କ ପୁଅ କମଳାକାନ୍ତ ପଣ୍ଡା ନିଜ ଘର ପାଇଁ ୧୯୪୫୦୦ ଟଙ୍କାର କାଠ ନେଇଥିଲେ । ଏ ବାବଦକୁ ସେ ନୀଳଗିରି ଷ୍ଟେଟ୍ ବ୍ୟାଙ୍କର ୨ଟି ଚେକ୍ ଦେଇଥିଲେ । ମାତ୍ର ଶ୍ରୀ ପଣ୍ଡାଙ୍କ ବ୍ୟାଙ୍କ ଏକାଉଂଟରେ ଟଙ୍କା ଜମା ନ ଥିବାରୁ ଚେକ୍ ଦୁଇଟି ବାଉନ୍ସ ହୋଇଥିଲା । ଫଳରେ କାଠ ଡିପୋର ମାଲିକ ପାର୍ବତୀ ସିଂ ନୀଳଗିରି ଏସ.ଡି.ଜେ.ଏମ. କୋର୍ଟରେ ଏକ ଫାଇଲ କରିଥିଲେ । ଏହି କେଶରେ ସାକ୍ଷ୍ୟ ପ୍ରମାଣକୁ ଭିତି କରି ନୀଳଗିରି ମାନ୍ୟବର ଏସ.ଡି.ଜେ.ଏମ. ଶ୍ରୀମତୀ ଇପ୍ସି ମହାନ୍ତି ବିଚାର କରି କମଳାକାନ୍ତଙ୍କୁ ଏକବର୍ଷ ସଶ୍ରମ କାରାଦଣ୍ଡ ସହ ୩ଲକ୍ଷ ଟଙ୍କାର ଜୋରିମାନା ନିଜ ରାୟରେ ଘୋଷଣା କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୩ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି । ଆଜି ରାୟ ଶୁଣାଣି ପରେ ମୁଦାଲାଙ୍କୁ ଜାମିନ ନ ମିଳିବାରୁ ତାଙ୍କୁ ନୀଳଗିରି ଜେଲକୁ ପଠାଇ ଦିଆଯାଇଛି । ଉକ୍ତ କେଶକୁ ନୀଳଗିରିର ବରିଷ୍ଠ ସରକାରୀ ଆଇନଜୀବୀ ଦିଗାମ୍ବର ସ ପରିଚାଳନା କରିଥିଲେ ।




**'e' PROCUREMENT NOTICE REFERENCE - E.E . (A), MAYURBHANJ DIVISION, BARIPADA-01 2022-23**

NO. 667 DATE 21.05.2022

Bid documents consisting of work, Estimate cost, Cost of Tender Papers, EMD/ BID security Declaration, Time of Completion, Class of Contractors and the set of terms and conditions of contract and other necessary documents can be seen/downloaded from Govt. Website i.e . https://tendcrodisha.gov.in.

| | |
|---|---|
| 1. No. of works | :- 4 nos |
| 2. Estimate cost | :- varies from Rs. 121662.00 to Rs.514205.00 |
| 3. Period of Completion | :- 2 Calender months |
| 4. Date & time of availability of Of the bid documents | :- From Dt. 25.05.2022 at 8 am to Dt.03.06.2022 at- 1PM |
| 5. Last date & time receipt of Bids in the Portal | :- Dt.04.06.2022 at- 1PM |
| 6. Bids received online shall be opened on | :- Dt.06.06.2022 |
| 7. Name and address of the officer inviting Bids | :- Executive Engineer (Agit.), Mayurbhanj Division, Baripada |

Further details can be seen /downloaded from the procurement portal I.e. https//tendersodisha.gov.in

Executive Engineer (Agril.)
Mayurbhanj Division, Baripada

OIPR : 01474/11/0001/2223

ବାଲେଶ୍ୱର, ମଙ୍ଗଳବାର, ୨୪ ମଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଜିଲ୍ଲା ବ୍ରାହ୍ମଣ ସମିତି ବୈଠକ

ବାଲେଶ୍ୱର,୨୩/୦୫ (ନି.ପ୍ର): ଆସନ୍ତା ଜୁନ୍ ମାସ ୧୯ ତାରିଖ ପାଳିତ ହେବାକୁ ଯାଉଥିବା ଶତବାର୍ଷିକୀ ଉତ୍ସବ ପାଇଁ ଜିଲା ବ୍ରାହ୍ମଣ ସମିତି ପକ୍ଷରୁ ପ୍ରସ୍ତୁତି ବୈଠକ ଦାମୋଦରପୁରସ୍ଥିତ କାର୍ଯ୍ୟାଳୟରେ ସଭାପତି ଡା. ଶ୍ରୀଶ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଗୌରଚନ୍ଦ୍ର ଦାଶ ବିବରଣୀ ଓ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ସମିତି ଦ୍ୱାରା ଆସନ୍ତା ଜୁନ୍ ମାସରେ ପାଳିତ ହେବାକୁ ଥିବା ଶତବାର୍ଷିକୀ ଉତ୍ସବର ସୁପରିଚାଳନା ବାବଦରେ ଅଧିବାସ, ଯଜ୍ଞାନୁଷ୍ଠାନ ଓ ଉଦଯାପନୀ ଦିବସରେ ସଭାକାର୍ଯ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଦି କିପରି ସୁଚାରୁ ରୂପେ ପରିଚାଳିତ ହୋଇପାରିବ, କିଏ କେଉଁ ଦାୟିତ୍ୱରେ ରହିବେ ସେ ବିଷୟରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତି, ଶକ୍ତିପଦ ପଣ୍ଡା ଓ ଲକ୍ଷ୍ମୀଧର ମହାପାତ୍ର, କ୍ଷତିଶ୍ୱର ଦାଶ, ବୁଦ୍ଧିରାମ ପାଣିଗ୍ରାହୀ, ପ୍ରଦୀପ ମିଶ୍ର, ନିରାକାର ଦାଶ, ରାଧାକୃଷ୍ଣ ଆଚାର୍ଯ୍ୟ, କମଳାକାନ୍ତ ଦାଶ, ସରୋଜ ନାରାୟଣ ଷଡ଼ଙ୍ଗୀ ଓ ଭୃଗୁରାମ କର ଆଦି ବରିଷ୍ଠ ପଣ୍ଡିତମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ଉତ୍ଥାନ ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ ସହିତ ୧୦୮ଜଣ ବ୍ରାହ୍ମଣମାନଙ୍କ ଦ୍ୱାରା ଏକଲକ୍ଷ ୨୫ ହଜାର ଗାୟତ୍ରୀ ଜପ କରାଯିବାକୁ ସିଦ୍ଧାନ୍ତ ନିଆଯାଇଥିଲା। ଉଦ୍‌ଯାପନୀ ଦିବସରେ ଦିବା ୭ ଘଟିକା ଠାରୁ ଗାନ୍ଧୀସ୍ମୃତି ଭବନରେ ଆରମ୍ଭ ହୋଇ ସାରାଦିନ ସାଧାରଣ ସଭା, ମୁଖପତ୍ର ଲୋକାର୍ପଣ, ପ୍ରତିଭାଦୀପ୍ତ ପ୍ରଣମ୍ୟ ବେଦବିତ୍ ବ୍ରାହ୍ମଣମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆସରରେ ଶତବାର୍ଷିକ ସମାରୋହ ଅନୁଷ୍ଠିତ ହେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ପତି, କ୍ଷିତିଶ ଚନ୍ଦ୍ର ପଣ୍ଡା, ପ୍ରଦୀପ ଚକ୍ରବର୍ତ୍ତୀ ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଆଦି ବ୍ରାହ୍ମଣ ନାରାୟଣମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ବୈଦ୍ୟନାଥ ଆଚାର୍ଯ୍ୟ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନାଥ ଶିଶୁଙ୍କ ମୁହଁରେ ହସ ଫୁଟାଇବାକୁ ବିକ୍ରମ ପଣ୍ଡାଙ୍କ ନିଆରା ପ୍ରୟାସ



ବାଲେଶ୍ୱର,୨୩/୦୫ (ନି.ପ୍ର): ଆନାଥ ଆଶ୍ରମରେ ରହୁଥିବା ନିଆଶ୍ରା ଶିଶୁଙ୍କ ମୁହଁରେ ହସ ଫୁଟାଇବାକୁ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିଆରା କାର୍ଯ୍ୟ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛି। ସେ ଯେମିତି ଅନାଥାଶ୍ରମରେ ରହୁଥିବା ପିଲାଙ୍କୁ ନେଇ ସପିଙ୍ଗ ମଲରେ ସେମାନଙ୍କ ମନ ପସନ୍ଦର ଡ୍ରେସ କିଣାଇଥିଲେ, ଅନୁରୂପ ବାଲେଶ୍ୱରର ଯୁବ ସଂଗଠକ ବିକ୍ରମ ପଣ୍ଡା ଓ ତାଙ୍କର ସହଯୋଗୀମାନେ ଅନୁରୂପ ନୀତି ଆପଣେଇଛନ୍ତି। ଶ୍ରୀ ପଣ୍ଡା ସୋମବାର ସ୍ଥାନୀୟ କରୁଣା-ଗୌରୀ ଆନାଶ୍ରମରେ ରହୁଥିବା ୧୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସହରର ଏକ ସପିଙ୍ଗ ମଲକୁ ଆଣି ସେମାନଙ୍କ ଇଚ୍ଛାମୁତାବକ ଡ୍ରେସ କିଣିଦେଇଛନ୍ତି। ଏକକାଳୀନ ଏତେ ପିଲା ଗୋଟିଏ ପରେ ଗୋଟିଏ ଡ୍ରେସ ପସନ୍ଦ କରୁଥିବା ବେଳେ ଏହାକୁ ସେଠାରେ ମଲରେ ଥିବା ଅନ୍ୟାନ୍ୟ ଲୋକମାନେ ବି ସେଠାରେ ଭିଡ଼ ଜମାଇଥିଲେ। ଡ୍ରେସ ପସନ୍ଦ ବେଳେ ଏହି ନିଆଶ୍ରା ପିଲାଙ୍କ ମୁହଁରେ ବେଶ ଖୁସି ପରିଲକ୍ଷିତ ହୋଇଥିଲା। ଏତେବଡ଼ ମଲକୁ ଆସି ମନମୁତାବକ ଡ୍ରେସ କିଣିବାର ସୁଯୋଗ ମିଳିଥିବାରୁ ପିଲାମାନେ ଖୁସୀର ଆତ୍ମହରା ହୋଇଯାଇଥିଲେ। ପରେ ଶ୍ରୀ ପଣ୍ଡା ସେମାନଙ୍କୁ ରେଷ୍ଟୁରାଣ୍ଟରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ଖୁଆଇଥିଲେ। ଜୀବନରେ ପ୍ରଥମ ଥର ପାଇଁ ଏଭଳି ସ୍ଥାନକୁ ଆସିଥିବାରୁ ସେମାନେ ବେଶ ଆନନ୍ଦିତ ବୋଲି ପିଲାମାନେ କହିଥିଲେ। ଅନ୍ୟପକ୍ଷରେ ଶ୍ରୀ ପଣ୍ଡା ପିଲାଙ୍କ ଖୁସିକୁ ଦେଖି ଖୁବ ଆତ୍ମସନ୍ତୋଷ ପାଇଥିବା କହିଛନ୍ତି। ବାପ, ମାଆ ଓ ପରିବାର କ'ଣ ଜାଣି ନଥିବା ଏହି ଶିଶୁଙ୍କ ମୁହଁରେ ହସ ଫୁଟାଇବାରେ ହିଁ ଜୀବନର ସାର୍ଥକତା ଥାଏ ବୋଲି ସେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଶ୍ରୀ ପଣ୍ଡାଙ୍କର ଏତାଦୃଶ କାର୍ଯ୍ୟକୁ ମଲରେ ଥିବା ଲୋକଙ୍କ ସମେତ ବିଭିନ୍ନ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି।

# ଭଦ୍ରକ ଜିଲ୍ଲାସ୍ତରୀୟ ଯୋଗ ଅଲିମ୍ପିଆଡ ଉଦ୍‌ଘାଟିତ




ଭଦ୍ରକ, ୨୩/୦୫ (ନି.ପ୍ର): ବିନ୍ଦୁମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ଯୋଗ ଅଲିମ୍ପିଆଡ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ କପିଳେନ୍ଦ୍ର ମିଶ୍ର ଯୋଗଦାନ କରି, ଯୋଗ ଶିବିରକୁ ଉଦ୍‌ଘାଟନ କରି ଯୋଗ ଜୀବନ ଆନନ୍ଦର ଏକ ଶ୍ରେଷ୍ଠ ମାଧ୍ୟମ ବୋଲି ମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ମାୟାଧର ସାହୁ ଯୋଗଦାନ କରି ଯୋଗ ଛାତ୍ରଛାତ୍ରୀମାନଙ୍କ ପାଇଁ ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଚକ୍ରଧର ମଲ୍ଲିକ ଯୋଗଦାନ କରି ଯୋଗ ଉପରେ ମତ ରଖିଥିଲେ। ଶାରୀରିକ ଶିକ୍ଷା ନୀରିକ୍ଷକ ଶ୍ରୀ ରାଜେନ୍ଦ୍ର କୁମାର ବିଶ୍ୱାଳ ବିବରଣୀ ପାଠ କରିଥିଲେ। ବିନ୍ଦୁମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସାହୁ ଯୋଗ ଶିବିରରେ ପୌରୋହିତ୍ୟ କରି ଯୋଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଅବ୍ୟର୍ଥ ଔଷଧ ବୋଲି କହିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀ ହେମନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସଙ୍ଗୀତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀ ରାଜେନ୍ଦ୍ର ନାୟକ, ପ୍ରଭାତ କୁମାର ଜେନା, ଅଶୋକ ପଣ୍ଡା, ଦେବାଶୀଷ ଆଚାର୍ଯ୍ୟ, ବିଜୟ ସାମଲ, ଅମୁଲ୍ୟ ମହାପାତ୍ର, ମାନସ ନାୟକ, ପବିତ୍ର ମୋହନ ଦାସ ଶିକ୍ଷୟିତ୍ରୀ ବିକଶି ସାହୁ, ସୁପ୍ରଭା ରାଉତ, ମାନସୀ ପ୍ରଧାନ ପ୍ରମୁଖ ବିଚାରକ ଭାବେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟ ସ୍ତରକୁ ନିର୍ବାଚିତ କରିବାରେ ସାହାଯ୍ୟ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀ ଜିତେନ୍ଦ୍ର କୁମାର ସାହୁ, ମନୋଜ ଶଙ୍ଖୁଆ, ଗିରିଜା ରମଣ ଜେନା, ଗଂଗାଧର ସେଠୀ, ପୟୋଧର ମହାଳିକ, ରାଜେନ୍ଦ୍ର ନାୟକ, ଦିଲ୍ଲିପ କୁମାର ରାଉତ ବ୍ଲକସ୍ତରୀୟ ସମ୍ପାଦକ ରୂପେ ପ୍ରତିନିଧିତ୍ୱ କରି ଶିବିରକୁ ସରସ ସୁନ୍ଦର କରିବାରେ ସାହାଯ୍ୟ କରିଥିଲେ। ଏହି ଯୋଗ ଶିବିରରେ ଭଦ୍ରକ ଜିଲ୍ଲାରୁ ୧୧୨ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗୀ ଭାବେ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୬ ପ୍ରତିଯୋଗୀ ରାଜ୍ୟସ୍ତରକୁ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ପ୍ରତିଯୋଗୀମାନେ ମେ ମାସ ୨୮ ରୁ ୩୦ ତାରିଖ ମଧ୍ୟରେ ଭୁବନେଶ୍ୱରର ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଶ୍ରୀଯୁକ୍ତ ତପନ ମିଶ୍ରଙ୍କ ସହ ଜିଲ୍ଲାର ଅନେକ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦାନ କରି ପରିଚାଳନାରେ ସହଯୋଗ କରିଥିଲେ।

# ଉଦଳାରେ ଉଦ୍‌ଘାଟିତ ହେଲା ନବ ନିର୍ମିତ ଶ୍ମଶାନ ଘାଟ



ଉଦଳା, ୨୩/୦୫ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳପରିଷଦ ତରଫରୁ ୱାର୍ଡ଼ ନଂ- ୧୧ ଠାରେ ନବ ନିର୍ମିତ ଶ୍ମଶାନଘାଟ ଆଜି ମଇ ୨୩ ତାରିଖ ସୋମବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ଉଦ୍‌ଘାଟନ ଉତ୍ସବରେ ମୟୂରଭଞ୍ଜ ଜିଲ୍ଲାପାଳ ବିନିତଭରଦ୍ୱାଜ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନାଲି ଫିତା କାଟି ୫୩ଲକ୍ଷ ୧୪ ହଜାର ଟଙ୍କା ବିନିମୟରେ ନିର୍ମିତ ହୋଇଥିବା ଶ୍ମଶାନଘାଟକୁ ଉଦ୍‌ଘାଟନ କରିଥିଲେ । ଉକ୍ତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର ମଡ୍ରେଇ, ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟଙ୍କ ସମେତ ସମସ୍ତ କାଉନସିଲର ବୃନ୍ଦ ଉପସ୍ଥିତ ଥିଲେ । ପ୍ରଥମେ ସମସ୍ତ ଅତିଥିଙ୍କୁ ମାଦଳର ତାଳେ ତାଳେ ଏକ ଶୋଭାଯାତ୍ରାର ଶ୍ମଶାନଘାଟ ପର୍ଯ୍ୟନ୍ତ ଅଣା ଯାଇଥିଲା । ଏଠାରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନେ ଶଙ୍ଖ, ଘଣ୍ଟା ବଜାଇ ଅତିଥି ମାନଙ୍କୁ ପୁଷ୍ପମାଲ୍ୟ ଓ ଚନ୍ଦନ ଅର୍ପଣ ପୂର୍ବକ ବନ୍ଦାପନା କରିଥିଲେ। ପରେ ସମସ୍ତ ଅତିଥି ନଡ଼ିଆ ଫଟାଇଥିଲେ । ଘଟଣାରୁ ଜଣାଯାଏ ଉଦଳା ବିଜ୍ଞାପିତ ଅଞ୍ଚଳ ଘୋଷିତ ହେବାର ଦିର୍ଘ ୪୯ ବର୍ଷ ବିତି ଗଲାଣି । ଅଥଚ ଏଠାରେ ସ୍ଥାୟୀ ଶ୍ମଶାନଘାଟଟିଏ ନଥିଲା । ଫଳରେ ଲୋକେ ବାଧ ହୋଇ ଏଣେ ତେଣେ ଶବଦାହ କରୁଥିଲେ । ଏହାପରିବେଶ ଉପରେ ବହୁ କୁ ପ୍ରଭାବ ପକାଉଥିଲା । ତେଣୁ ସ୍ଥାୟୀ ଶ୍ମଶାନ ଘାଟ ଟିଏ ନିର୍ମାଣ ପାଇଁ ଦାବୀ ଜଣାଇ ପ୍ରମିଳା ପଣ୍ଡା ଗତ ୨୦୧୦ ମସିହା ଜୁନ ମାସ ୨୬ ତାରିଖ ଦିନ ଉଦଳାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣୀ ସମୟରେ ଲିଖିତ ଜଣାଇଥିଲେ । କିନ୍ତୁ ଏଥିରେ କୌଣସି ସୁଫଳ ନମିଳିବାରୁ ଗତ ୨୦୧୨ ମସିହା ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସ ପାଳନ ଦିନ ଉଦଳା ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଘଟଣାସ୍ଥଳରେ ସେ ସମୟରେ ଏଠାରେ କାର୍ଯ୍ୟରତ ଉପଜିଲ୍ଲାପାଳ ସରୋଜ କୁମାର ସେଠୀ ପହଞ୍ଚି ଶ୍ମଶାନଘାଟ ନିଶ୍ଚିତ ନିର୍ମିତ ହେବ ବୋଲି ଲିଖିତ ପ୍ରତିଶୃତି ଦେବା ସହିତ ଧାରଣାରୁ ଓହରିଯିବା ପାଇଁ ଅନୁରୋଧ କରିଥିଲେ । ଯାହାର ବାସ୍ତବ ଚିତ୍ର ଆଜିର ଶ୍ମଶାନଘାଟ ବୋଲି ସାଧାରଣରେ ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟି ଯାଇଛି ।

## ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୩/୦୫ (ନି.ପ୍ର): ବିଶିଷ୍ଟ ବାମପନ୍ଥୀ ନେତା ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଲେଖିଛନ୍ତି ଯେ ଭୁବନେଶ୍ୱରର ପୂର୍ବତନ ସାଂସଦ ତଥା ବର୍ଷୀୟାନ ରାଜନେତା ଶିବାଜୀ ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

# ପାଦଚଲା ପୋଲ ନିର୍ମାଣ ସ୍ଥାନ ପରିବର୍ତ୍ତନ ପାଇଁ ଆଦିବାସୀଙ୍କ ଗୁହାରୀ

ବାଲେଶ୍ୱର,୨୩/୦୫ (ନି.ପ୍ର): ଗାଁ ନାଳ ଉପରେ ଏକ ପାଦଚଲା ପୋଲ ନିର୍ମାଣ ଆଳରେ ଗରିବ ଆଦିବାସୀଙ୍କ ଘର ଭାଙ୍ଗିବା ନେଇ ଠିକାଦାର ଓ ଆସାମାଜିକ ବ୍ୟକ୍ତିଙ୍କ ଉଦ୍ୟମକୁ ବିରୋଧ କରି ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି ମୁଳଣାନଗର ଅଞ୍ଚଳର ଏକାଧିକ ଆଦିବାସୀ ପରିବାର। ସେମାନଙ୍କ ଅଭିଯୋଗ ଅନୁସାରେ ଏହି ଅଞ୍ଚଳରେ ଥିବା କାଙ୍କଡ଼ଯୋଡ଼ି ନାଳରେ ଏବେ ଏକ ପଦଚଲା ପୋଲ ତିଆରି ହେଉଛି। ପୋଲ ତିଆରି ପାଇଁ ପ୍ରଶସ୍ତ ସ୍ଥାନ ଥିବା ସତ୍ତ୍ୱେ ଠିକାଦାର ଓ ସ୍ଥାନୀୟ କିଛି ଅସାମାଜିକ ବ୍ୟକ୍ତି ସେଠାରୁ ଆଦିବାସୀ ପରିବାରଙ୍କୁ ଉଠାଇବାକୁ ଉଦ୍ୟମ କରୁଥିବା ସେମାନେ ଆରୋପ କରିଛନ୍ତି। ସେମାନଙ୍କ ଘରକୁ ଭାଙ୍ଗିବା ସହ ଅନ୍ୟତ୍ର ଚାଲିଯିବା ପାଇଁ ଏହି ଠିକାଦାର ଓ ସ୍ଥାନୀୟ ଲୋକେ ଧମକ ଦେଉଥିବା ସେମାନେ କହିଛନ୍ତି। ପାଦଚଲା ପୋଲ ନିର୍ମାଣକୁ ସେମାନେ ସ୍ୱାଗତ କରୁଥିଲେ ବି ନାଳ ପାର୍ଶ୍ୱରେ ଥିବା ପ୍ରଶସ୍ତ ଜାଗାର ଆଦିବାସୀ ବସ୍ତିଠାରୁ କିଛି ଦୂରର ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ଜାଗ୍ରତ ନାରୀ ସଂଘ କର୍ମକର୍ତ୍ତାଙ୍କ ସହଯୋଗରେ ଏହି ଆଦିବାସୀ ପରିବାରମାନେ ସୋମବାର ଜିଲାପାଳଙ୍କୁ ସାକ୍ଷାତ ସହ ପୋଲ ନିର୍ମାଣ ସ୍ଥାନ ପରିବର୍ତ୍ତନ ପାଇଁ ନେହୁରା ହୋଇଛନ୍ତି। ଏନେଇ ଏକ ଆପତ୍ତି ପତ୍ର ସେମାନେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଆପତ୍ତି ପତ୍ର ପ୍ରଦାନ ବେଳେ ମାନସ ସୋରେନ, ଶ୍ୟାମସୁନ୍ଦର ହେମ୍ବ୍ରମ, ରବି ମୁର୍ମୁ, ଜିତୁ ମୁର୍ମୁ, ଗୋପୀନାଥ ସୋରେନ, ପୂଜା ହେମ୍ବ୍ରମ, ମିଲି ହେମ୍ବ୍ରମ, ସୀମା ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇସିଆଇସିଆଇ ଫାଉଣ୍ଡେସନ ତରଫରୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ଏକ ନୂତନ ଆମ୍ବୁଲାନ୍ସ ପ୍ରଦାନ



ବାରିପଦା, ୨୩/୦୫ (ନି.ପ୍ର): ଆଇସିଆଇସିଆଇ ଫାଉଣ୍ଡେସନ ଓ ଆଇସିଆଇସିଆଇ ବ୍ୟାଙ୍କ ବାରିପଦା ତରଫରୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଜରିଆରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଏକ ନୂତନ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରଠାରେ ଆଇସିଆଇସିଆଇ ବ୍ୟାଙ୍କ ବାରିପଦା ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୟୂରଭଞ୍ଜ ବିନୀତ ଭରଦ୍ୱାଜ ପତାକା ଦେଖାଇ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିବା ସହିତ ଆମ୍ବୁଲାନ୍ସଟିକୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ବିଭାଗ ତତ୍ତ୍ୱାବଧାନରେ ଜିଲ୍ଲାରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ହସ୍ତାନ୍ତର କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପିଡି,ଡିଆରଡିଏ ମୟୂରଭଞ୍ଜ ପି. ଅନ୍ୱେଷା ରେଡ୍ଡି, ଭାପ୍ରସେ, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ଏଡିଏମଓ ମେଡିକାଲ ଡାକ୍ତର ନିହାର ରଞ୍ଜନ ଦାଶ, ଆଇସିଆଇସିଆଇ ବ୍ୟାଙ୍କର ଆଂଚଳିକ ମୁଖ୍ୟ ମାନସ ସାହା, ବ୍ୟାଙ୍କର ଆଂଚଳିକ ମୁଖ୍ୟ (ଗଭର୍ଣ୍ଣମେଣ୍ଟ ବ୍ୟାଙ୍କିଙ୍ଗ) ମନୋଜ ଦାସ, ମୁଖ୍ୟ ପ୍ରବନ୍ଧକ ଅଂଶୁମାନ ମହାନ୍ତି, ଡାକ୍ତର ଜ୍ଞାନ ରଞ୍ଜନ ମହାନ୍ତି, ଜିଲ୍ଲା ପ୍ରବନ୍ଧକ ଶୁଭ୍ରଜିତ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ ।

# ପଂଚଲିଙ୍ଗେଶ୍ୱର ପୀଠରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ



ନୀଳଗିରି, ୨୩/୦୫ (ନି.ପ୍ର): ଉତର ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ପଂଚଲିଙ୍ଗେଶ୍ୱର ପୀଠ ତଥା ଆଖପାଖ ଅଂଚଳରେ ପଂଚଲିଙ୍ଗେଶ୍ୱର ଦୋକାନୀ ଓ ଯାତ୍ରୀ ସୁରକ୍ଷା କମିଟି ଆନୁକୂଲ୍ୟରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁଯାଇ ଶୈବପୀଠକୁ ପ୍ରତିଦିନ ଶହ ଶହ ଭକ୍ତ ଆସି ବାବା ପଂଚଲିଙ୍ଗେଶ୍ୱରଙ୍କ ଦର୍ଶନ କରିଥାଆନ୍ତି । ଫଳରେ ଭକ୍ତମାନଙ୍କ ଦ୍ୱାରା ପଲିଥିନ ପ୍ଲାଷ୍ଟିକ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଦ୍ୱାରା ପରିବେଶ ପ୍ରଦୂଷଣ ହୋଇଥାଏ । ଶୈବପୀଠଟି ଅଭୟାରଣ୍ୟ ନିକଟବର୍ତ୍ତୀ ଅଂଚଳ ହୋଇଥିବାରୁ ବହୁ ବନ୍ୟଜନ୍ତୁ ମଧ୍ୟ ଏହି ପ୍ରଦୂଷଣର ଶିକାର ହୋଇଥାଆନ୍ତି । ଏଣୁ ପରିବେଶ ସୁରକ୍ଷା ପାଇଁ ଗଠିତ ଦୋକାନୀ ଓ ଯାତ୍ରୀ ସୁରକ୍ଷା କମିଟିର ମୁଖ୍ୟ ପୃଷ୍ଠପୋଷକ ପରିବେଶବିତ୍ ମନୋରଂଜନ ଦାସଙ୍କ ନେତୃତ୍ୱରେ ବହୁ ସଦସ୍ୟ ବିଭିନ୍ନ ସ୍ଥାନରେ ସଫେଇ କରିବା ସହିତ ଆବର୍ଜନାକୁ ପୋତିବା ସହିତ ପରିବେଶ ସୁରକ୍ଷା ପାଇଁ ଯାତ୍ରୀମାନଙ୍କୁ ସଚେତନ କରି ଥିଲେ । ଆଗାମୀ ଦିନରେ ଏହି ଭଳି ବହୁଜନହିତକର କାର୍ଯ୍ୟହାତକୁ ନେବା ସହ ପଂଚଲିଙ୍ଗେଶ୍ୱର ପୀଠରେ ଯାତ୍ରୀମାନଙ୍କୁସୁରକ୍ଷା ଦେବା ପାଇଁ ଦୃଢ଼ ପ୍ରତିବଦ୍ଧ ବୋଲି କମିଟିର କର୍ମକର୍ତ୍ତା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଯାତ୍ରୀ ସୁରକ୍ଷା କମିଟିର ସଭାପତି ସୁରେନ୍ଦ୍ର ଦାସ, ସଂପାଦକ ସିଦ୍ଧାର୍ଥ ସେଠୀ, ରମଣୀ ରଂଜନ ଦାସ, ଗୌତମ ବେଜ, ପ୍ରଶାନ୍ତ ବିଶ୍ୱାଳ, ରଂଜନ ପରିଡ଼ା, ବାସୁଦେବ ଜେନା, ବିନୋଦ ସେଠୀ, ଗୋବିନ୍ଦ ଦାସ, ମନୋଜ ପଣ୍ଡା, ଅନିଲ ସେଠୀ, କରୁଣାକର ବେହେରା, କମଳାକାନ୍ତ ସେଠୀ, ରାଜେନ୍ଦ୍ର ବେହେରା, ସନ୍ତୋଷ ବୀରକ, ଶଙ୍କର୍ଷଣ ଜେନା, ଦିବାକର ସ୍ୱାଇଁ, ହରିହର ସେଠୀ, ରାଜେଶ ମହାପାତ୍ର, ଦାମୀଦର ଲେଙ୍କା ସିତାନାଥ ପାତ୍ର, ସୁକାନ୍ତୀ ସେଠୀ, ସନାତନ ସେଠୀ, ଭିମ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ପଥଚାରୀଙ୍କୁ ଦହିସର୍ବତ ବଣ୍ଟନ

ବାଲେଶ୍ୱର,୨୩/୦୫ (ନି.ପ୍ର): 'ସହାୟକ' ଓ 'ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ'ର ମିଳିତ ସହଯୋଗରେ ଜିଲାପାଙ୍କ ଫାଟକ ପାର୍ଶ୍ୱରେ ଗତ ୫୩ ଦିନ ଧରି ପାନୀୟ ଜଳଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ସୋମବାରଦିନ ଦର୍ଜିପାଖରୀ ଅଞ୍ଚଳର ମହିଳା ଯୋଗ ଶିବିରର ସଦସ୍ୟାମାନେ ଏହି ଜଳଦାନ କେନ୍ଦ୍ରରେ ସୋମବାର ଦହିସର୍ବତ ବଣ୍ଟନ କରିଥିଲେ। ଜଳଦାନ କେନ୍ଦ୍ର ପରିଚାଳନା କରୁଥିବା ଦୁଇ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ପୂର୍ବତନ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ଓ ବର୍ତ୍ତମାନର ସଭାପତି ଇଂ. ବନମାଳୀ ନାୟକ ଏହି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଜଳଦାନ କେନ୍ଦ୍ରରେ ତୃଷାର୍ତ୍ତ ପଥଚାରୀମାନଙ୍କୁ ଦହିସର୍ବତ ବଣ୍ଟନରେ ମହିଳା ଯୋଗ ସଂଗଠନ ସହଯୋଗ ବେଶ ପ୍ରଶଂସନୀୟ ବୋଲି ସେମାନେ କହିଥିଲେ। ଯୋଗଗୁରୁ ସୁଜିତ୍ କୁମାର ଜେନାଙ୍କ ସମେତ କୁସୁମ ପାଣିଗ୍ରାହୀ, ମାନସୀ ଦାସ, ଅର୍ଚ୍ଚନା କର, ସୁପ୍ରଭା ପଣ୍ଡା, ରେଣୁକା ଜେନା, ପ୍ରମୁଖ ପଥଚାରୀମାନଙ୍କୁ ଦହିସର୍ବତ ବଣ୍ଟନ କରିଥିଲେ।

## ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ସିପିଆଇର ଶୋକ

ଭୁବନେଶ୍ୱର, ୨୩/୦୫ (ନି.ପ୍ର): ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ପ୍ରଖ୍ୟାତ ନେତା, ସିପିଆଇ(ଏମ୍)ର ପୂର୍ବତନ ରାଜ୍ୟ ସମ୍ପାଦକ ଓ ପୂର୍ବତନ ସାଂସଦ ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଓଡ଼ିଶା ରାଜ୍ୟ ପରିଷଦ ଗଭୀର ଶୋକ ପ୍ରକାଶ କରିଛି। କମ୍ରେଡ଼ ଶିବାଜୀ ପଟ୍ଟନାୟକ ଥିଲେ ଓଡ଼ିଶାର ଖଟିଖିଆ ମେହନତୀ ମଣିଷ ବିଶେଷକରି ଶ୍ରମିକ ଶ୍ରେଣୀର ଅନମନୀୟ ଯୋଦ୍ଧା। ଭାରତୀୟ ପାର୍ଲାମେଂଟରେ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ସେ ସ୍ୱର ଉତୋଳନ କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ସଂଗ୍ରାମୀ ନେତାଙ୍କୁ ହରାଇଲା ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ।

# ଶିକ୍ଷକ ସହଦେବ ବେହେରାଙ୍କୁ ମିଳିଲା 'ସନ୍ଥ ଭୀମପ୍ରଭା ସାହିତ୍ୟ ଭାରତୀ ସମ୍ମାନ'

ବାରିପଦା, ୨୩/୦୫ (ନି.ପ୍ର): କଳା ଓ ସଂସ୍କୃତିର ପୀଠ କଟକ ସହରରେ ଅବସ୍ଥିତ ସାରଳା ଭବନଠାରେ ଚଳିତ ମାସ ତା.୧୫.୦୫.୨୦୨୨ରିଖ ରବିବାର ଦିନ 'ସନ୍ଥକବି ଭୀମଭୋଇ ସାହିତ୍ୟ ପରିଷଦ', ଅନୁଗୁଳ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାହିତ୍ୟ ଓ ଆଧ୍ୟାତ୍ମିକ ସମ୍ମିଳନୀରେ ଶ୍ରୀଯୁକ୍ତ ସହଦେବ ବେହେରାଙ୍କୁ ରାଜ୍ୟସ୍ତରୀୟ 'ସନ୍ଥ ଭୀମପ୍ରଭା ସାହିତ୍ୟ ଭାରତୀ ସମ୍ମାନ- ୨୦୨୨' ରେ ସମ୍ମାନୀତ କରାଯାଥିଲା । ଅନୁଷ୍ଠାନର ରାଜ୍ୟ ସଭାପତି ଶ୍ରୀମତୀ ଗାୟତ୍ରୀ ସିଂହ ଓ ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ସାମନ୍ତରାୟ ଓ ଅନ୍ୟାନ୍ୟ ବରେଣ୍ୟ ଅତିଥିଙ୍କ ଗହଣରେ ଶ୍ରୀଯୁକ୍ତ ବେହେରାଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀଯୁକ୍ତ ସହଦେବ ବେହେରା ବୃତ୍ତିରେ ଶିକ୍ଷକ ହେଲେ ହେଁ ସେ ଏକାଧାରରେ ଜଣେ କବି, ଲେଖକ ଓ ସମାଜ ସେବକ । ମୟୂରଭଞ୍ଜର ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଧାତିକିଡିହା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି । ଏହା ପୂର୍ବରୁ ସେ ଜଗତସିଂପୁର ଜିଲ୍ଲାର ମାତୃକୃପା ସାସିତ୍ୟ ସଂସଦ ଦ୍ୱାରା 'କବି ପ୍ରଜ୍ଞାନ ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି । ଯାଜପୁର ଜିଲ୍ଲାର ଅବିମନ୍ୟୁ ସାହିତ୍ୟ ସୃଜନୀ ତରଫରୁ ସେ 'ଅଭିମନ୍ୟୁ ସଂସ୍କୃତି ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି । ଶ୍ରୀ ବେହେରା ମଧ ଦେଶ ବିଦେଶରୁ ଓଡିଆ ଓ ଇଂରାଜୀ ଭାଷାରେ କବିତା ରଚନାକରି ବିଭିନ୍ନ ଆନ୍ତର୍ଯାତିକ ଅନୁଷ୍ଠାନରୁ ଅନେକ ପ୍ରଶଂସା ପାଇଛନ୍ତି ।

# କପାସିଆ ରାସ୍ତାର ଦୂରାବସ୍ଥା ଲାଗି ତାତିଲେ ଦୁଇ ବ୍ଲକବାସୀ : ୫ଘଣ୍ଟା ଧରି ରାସ୍ତା ଅବରୋଧ



ଜଳେଶ୍ୱର,୨୩/୫ (ନି.ପ୍ର): କପାସିଆ ବାଣିଜ୍ୟିକ ରାସ୍ତାର ଦୂରାବସ୍ଥା ଦୁର୍ଗମ ଥିବାରୁ ୨୦୧୪ ମସିହାରେ ତତ୍‌କାଳୀନ ସାଂସଦ ଇଂ ରବିନ୍ଦ୍ର ଜେନା ଓ ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପ୍ରଚେଷ୍ଟାରେ ମୋଟ ୧୫ କି.ମି. ରାସ୍ତା ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୫ କି.ମି. ରାସ୍ତାଲାଗି ୫କୋଟି ବ୍ୟୟ ବରାଦ ହୋଇଥିଲା । ସେହିପରି ୨୦୧୮ ମସିହାରେ ଅନ୍ୟ ୫ କି.ମି. ଲାଗି ୬.୫ କୋଟି ଟଙ୍କା ବ୍ୟୟ ହୋଇ ରାସ୍ତା ନିର୍ମାଣ ଶେଷ ହୋଇଛି । କିନ୍ତୁ ଅନ୍ୟ ୫ କି.ମି ରାସ୍ତା ଦୀର୍ଘବର୍ଷ ଧରି ଖାଲ ଖମା, ଗର୍ତ୍ତରେ ଭର୍ତ୍ତି ହୋଇଥିଲେ ମଧ୍ୟ ମରାମତି ହେବାର ନାଁ ଧରୁନାହିଁ । ୩ବର୍ଷ ପୂର୍ବେ ରାସ୍ତାକୁ ଠିକା ନେଇଥିବା ଠିକାଦାରର ମୃତ୍ୟୁ ଯୋଗୁଁ ତାହା ସେହିପରି ପଡି ରହିଥିଲା । ଜଳେଶ୍ୱରର ବର୍ତ୍ତନା, ଖୁଲୁଡା, ପଶ୍ଚିମବାର୍ଡ, ଦେବକୁମାର, ବାଇଗଣବାଡିଆ, ଝାଡପିମ୍ପଳ ଓ ବାଲିଆପାଳର ୮ଟି ପଂଚାୟତର ଲୋକେ ଏହି ରାସ୍ତାରେ ଯାତାୟାତ କରିଥାନ୍ତି । ଡଗରା ବେଳାଭୂମୀଠାରୁ ପୂର୍ବ ଓ ପଶ୍ଚିମ ମେଦିନୀପୁର ଯିବା ଲାଗି ଏହି ରାସ୍ତା ବ୍ୟବହୃତ ହେଉଥିବା ବେଳେ ସୁବର୍ଣ୍ଣରେଖା ନଦୀକୂଳ ଉପରୋକ୍ତ ପଂଚାୟତର କୃଷିଜାତ ଦ୍ରବ୍ୟ ଓ ଯାତାୟାତ ଏହି ରାସ୍ତାରେ ହୋଇଥାଏ । ବାଲିଆପାଳ ଓ ସିଂଲା ଅଂଚଳରୁ ଜଳେଶ୍ୱର ରେଳ ରାସ୍ତାକୁ ଯିବାଲାଗି ଏହା ଏକମାତ୍ର ରାସ୍ତା । ଫଳରେ ଏହି ରାସ୍ତାରେ ପ୍ରତ୍ୟେହ ହଜାର ହଜାର ଦୁଇଚକିଆ ଓ ୪ଚକିଆ ଯାନ ଯିବା ଆସିବା କରିଥାଏ । ପୂର୍ବ ସୂଚନା ଅନୁଯାୟୀ ଆଜି ସକାଳେ ଉତ୍ସବ ଚରଣ ଗାଜିଆଣି ଚଣ୍ଡି ଉଚ୍ଚ ମାଧ୍ୟମିକ ସ୍କୁଲ ଓ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏ ଅଂଚଳବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା । ପୂର୍ବତନ ସରପଂଚ ପଦ୍ମଲୋଚନ ବେହେରା, ପଂଚାୟତ ସମିତି ସଦସ୍ୟ ତ୍ରିଲୋଚନା ଦାସ, ବିନୋଦ ମାରାଣ୍ଡି, ସରପଂଚ ସମ୍ଭୁନାଥ ଜେନା, ରାଧାରମଣ ଦାସ, ସୁଧିର କୁମାର ସାମଲ, ଅଂଜନ କୁମାର ପ୍ରମାଣିକ, ବାଂଗରା ମାରାଣ୍ଡି, ଭବାନୀ ଶଂକର ଜେନା, ଭୂପତି ମିର୍ଦ୍ଧା, ସମିତି ସଦସ୍ୟ ହରିଶଚନ୍ଦ୍ର ମହାଳିକ, ହେମନ୍ତ ଗିରି, ରାଜୀବ ଲୋଚନ ପରିଡା ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଦୀର୍ଘ ୫ ଘଣ୍ଟା ଧରି ଚାଲିଥିଲା । ଶାନ୍ତିଶୃଙ୍ଖଳା ଲାଗି ଜଳେଶ୍ୱର ପୁଲିସ୍ ସେଠାରେ ଉପସ୍ଥିତ ଥିବା ବେଳେ ପୂର୍ତ୍ତବିଭାଗର ସ୍ଥାନୀୟ ଅଧିକାରୀ ନିହାର ରଂଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ୨ଦିନ ମଧ୍ୟରେ ୯କୋଟି୮୭ ଲକ୍ଷ ଟଙ୍କାର ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାର ପ୍ରତିଶୃତ ଦେଇଥିଲେ । ୪କି.ମି. ୭୦୦ମିଟର ରାସ୍ତା ନବିକରଣ ଓ ମରାମତି ହେବା ସହିତ ୪ଶହ ମିଟର ଜଳନିଷ୍କାସନ ରାସ୍ତା ନିର୍ମାଣ ହେବ ବୋଲି ଶ୍ରୀ ବେହେରା ସୂଚନା ଦେବାରୁ ରାସ୍ତା ଅବରୋଧ ବନ୍ଦ ହୋଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo